୬

କମନଓ୍ବେଲ୍ଥ ଚାମ୍ପିଅନମାନଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ-୩୩ ● ସଂଖ୍ୟା-୧୯୧ ● ୧୦ ଅଗଷ୍ଟ ୨୦୨୬ ସୋମବାର ● ଭୁବନେଶ୍ୱର ● Vol -33 ● Issue-191 ● 10th August 2026, Monday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27

# 'ହର୍ ଘର୍ ତ୍ରିରଙ୍ଗା' ଅଭିଯାନ ଜନ ଆନ୍ଦୋଳନରେ ପରିଣତ



**ଭୁବନେଶ୍ୱର, ୯ ।୮**

**ନ୍ୟୁଜ୍ ବ୍ୟୁରୋ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନରେ 'ହର୍ ଘର୍ ତ୍ରିରଙ୍ଗା ' ଅଭିଯାନ ଜନ ଆନ୍ଦୋଳନରେ ପରିଣତ ହୋଇଛି। ଏହା ପ୍ରତ୍ୟେକ ଭାରତୀୟଙ୍କ ହୃଦୟରେ ଦେଶପ୍ରେମର ତରଙ୍ଗ ସୃଷ୍ଟି କରିଛି। 'ତ୍ରିରଙ୍ଗା ହେଉଛି ଆମ ପରିଚୟ ଓ ଆମ ସ୍ୱାଭିମାନ'। ରବିବାର ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ଥାନୀୟ ହାତୀଆଶୁଣୀ ପଡ଼ିଆଠାରେ 'ଘରେ ଘରେ ତ୍ରିରଙ୍ଗା' କାର୍ଯ୍ୟକ୍ରମର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଆମର ଏକତା ଯେ କୌଣସି ବାହ୍ୟ ଶତ୍ରୁକୁ ପରାହତ କରିପାରିବ। ଯୁବଶକ୍ତିର ଏକ ହିଁ ସ୍ୱର, ସୁରକ୍ଷିତ ହେବ ଦେଶ ଆମର'। ସମସ୍ତେ ନିଜ ଘରେ ତ୍ରିରଙ୍ଗା ଉଡ଼ାନ୍ତୁ। ଆଜି ଦେଶ ଦ୍ରୁତ ଗତିରେ ଆଗେଇ ଚାଲିଛି। ଅର୍ଥନୀତିରେ ଆମେ ଚତୁର୍ଥ ସ୍ଥାନରେ ଅଛୁ। 'ଦେଶର ବିକାଶରେ ଓଡ଼ିଶାର ଭୂମିକା ଗୁରୁତ୍ୱପୂର୍ଣ୍ଣ। 'ଯୁବବର୍ଗଙ୍କୁ ସବୁ ପ୍ରକାର ସହଯୋଗ କରୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ କନକବର୍ଦ୍ଧନ ସିଂହଦେଓ, କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ରାଜ୍ୟସଭା ସାଂସଦ ତଥା ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ବିଜେପି ରାଜ୍ୟ ପ୍ରଭାରୀ ବିଜୟ ସିଂ ତୋମର୍ ପ୍ରମୁଖ ଉପସ୍ଥିତ ଥିଲେ।

ପବିତ୍ର ଅଗଷ୍ଟ କ୍ରାନ୍ତି ଦିବସ ଅବସରରେ ଭୁବନେଶ୍ୱରଠାରେ 'ଘରେ ଘରେ ତ୍ରିରଙ୍ଗା' ଅଭିଯାନର ଐତିହାସିକ ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଅବସରରେ ଅଗଷ୍ଟ ୯ ରୁ ୧୭ ତାରିଖ ପର୍ଯ୍ୟନ୍ତ ରାଜ୍ୟର ପ୍ରତ୍ୟେକ ଗ୍ରାମ, ପଞ୍ଚାୟତ, ସହର, ଘର, ବିଦ୍ୟାଳୟ ଓ କାର୍ଯ୍ୟାଳୟରେ ଗୌରବର ସହ ଜାତୀୟ ପତାକା ଉଡ଼ାଇବାକୁ ସେ ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କୁ ନିବେଦନ କରିଛନ୍ତି।

ନିଜ ଅଭିଭାଷଣ ସ୍ୱାଧୀନତା ସଂଗ୍ରାମୀ, ବୀର ଶହୀଦ ଏବଂ ଓଡ଼ିଶାର ଅମର ପୁତ୍ରମାନଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୧୯୪୨ ଅଗଷ୍ଟ ୯ ରେ ମୁମ୍ବାଇର ଅଗଷ୍ଟ କ୍ରାନ୍ତି ମଇଦାନରୁ ଆରମ୍ଭ ହୋଇଥିବା 'ଭାରତ ଛାଡ଼' ଆନ୍ଦୋଳନ ସ୍ୱାଧୀନତା ସଂଗ୍ରାମକୁ ନୂଆ ଦିଗଦର୍ଶନ ଦେଇଥିଲା। ଜାତୀୟ ପତାକା 'ତ୍ରିରଙ୍ଗା' କେବଳ ତିନୋଟି ରଙ୍ଗର ସମାହାର ନୁହେଁ, ବରଂ ଏହା ୧୪୦ କୋଟି ଭାରତୀୟଙ୍କ ସ୍ୱାଭିମାନ, ଗୌରବ ଓ ଆକାଂକ୍ଷାର ପ୍ରତୀକ। କେଶରୀ ରଙ୍ଗ ସାହସ ଓ ତ୍ୟାଗ, ଶ୍ୱେତ ରଙ୍ଗ ଶାନ୍ତି ଓ ସତ୍ୟ, ସବୁଜ ରଙ୍ଗ ସମୃଦ୍ଧି ଏବଂ ମଝିରେ ଥିବା ଅଶୋକ ଚକ୍ର ନିରନ୍ତର *(ପୃଷ୍ଠା ୭ରେ)*

# ଅରୁଣାଚଳ ପ୍ରଦେଶର ନୂଆ ମାନଚିତ୍ର ଜାରି କଲା ଭାରତ

**ନୂଆଦିଲ୍ଲୀ, ୯ ।୮**

ଚୀନ୍ ସୀମାନ୍ତରେ ନିଜର ଆଞ୍ଚଳିକ ଓ ପ୍ରଶାସନିକ ସ୍ଥିତିକୁ ଆହୁରି ସୁଦୃଢ଼ କରିବା ପାଇଁ ଭାରତ ସରକାର ଅରୁଣାଚଳ ପ୍ରଦେଶର ଏକ ନୂଆ ନକ୍ସା ବା ସରକାରୀ ମାନଚିତ୍ର ଜାରି କରିଛନ୍ତି। ଏହି ନୂତନ ମାନଚିତ୍ରରେ ୧୯୬୨ ଭାରତ-ଚୀନ୍ ଯୁଦ୍ଧ ସହ ଜଡ଼ିତ କେତେକ ଐତିହାସିକ ସ୍ଥାନ ସମେତ ସୀମାନ୍ତରେ ଥିବା ରଣନୈତିକ ଗୁରୁତ୍ୱପୂର୍ଣ୍ଣ ପାସ, ହ୍ରଦ ଏବଂ ଜନବସତିକୁ ବିଶେଷ ପ୍ରାଧାନ୍ୟ ଦିଆଯାଇଛି। ନୂଆଦିଲ୍ଲୀରେ ଆସନ୍ତା ସେପ୍ଟେମ୍ବର ୧୨-୧୩ ରେ ଅନୁଷ୍ଠିତ ହେବାକୁ ଥିବା ବ୍ରିକ୍ସ ଶିଖର ସମ୍ମିଳନୀ ପୂର୍ବରୁ ଭାରତର ଏହି ପଦକ୍ଷେପ ବେଶ୍ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଛି, ଯେଉଁଥିରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ଭାରତ ଏହି ସଂଶୋଧିତ ମାନଚିତ୍ରରେ ମୋଟ ୨୭ଟି ପ୍ରମୁଖ ସ୍ଥାନ ଓ ଭୌଗୋଳିକ ଚିହ୍ନକୁ ଆନୁଷ୍ଠାନିକ ଭାବେ ସାମିଲ କରିଛି। ଏଥିରେ ୪ଟି ଗୁରୁତ୍ୱପୂର୍ଣ୍ଣ ପାର୍ବତ୍ୟ ପାସ୍ 'ଜୋ ଲା', 'ରିଜା ଲା', 'ପୁକୁର ଲା' ଏବଂ 'ଥାଗ୍ ଲା' ଅନ୍ତର୍ଭୁକ୍ତ ରହିଛି। ୧୯୬୨ ଯୁଦ୍ଧର ପ୍ରାରମ୍ଭିକ ପର୍ଯ୍ୟାୟ ସହ ଜଡ଼ିତ ଥିବାରୁ 'ଥାଗ୍ ଲା'ର ସାମିଲ ହେବା ସାମରିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ଏହା ବ୍ୟତୀତ ତୱାଙ୍ଗ ନିକଟସ୍ଥ ଉଚ୍ଚ ସ୍ଥାନରେ ଅବସ୍ଥିତ 'ସଙ୍ଗେ ସରୋବର' ହ୍ରଦ, ଲଙ୍ଗଜୁ, ମାଜା, ବିସା, ଜୟରାମପୁର, ଯଶବନ୍ତ ଗଡ଼ ସମେତ ୨୧ଟି ଭୌଗୋଳିକ ସ୍ଥାନ ଏବଂ ୧୯୬୨ ଯୁଦ୍ଧର ଅମର ଶହୀଦ ହାବିଲଦାର ଶେର-ଇ-ଥାପାଙ୍କ ସ୍ମୃତିରେ ନିର୍ମିତ 'ଶେର-ଇ-ଥାପା ମେମୋରିଆଲ'କୁ ଏହି ନୂତନ ମାନଚିତ୍ରରେ ସ୍ଥାନ ଦିଆଯାଇଛି।



ଚୀନ୍ ଦୀର୍ଘ ଦିନରୁ ଅରୁଣାଚଳ ପ୍ରଦେଶକୁ 'ଜାଙ୍ଗନାନ' କିମ୍ବା 'ଦକ୍ଷିଣ ତିବ୍ବତ' କହି ନିଜର ଦାବି କରିଆସୁଛି ଏବଂ ୨୦୧୭ରୁ ୨୦୨୩ ମଧ୍ୟରେ ଅରୁଣାଚଳର ବିଭିନ୍ନ ସ୍ଥାନର ନାମ ବଦଳାଇ ଚାଇନିଜ୍ ନାମ ରଖିବାକୁ ଚେଷ୍ଟା କରିଛି। ଭାରତ ସଦାସର୍ବଦା ଚୀନର ଏହି ଦାବିକୁ ପ୍ରତ୍ୟାଖ୍ୟାନ କରି ଅରୁଣାଚଳ ପ୍ରଦେଶକୁ ଦେଶର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ଦୋହରାଇ ଆସିଛି। ଚୀନର ନାମକରଣ ଚାଲକୁ କାଉଣ୍ଟର କରିବା ଏବଂ ନିଜ ସୀମା ଭିତରେ ଥିବା ସ୍ଥାନଗୁଡ଼ିକର ଭାରତୀୟ ନାମକୁ ସରକାରୀ ଭାବେ ନଥିଭୁକ୍ତ କରିବା ପାଇଁ ଭାରତର ଏହି ନୂଆ ମାନଚିତ୍ର ଏକ ବଳିଷ୍ଠ ଭୌଗୋଳିକ ଓ ରଣନୈତିକ ଜବାବ ଅଟେ। ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିକଟରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଭାରତ-ଚୀନ୍ ସୀମା ବିବାଦ ସମ୍ପର୍କିତ ୩୬ତମ 'ଡବ୍ଲ୍ୟୁଏମସିସି' ବୈଠକ ପରେ ସାମ୍ନାକୁ ଆସିଛି। ସୀମାରେ ଶାନ୍ତି ପ୍ରତିଷ୍ଠା ଏବଂ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଧାରିବା ପାଇଁ ଆଲୋଚନା ଜାରି ରହିଥିବା ବେଳେ, ନିଜର ଭୌଗୋଳିକ ସୀମା ଓ ଆଞ୍ଚଳିକ ସାର୍ବଭୌମତ୍ୱକୁ ସୁରକ୍ଷିତ ରଖିବା ପାଇଁ ଭାରତ ସମ୍ପୂର୍ଣ୍ଣ ସ୍ପଷ୍ଟ ନୀତି ଆପଣାଇଥିବା ଏହି ନୂତନ ମାନଚିତ୍ର ପ୍ରକାଶରୁ ସ୍ପଷ୍ଟ ହୋଇଛି।

## ହୀରାକୁଦରେ ଖୋଲିଲା ଆଉ ୪ ସ୍ଲୁଇସ୍ ଗେଟ୍

**ଭୁବନେଶ୍ୱର, ୯ ।୮**

**ନ୍ୟୁଜ୍ ବ୍ୟୁରୋ**

ରବିବାର ସକାଳ ୬ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରରୁ ମୋଟ୍ ୮ଟି ସ୍ଲୁଇସ୍ ଗେଟ୍ ଦେଇ ମହାନଦୀକୁ ବନ୍ୟାଜଳ ନିଷ୍କାସନ ହେଉଥିବା ବେଳେ ପରେ ସ୍ଥିତିକୁ ଦେଖି ପୂର୍ବାହ୍ନ ୯ଟା ସୁଦ୍ଧା ପର୍ଯ୍ୟାୟ କ୍ରମେ ଆଉ ୪ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇଛି । ମୋଟ୍ ୧୨ଟି ସ୍ଲୁଇସ୍ ଗେଟ୍ ଦେଇ ମହାନଦୀକୁ ବନ୍ୟାଜଳ ନିଷ୍କାସନ ଜାରି ରହିଛି । ଜଳଭଣ୍ଡାରର ବାମ ପାର୍ଶ୍ୱ ଡାଇକ୍‌ର ୮ଟି ଏବଂ ଡାହାଣ ପାର୍ଶ୍ୱ *(ପୃଷ୍ଠା ୭ରେ)*

## ଓଡ଼ିଶା ହାଇକୋର୍ଟରେ ୨ ଜଜ୍‌ଙ୍କ ବଦଳି ପାଇଁ ସୁପ୍ରିମକୋର୍ଟ କଲେଜିୟମର ସୁପାରିସ

**ନୂଆଦିଲ୍ଲୀ/କଟକ, ୯ ।୮**

ଓଡ଼ିଶା ହାଇକୋର୍ଟରେ କାର୍ଯ୍ୟରତ ଦୁଇ ଜଣ ବିଚାରପତିଙ୍କୁ ଅନ୍ୟ ରାଜ୍ୟର ହାଇକୋର୍ଟକୁ ବଦଳି କରିବା ପାଇଁ ସୁପ୍ରିମକୋର୍ଟ କଲେଜିୟମ ସୁପାରିସ କରିଛନ୍ତି। ଗତ ୬ ତାରିଖରେ ଅନୁଷ୍ଠିତ କଲେଜିୟମ ବୈଠକରେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିବା ରବିବାର ପ୍ରକାଶ ପାଇଛି। ସୁପାରିସ ଅନୁଯାୟୀ, ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ ମାନସ ରଞ୍ଜନ ପାଠକଙ୍କୁ ଗୁଜରାଟ ହାଇକୋର୍ଟକୁ ବଦଳି କରିବା ପାଇଁ ପ୍ରସ୍ତାବ ଦିଆଯାଇଛି।




ସେହିପରି ଅନ୍ୟ ଜଣେ ବିଚାରପତି ଜଷ୍ଟିସ କୃଷ୍ଣ ରାମ ମହାପାତ୍ରଙ୍କୁ ଓଡ଼ିଶା ହାଇକୋର୍ଟରୁ ଛତିଶଗଡ଼ ହାଇକୋର୍ଟକୁ ବଦଳି କରିବା ପାଇଁ କଲେଜିୟମ ସୁପାରିସ କରିଛନ୍ତି।

ବିଚାରପତିମାନଙ୍କର ଏହି ପ୍ରସ୍ତାବିତ ବଦଳି ପ୍ରକ୍ରିୟା ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ଅନୁମୋଦନ ଅପେକ୍ଷାରେ ରହିଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଏବାବଦରେ ଆବଶ୍ୟକ ଆନୁଷ୍ଠାନିକ ବଦଳି ବିଜ୍ଞପ୍ତି ଜାରି ହେବା ପରେ ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହେବ। ବିଭିନ୍ନ ହାଇକୋର୍ଟରେ ବିଚାରପତିମାନଙ୍କର ନିୟମିତ ଅଦଳବଦଳ ପ୍ରକ୍ରିୟାର ଏକ ଅଂଶ ବିଶେଷ ଭାବେ ସୁପ୍ରିମକୋର୍ଟ କଲେଜିୟମ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି।

## ତୀର୍ଥଯାତ୍ରୀବାହୀ ଭ୍ୟାନ୍-ଟ୍ରଲି ଧକ୍କା : ୬ ଜଣଙ୍କ ମୃତ୍ୟୁ

**ଧାର, ୯ ।୮**

ରବିବାର ଅପରାହ୍ନରେ ମଧ୍ୟପ୍ରଦେଶର ଧାର ଜିଲ୍ଲାର ବଦନାୱାର-ଉଜ୍ଜୟିନୀ ଚାରି ଲେନରେ ଏକ ଭୟଙ୍କର ଦୁର୍ଘଟଣାରେ ଗୁଜରାଟର ୬ ଜଣ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ଘଟିଛି। ସମସ୍ତ ତୀର୍ଥଯାତ୍ରୀ ଏକ ମାରୁତି ଇକୋ ଭ୍ୟାନରେ ଉଜ୍ଜୈନର ମହାକାଳ ପରିଦର୍ଶନ କରି ଗୁଜରାଟକୁ ଫେରୁଥିଲେ। ବାଟରେ ଭୁଲ ଦିଗରୁ ଆସୁଥିବା ଏକ ଅନିୟନ୍ତ୍ରିତ ଟ୍ରଲି ତାଙ୍କ ଭ୍ୟାନକୁ ଜୋରରେ ଧକ୍କା ଦେଇଥିଲା, ଯାହାଫଳରେ ଦୁର୍ଘଟଣା ଘଟିଥିଲା।

ପୋଲିସର କହିବା *(ପୃଷ୍ଠା ୭ରେ)*



## ଆଜିର ମୁଖ୍ୟ ଖବର

- ପୁଡୁଚେରୀ ପୋଲିସକୁ ସମ୍ମାନଜନକ 'ରାଷ୍ଟ୍ରପତିଙ୍କ ପୋଲିସ କଲର' ହସ୍ତାନ୍ତର କଲେ ଗୃହମନ୍ତ୍ରୀ ଅମିତ ଶାହ।
- ମଣିପୁରରେ ନିଷିଦ୍ଧ ଆତଙ୍କବାଦୀ ସଙ୍ଗଠନର ପାଞ୍ଚ ଜଣ ଉଗ୍ରବାଦୀ କ୍ୟାଡର ଗିରଫ।
- ଆସାମରେ ବନ୍ୟା ଯୋଗୁଁ ୧୨ଟି ଜିଲ୍ଲାର ୧୪୭୩୭୬ ଲୋକ ପ୍ରଭାବିତ, ଆଉ ଗୋଟିଏ ମୃତଦେହ ଉଦ୍ଧାର।
- ମଲପ୍ପୁରମ ବେଆଇନ ବିସ୍ଫୋରକ ମାମଲାରେ ମୁଖ୍ୟ ଷଡ଼ଯନ୍ତ୍ରକାରୀଙ୍କୁ ଗିରଫ କଲା ଏନଆଇଏ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୨୩୫ (+୦)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩, ୭୪୦ (+୦)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୪୨୬ (+୦)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୪୫ (+୦)

## ଆଇଆଇଆରଏଫ୍ ର୍‍ୟାଙ୍କିଂରେ ଓଡ଼ିଶାର ୩ ପ୍ରମୁଖ ସରକାରୀ ମେଡିକାଲ କଲେଜ

**ଭୁବନେଶ୍ୱର, ୯ ।୮**

**ନ୍ୟୁଜ୍ ବ୍ୟୁରୋ**

ଇଣ୍ଡିଆନ ଇନ୍‌ଷ୍ଟିଟ୍ୟୁସନାଲ୍ ର୍‍ୟାଙ୍କିଂ ଫ୍ରେମୱାର୍କ-୨୦୨୬ରେ ରାଜ୍ୟର ତିନି ପ୍ରମୁଖ ସରକାରୀ ମେଡିକାଲ କଲେଜ ଉଲ୍ଲେଖନୀୟ ସ୍ଥାନ ହାସଲ କରିଛନ୍ତି। ସେଗୁଡ଼ିକ ହେଲେ, ଏସସିବି ମେଡିକାଲ କଲେଜ ୧୫ତମ, ଭିମସାର ୬୪ତମ ଓ ଏମକେସିଜି ମେଡିକାଲ କଲେଜ ୭୪ତମ ସ୍ଥାନରେ, ୧୬ତମ ସ୍ଥାନରେ ଏମ୍ସ ଭୁବନେଶ୍ୱର ରହିଛି।

ପ୍ରଥମ ଥର ପାଇଁ ଓଡ଼ିଶାର ଏକ ସରକାରୀ ମେଡିକାଲ କଲେଜ ଏହାର ଏମ୍ସ ସମକକ୍ଷ ଏମ୍ସ ଭୁବନେଶ୍ୱରକୁ ପଛରେ ପକାଇ ଏହି ର୍‍ୟାଙ୍କିଂରେ ଆଗରେ ରହିଛି। ଏସସିବି ୧୫ତମ ସ୍ଥାନରେ ଥିବା ବେଳେ ୧୬ତମ ସ୍ଥାନରେ ଏମ୍ସ ଭୁବନେଶ୍ୱର ଅଛି।




ଏହି ସଫଳତା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା ମୁକେଶ ମହାଲିଙ୍ଗ ସ୍ଥାନ ପାଇଥିବା ମେଡିକାଲ କଲେଜର ସମସ୍ତ ଡାକ୍ତର, ଶିକ୍ଷକ, ଛାତ୍ରଛାତ୍ରୀ, ନର୍ସିଂ ଅଧିକାରୀ, ସ୍ୱାସ୍ଥ୍ୟକର୍ମୀ, ପ୍ରଶାସନିକ ଅଧିକାରୀ ଓ ସମସ୍ତ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ମନ୍ତ୍ରୀ କହିଛନ୍ତି ଯେ, ' ଏହି ର୍‍ୟାଙ୍କିଂ ଆମ ପାଇଁ କେବଳ ଏକ ସଫଳତା ନୁହେଁ, ବରଂ ଓଡ଼ିଶାର ସରକାରୀ ମେଡିକାଲ କଲେଜଗୁଡ଼ିକୁ ଜାତୀୟ *(ପୃଷ୍ଠା ୭ରେ)*

## ଇରାନ ଉପରେ ଇସ୍ରାଏଲର ନୂଆ ଆକ୍ରମଣ ଆଶଙ୍କା

**ୱାଶିଂଟନ, ୯ ।୮**

ଇରାନ ଉପରେ ପୁଣି ଆକ୍ରମଣ ପାଇଁ ଇସ୍ରାଏଲ ପ୍ରସ୍ତୁତ ହେଉଥିବା ନେଇ ଆଶଙ୍କା ବଢ଼ିଛି। ଇସ୍ରାଏଲ ସେନା ସମସ୍ତ ସାମରିକ ଛୁଟି ବାତିଲ୍ କରିଥିବା ଖବର ଆସିବା ପରେ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଆମେରିକାର ସମର୍ଥନ ବିନା ଇରାନ ବିରୋଧରେ ନୂଆ ସାମରିକ କାର୍ଯ୍ୟାନୁଷ୍ଠାନ ଯୋଜନା କରୁଛନ୍ତି କି ବୋଲି ପ୍ରଶ୍ନ ଉଠିଛି।

ରିପୋର୍ଟ ଅନୁସାରେ, ୱାଶିଂଟନ ଏବେ ଯୁଦ୍ଧକୁ ଆହୁରି ବଢ଼ାଇବା ପରିବର୍ତ୍ତେ ଉତ୍ତେଜନା ହ୍ରାସ କରିବାର ରାସ୍ତା ଖୋଜୁଛି। ଏହି ସମୟରେ ଆମେରିକାର ସେଣ୍ଟ୍ରାଲ୍ କମାଣ୍ଡର ମୁଖ୍ୟ ଆଡମିରାଲ୍ ବ୍ରାଡ୍ କୁପର ଇସ୍ରାଏଲରେ ପହଞ୍ଚିଛନ୍ତି। ସେ ଇସ୍ରାଏଲୀ ସେନାର ମୁଖ୍ୟ ଲେଫ୍ଟନାଣ୍ଟ ଜେନେରାଲ୍ ଏୟାଲ୍ ଜମିର ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଇସ୍ରାଏଲ ସେନା ପୂର୍ବରୁ ମଧ୍ୟ ଏଭଳି ପଦକ୍ଷେପ ନେଇଥିଲା। ଫେବ୍ରୁୟାରୀ ୨୬ରେ ସମସ୍ତ ସାମରିକ ଛୁଟି ବାତିଲ୍ କରିବାର କିଛି ଦିନ ପରେ ଇରାନର ସର୍ବୋଚ୍ଚ ନେତାଙ୍କ ସହ ସମ୍ପୃକ୍ତ ସ୍ଥାନକୁ ଆକ୍ରମଣ କରାଯାଇଥିଲା। ଏବେ ପୁଣି ସମାନ ପଦକ୍ଷେପ ନିଆଯିବାରୁ ଇସ୍ରାଏଲ ନୂଆ ଅଭିଯାନ ପାଇଁ ପ୍ରସ୍ତୁତ ହେଉଥିବା ଚର୍ଚ୍ଚା ହେଉଛି।



ରିପୋର୍ଟ ଅନୁସାରେ, ଇସ୍ରାଏଲ ଆମେରିକାର ଅନୁମତି *(ପୃଷ୍ଠା ୭ରେ)*

## ଏଫଡିଆଇ ମଞ୍ଜୁରୀ ସୀମା ୩ ଗୁଣା ବଢ଼ିବ

**ନୂଆଦିଲ୍ଲୀ, ୯ ।୮**

ଦେଶରେ ସମ୍ପ୍ରତି ୫୦୦୦ କୋଟି ଟଙ୍କାରୁ ଅଧିକ ପ୍ରତ୍ୟକ୍ଷ ବିଦେଶୀ ନିବେଶ (ଏଫଡିଆଇ) ନିବେଶ କରିବାକୁ ହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଥିବା ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ମଞ୍ଜୁରୀ ଆବଶ୍ୟକ ପଡ଼ୁଛି। ତେବେ ସରକାର ଉକ୍ତ ସୀମାକୁ ୩ ଗୁଣା ବଢ଼ାଇ ୧୫ ହଜାର କୋଟି ଟଙ୍କା କରିବାକୁ ଯୋଜନା କରୁଛନ୍ତି। ବର୍ତ୍ତମାନ ଏହା ଆଲୋଚନା ପର୍ଯ୍ୟାୟରେ ରହିଛି ।ସରକାର ବ୍ୟବସାୟ ବାତାବରଣକୁ ଅନୁକୂଳ କରିବା ଉପରେ କାର୍ଯ୍ୟ କରୁଛନ୍ତି। ସିସିଇଏ ନିକଟକୁ ପ୍ରସ୍ତାବ ନପଠାଇ ମନ୍ତ୍ରଣାଳୟଗୁଡ଼ିକ ଯେଭଳି ଅଧିକ ମୂଲ୍ୟର ଏଫଡିଆଇକୁ ଅନୁମତି ଦେଇପାରିବେ ତାହାକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମ ହାତକୁ ନିଆଯିବ। ସିସିଇଏର ବିଚାର ପାଇଁ ପଠାଯାଉଥିବା ଏଫଡିଆଇ ନିବେଶ ପ୍ରସ୍ତାବର ସୀମାକୁ *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ନାଁକୁ ମାତ୍ର ରାଇଜେ ଆମର
ସବୁ ତକ ସ୍ମାର୍ଟ ସିଟି
ଖାଲଖମା ରାସ୍ତା ଆଉ
ଡ୍ରେନ୍ ପାଣି ଆସେ ଛୁଟି
ଇଏ ଜନତାଙ୍କୁ ଭେଟି !
ମାଲମାଲ ଅବ୍ୟବସ୍ଥାକୁ ନେଇ
ଚୁପ୍ କାହିଁକି ପାଟି ?

# ଉତ୍ତରଦାୟିତ୍ୱ ବିନା ପ୍ରଶାସନ କେତେ ପ୍ରଭାବଶାଳୀ ?



**ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ**
ନୀଳାଦ୍ରି ବିହାର, ଭୁବନେଶ୍ୱର
ମୋ-୯୪୩୯୪୯୦୦୦୯

ଆମ ଦେଶରେ ଜନସାଧାରଣଙ୍କ ସେବା ପାଇଁ ବିଭିନ୍ନ ଆଇନ ଅନୁସାରେ ସରକାରୀ ଅଧିକାରୀମାନଙ୍କ ଉପରେ ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ ନ୍ୟସ୍ତ ହୋଇଛି। କିନ୍ତୁ ପ୍ରଶ୍ନ ହେଉଛି ଯେଉଁ ଅଧିକାରୀଙ୍କ ଉପରେ ଏକ ଆଇନଗତ କର୍ତ୍ତବ୍ୟ ନ୍ୟସ୍ତ ହୋଇଛି, ସେ ଯଦି ସେହି କର୍ତ୍ତବ୍ୟ ପାଳନ ନ କରନ୍ତି ବା ଅବହେଳା ପ୍ରଦର୍ଶନ କରନ୍ତି ତେବେ ତାଙ୍କର ବ୍ୟକ୍ତିଗତ ଉତ୍ତରଦାୟିତ୍ୱ ସ୍ୱୟଂଚାଳିତ ଭାବେ ନିର୍ଦ୍ଧାରଣ କରିବାର କୌଣସି ସାଧାରଣ ଓ ନିରନ୍ତର-ନିରୀକ୍ଷଣ-ବ୍ୟବସ୍ଥା, ଆମ ବ୍ୟବସ୍ଥାରେ ଅଛି କି ? କେତେକ ବିଶେଷ ଭାବେ ଆଇନ ଦ୍ୱାରା ବ୍ୟବସ୍ଥିତ କ୍ଷେତ୍ରକୁ ବାଦ ଦେଲେ, ଏହାର ଉତ୍ତର ସାଧାରଣତଃ "ନା"।

ବର୍ତ୍ତମାନର ବ୍ୟବସ୍ଥା, ମୁଖ୍ୟତଃ ପ୍ରତିକ୍ରିୟାତ୍ମକ (Reactive)। ଅର୍ଥାତ୍, କୌଣସି କର୍ତ୍ତବ୍ୟ ପାଳନରେ ବିଫଳତା ଘଟିଲା ପରେ ଏବଂ ସେହି ବିଫଳତା କାହାର ଅଭିଯୋଗ, ଅପିଲ, ଅଡିଟ୍, ନିରୀକ୍ଷଣ, ବିଭାଗୀୟ ତଦନ୍ତ କିମ୍ବା ନ୍ୟାୟିକ ହସ୍ତକ୍ଷେପ ମାଧ୍ୟମରେ ଉଚ୍ଚତର କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଆସିଲେ, ହିଁ, ତା'ପରେ ଦାୟିତ୍ୱ ନିର୍ଦ୍ଧାରଣର ପ୍ରକ୍ରିୟା ଆରମ୍ଭ ହୁଏ। ଅର୍ଥାତ୍, ବିଫଳତା ପ୍ରଥମେ ଘଟେ, ତା'ପରେ ତାହାର ବ୍ୟବଚ୍ଛେଦ ହୁଏ। ଅଭିଯୋଗ ଆସେ, ତା'ପରେ ଦାୟିତ୍ୱ ଖୋଜାଯାଏ।

କିନ୍ତୁ ଏହି ପ୍ରଶ୍ନଟି ଆମେ ନିଜକୁ କରିବା ଆବଶ୍ୟକ। କର୍ତ୍ତବ୍ୟ ପାଳନ ଚାଲୁଥିବା ସମୟରେ ତାହାର ନିରନ୍ତର ନିରୀକ୍ଷଣ ଓ ମୂଲ୍ୟାୟନ କାହିଁକି ହେବ ନାହିଁ ?

ଏକ ଆଧୁନିକ ଓ ଉତ୍ତରଦାୟୀ ପ୍ରଶାସନିକ ବ୍ୟବସ୍ଥାରେ କୌଣସି ଅଧିକାରୀ ନିଜର ଆଇନଗତ କର୍ତ୍ତବ୍ୟ ପାଳନ କରୁଛନ୍ତି କି ନାହିଁ ତାହା ଜାଣିବା ପାଇଁ ସାଧାରଣ ନାଗରିକଙ୍କୁ ଅଭିଯୋଗ କରିବା, ଦୌଡ଼ିବା, ଅପିଲ କରିବା କିମ୍ବା ଶେଷରେ ନ୍ୟାୟାଳୟର ଦ୍ୱାରସ୍ଥ ହେବାକୁ ପଡ଼ିବା ଉଚିତ କି ?

ଏଠାରେ ହିଁ "ଚିରସଚେତନ ଓ ଆଇନ ପ୍ରବର୍ତ୍ତନକାରୀ ବ୍ୟବସ୍ଥା" (Perpetual Vigilance and Law-Enforcing System)ର ଆବଶ୍ୟକତା ଅନୁଭବ ହୁଏ।

ଏପରି ବ୍ୟବସ୍ଥାରେ ଆଇନରେ ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ, ତାହା ପାଳନର ସମୟସୀମା ଏବଂ ସମ୍ପୃକ୍ତ ଅଧିକାରୀଙ୍କ ଦାୟିତ୍ୱର ପାଳନ, ଏକ ନିରନ୍ତର ଅନୁଧ୍ୟାନ-ପ୍ରକ୍ରିୟା ମାଧ୍ୟମରେ କରାଯିବା ଉଚିତ । କର୍ତ୍ତବ୍ୟ ପାଳନରେ ବିଳମ୍ବ କିମ୍ବା ବିଫଳତା ଘଟିଲେ, କେହି ଅଭିଯୋଗ କରିବା ପୂର୍ବରୁ ହିଁ ବ୍ୟବସ୍ଥା ନିଜେ ହିଁ ତାହାକୁ ଚିହ୍ନଟ କରିବ ଏବଂ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ ପାଇଁ ସ୍ୱୟଂଚାଳିତ ସଙ୍କେତ ଦେବ।

ଏହା କୌଣସି ଅଧିକାରୀଙ୍କୁ ଅନାବଶ୍ୟକ ଭାବେ ଦଣ୍ଡିତ କରିବାର ପ୍ରସ୍ତାବ ନୁହେଁ। ବରଂ ଏହାର ମୂଳ ଉଦ୍ଦେଶ୍ୟ ହେଉଛି "ଦାୟିତ୍ୱ ନିର୍ଦ୍ଧାରଣ"କୁ ଘଟଣା ପରବର୍ତ୍ତୀ ପ୍ରକ୍ରିୟା ନକରି, ପ୍ରଶାସନିକ ବ୍ୟବସ୍ଥାର ଏକ ଅବିଚ୍ଛିନ୍ନ ଅଂଶ କରିବ ।

ସରକାରୀ ବ୍ୟବସ୍ଥାର ସୁବିଧା ଓ ସେବାର ହିତାଧିକାରୀ ଥିବା ସମସ୍ତ ଶିକ୍ଷିତ ନାଗରିକ ସମାଜ, ଏହି ବିଷୟ ଉପରେ ଚିନ୍ତା କରନ୍ତୁ ଓ ନିଜ ମତାମତ ଦିଅନ୍ତୁ। କାରଣ, ଏକ ସୁଶାସନ ବ୍ୟବସ୍ଥା କେବଳ କାମ କରିବାର ବ୍ୟବସ୍ଥା ନୁହେଁ, ଏହା କାମ ଠିକ୍ ଭାବେ ହେଉଛି କି ନାହିଁ, ନ ହେଲେ କାହିଁକି ହେଉନାହିଁ ଏବଂ କିଏ ତାହା ପାଇଁ ଉତ୍ତରଦାୟୀ ତାହା ନିଜେ ଚିହ୍ନଟ କରିପାରୁଥିବା ବ୍ୟବସ୍ଥା ହେବା ଆବଶ୍ୟକ।

ଉତ୍ତରଦାୟିତ୍ୱ ବିନା ବ୍ୟବସ୍ଥା ଚାଲିବା ଉଚିତ ନୁହେଁ। ଉତ୍ତରଦାୟିତ୍ୱ ଚିହ୍ନଟ ପାଇଁ ନାଗରିକଙ୍କ ଅଭିଯୋଗର ଅପେକ୍ଷା କରୁଥିବା ବ୍ୟବସ୍ଥା ଠାରୁ, ନିଜର ବିଫଳତାକୁ ନିଜେ ଚିହ୍ନଟ କରିପାରୁଥିବା ବ୍ୟବସ୍ଥା ହିଁ, ପ୍ରକୃତ ସୁଶାସନର ପରିଚୟ।





# ସୋୟାବିନ୍ ତରକାରୀ ଖାଇ ୨୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅସୁସ୍ଥ : ମେଡିକାଲ୍‌ରେ ଭର୍ତ୍ତି

**ବାରିପଦା /ରାସଗୋବିନ୍ଦପୁର ନ୍ୟୁଜ ବ୍ୟୁରୋ**



ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ଚିଞ୍ଚଲଗଡ଼ି ଆସ୍ଥିତ ଶ୍ରୀମା ଶ୍ରୀ ଅରବିନ୍ଦ ରେସିଡେଣ୍ଟାଲ କଲେଜରେ ସୋୟାବିନ ବଡ଼ି ତରକାରୀ ଖାଇ ୨୦ରୁ ଅଧିକ ଛାତ୍ରଛାତ୍ରୀ ଅସୁସ୍ଥ ହୋଇପଡ଼ିଥିବା ଅଭିଯୋଗ ହୋଇଛି। ଅସୁସ୍ଥ ଛାତ୍ରଛାତ୍ରୀଙ୍କୁ ବସ୍ତା ମେଡିକାଲରେ ଚିକିତ୍ସା କରାଯାଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ଶୁକ୍ରବାର ରାତିରେ କଲେଜ ହଷ୍ଟେଲରେ ଛାତ୍ରଛାତ୍ରୀମାନେ ସୋୟାବିନ ବଡ଼ି ତରକାରୀ ସହ ଭାତ ଖାଇଥିଲେ। ତେବେ ରାତି ଅଧରୁ କିଛି ଛାତ୍ରଛାତ୍ରୀଙ୍କର ହଠାତ୍ ଦେହ ଖରାପ ହେବା ସହ ବାନ୍ତି ଓ ଅନ୍ୟାନ୍ୟ ଅସୁସ୍ଥତା ଦେଖାଦେଇଥିଲା। ପ୍ରଥମେ କିଛି ଛାତ୍ରଛାତ୍ରୀଙ୍କୁ ରାତିରେ ମେଡିକାଲ ନେଇ ଚିକିତ୍ସା କରାଯାଇଥିଲା। ପରେ ଭୋର ସମୟରେ ୮ ଜଣ ଛାତ୍ରଛାତ୍ରୀଙ୍କୁ ବସ୍ତା ମେଡିକାଲକୁ ଅଣାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଛାଡ଼ି ଦିଆଯାଇଥିବା ଜଣାପଡ଼ିଛି। ଘଟଣାକୁ ନେଇ କଲେଜ କର୍ତ୍ତୃପକ୍ଷଙ୍କ ଭୂମିକା ଉପରେ ମଧ୍ୟ ପ୍ରଶ୍ନ ଉଠିଛି। ଘଟଣା ସମ୍ପର୍କରେ ପ୍ରତିକ୍ରିୟା ନେବାକୁ ଗଣମାଧ୍ୟମ ପ୍ରତିନିଧିମାନେ କଲେଜରେ ପହଞ୍ଚିଥିବାବେଳେ କଲେଜ ପକ୍ଷରୁ କୌଣସି ଦାୟିତ୍ୱଶୀଳ ଅଧିକାରୀ ସାମ୍ନାକୁ ଆସିନଥିବା ଅଭିଯୋଗ ହୋଇଛି। ଜଣେ ୱାର୍ଡେନ୍ ମଧ୍ୟ ପ୍ରତିକ୍ରିୟା ନଦେଇ ଚାଲିଯାଇଥିବା କୁହାଯାଇଛି। ଅନ୍ୟପକ୍ଷରେ, କଲେଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଛାତ୍ରଛାତ୍ରୀମାନେ ପାଠ ପଢ଼ିବାକୁ ଚାହୁଁନଥିବାରୁ ବାହାନା କରୁଥିବା ଏବଂ ପିତ୍ତ ବାନ୍ତି ହେଉଥିବା କୁହାଯାଇଥିବା ଜଣାପଡ଼ିଛି। ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଅସୁସ୍ଥ ଛାତ୍ରଛାତ୍ରୀଙ୍କ ସହ ଦେଖା କରିବାକୁ ମଧ୍ୟ ଅନୁମତି ଦିଆଯାଇନଥିବା ଅଭିଯୋଗ ହୋଇଛି।ଡାକ୍ତରଙ୍କ କହିବା ଅନୁସାରେ ଅସୁସ୍ଥ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ତେବେ ଗଣମାଧ୍ୟମ ପ୍ରତିନିଧିଙ୍କ ଉପସ୍ଥିତିକୁ ନେଇ ହସ୍ପିଟାଲରୁ ଛାତ୍ରଛାତ୍ରୀମାନଙ୍କୁ ଲୁଚାଛପାରେ ନେଇଯିବା ଘଟଣାକୁ ନେଇ ସାଧାରଣରେ ବିସ୍ମୟ ପ୍ରକାଶ ପାଇଛି। ଘଟଣାର ପ୍ରକୃତ କାରଣ କ'ଣ ଏବଂ ଖାଦ୍ୟରେ କୌଣସି ତ୍ରୁଟି ଥିଲା କି ନାହିଁ, ତାହାର ତଦନ୍ତ ଦାବି ହୋଇଛି। ଘଟଣାର ତଦନ୍ତ କରି ଖାଦ୍ୟର ନମୁନା ପରୀକ୍ଷା କରିବା ସହ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଆବଶ୍ୟକ ପଦକ୍ଷେପ ନେବାକୁ ଅଭିଭାବକ ମହଲରେ ଦାବି ହୋଇଛି।

## ଜାତୀୟ ହସ୍ତତନ୍ତ ଦିବସରେ ବରଗଡ଼ର ସଫଳତା

# ୧୦ଟି ହସ୍ତତନ୍ତ ପୁରସ୍କାର ମଧ୍ୟରୁ ବରଗଡ଼ ଜିଲ୍ଲାର ୯ ବୁଣାକାର ସମ୍ମାନିତ

**ବରଗଡ, ନ୍ୟୁଜ ବ୍ୟୁରୋ**



୧୨ତମ ଜାତୀୟ ହସ୍ତତନ୍ତ ଦିବସ ଅବସରରେ ବରଗଡ଼ ଜିଲ୍ଲା ପୁଣିଥରେ ରାଜ୍ୟର ହସ୍ତତନ୍ତ ଜନନୀ ଭାବେ ନିଜର ସ୍ୱତନ୍ତ୍ର ପରିଚୟକୁ ସୁଦୃଢ଼ କରିଛି। ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା ସରକାରଙ୍କ ପକ୍ଷରୁ ୨୦୨୪-୨୫ ବର୍ଷ ପାଇଁ ଘୋଷିତ ୧୦ଟି ରାଜ୍ୟସ୍ତରୀୟ ହସ୍ତତନ୍ତ ପୁରସ୍କାର ମଧ୍ୟରୁ ୯ଟି ପୁରସ୍କାର ବରଗଡ଼ ଜିଲ୍ଲା ହାସଲ କରି ସମଗ୍ର ଜିଲ୍ଲା ପାଇଁ ଗୌରବ ଆଣିଛି। ଆଜି ଭୁବନେଶ୍ୱରସ୍ଥିତ ଆଇଇସି ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ରାଜ୍ୟ ସ୍ତରୀୟ ଜାତୀୟ ହସ୍ତତନ୍ତ ଦିବସ ସମାରୋହରେ ବରଗଡ଼ ଜିଲ୍ଲା ବରପାଲି ନିବାସୀ ଡ଼ ସୁରେନ୍ଦ୍ର ମେହେର ସଫଳ ବୁଣାକାର ଭାବେ ଲାଇଫଟାଇମ ଏଚିଭମେଣ୍ଟ ଏୱାର୍ଡ ପାଇଥିବା ବେଳେ ବେଡେନ ବ୍ଲକ କପାବରୀ ଗ୍ରାମର ମିତା ମେହେରଙ୍କ ସମେତ ଅତାବିରା ବ୍ଲକ ବନହରର ହରିଶଙ୍କର ମେହେର, ବରପାଲିର ବାସୁଦେବ ମେହେର, ବରପାଲି ବ୍ଲକ ମହାମ୍ମାପଡ଼ାର ବବିତା ମେହେର, ବିଜେପୁର ବ୍ଲକ ଏମ ଶ୍ରୀଗିଡ଼ାର ବାସୁଦେବ ମେହେର, ଏବଂ ବରଗଡ଼ ବ୍ଲକ ଭାରତୀ ନଗରର ଶ୍ରୀମତୀ ତପସ୍ୱିନୀ ମେହେରଙ୍କୁ ଟାଇ ଆଣ୍ଡ ଡାଏ, ବୟନ ଏବଂ ଡିଜାଇନିଂ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟ ପୁରସ୍କାର ଗ୍ରହଣ କରିଛନ୍ତି। ସେହିପରି ଭେଡ଼େନ ବ୍ଲକ ତଲମେଣ୍ଡା ଗ୍ରାମର ଘାସୀରାମ ମେହେର ଏବଂ ବନପଡାର ଅଲେଖ ମେହେରଙ୍କୁ ଅନନ୍ୟ କାରିଗରୀ ଦକ୍ଷତା ପାଇଁ ତନ୍ତକୃତି ପୁରସ୍କାର ସହ ସମସ୍ତ ବୁଣାକାର ଏକ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ଗ୍ରହଣ କରିଛନ୍ତି। ଏହି ଅବସରରେ ବରଗଡ଼ସ୍ଥିତ ଉପ-ବୟନଶିଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଜାତୀୟ ହସ୍ତତନ୍ତ ଦିବସ ଉତ୍ସାହର ସହ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ଆଦିତ୍ୟ ଗୋୟଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟାଳୟ ପରିସରରେ ବୃକ୍ଷରୋପଣ ଓ ସମ୍ବଲପୁରୀ ବସ୍ତ୍ରାଳୟ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ହସ୍ତତନ୍ତ ସାମଗ୍ରୀର ପ୍ରଦର୍ଶନୀ ଗ୍ୟାଲେରୀର ଉଦ୍ଘାଟନ କରିବା ସହ ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ପରମ୍ପରାର ସୁରକ୍ଷା, ରୋଜଗାର ସୃଷ୍ଟି ଏବଂ ଗ୍ରାମୀଣ ଜୀବିକା ବିକାଶରେ ହସ୍ତତନ୍ତ କ୍ଷେତ୍ରର ଭୂମିକା ଉପରେ ଆଲୋକପାତ କରିଥିଲେ। ସେ ପୁରସ୍କାର ବିଜେତା ବୟନଶିଳ୍ପୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସମ୍ବଲପୁରୀ ହସ୍ତତନ୍ତର ଗୌରବମୟ ପରମ୍ପରାକୁ ଆହୁରି ସମୃଦ୍ଧ କରିବାକୁ 'ସମସ୍ତଙ୍କ ଜୀବନରେ ଖଣ୍ଡିଏ ହସ୍ତତନ୍ତ' ଶୀର୍ଷକକୁ ଆପଣେଇବା ପାଇଁ ଆହ୍ୱାନ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ, ଉପ-ବୟନଶିଳ୍ପ ନିର୍ଦ୍ଦେଶକ ତଥା ସମ୍ବଲପୁରୀ ବସ୍ତ୍ରାଳୟର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଦେବଜିତ ନନ୍ଦୀ, ସନ୍ଥ କବୀର ଓ ଜାତୀୟ ପୁରସ୍କାରପ୍ରାପ୍ତ ରାମକୃଷ୍ଣ ମେହେର, କେଏସିସିଏମ୍‌ର ଅଧ୍ୟକ୍ଷ ଶ୍ରୀ ସୁଜିତ ରଥ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହ୍ଲାଦ ଖୋସଲାଙ୍କ ସମେତ ବହୁ ବିଶିଷ୍ଟ ଅତିଥି ଯୋଗଦେଇ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଯୋଗ ଦେଇ ଥିବା ୧୦୦ରୁ ଅଧିକ ବୟନଶିଳ୍ପୀଙ୍କୁ ଉତ୍ସାହିତ କରିଥିଲେ। ସୂଚନାଯୋଗ୍ୟଯେ, ଜାତୀୟ ହସ୍ତତନ୍ତ ଦିବସ ପାଳନ ଅବସରରେ ବିଭାଗ ପକ୍ଷରୁ ଆଜିଠାରୁ ଆଗାମୀ ୧୫ ଅଗଷ୍ଟ ପର୍ଯ୍ୟନ୍ତ କର୍ମଶାଳା, ସଚେତନତା କାର୍ଯ୍ୟକ୍ରମ, ପ୍ରାଥମିକ ବୟନ ସମବାୟ ସମିତିଗୁଡ଼ିକ ଦ୍ୱାରା ପ୍ରଦର୍ଶନୀ, ସରକାରୀ ଯୋଜନା ସମ୍ପର୍କିତ ସଚେତନତା ଏବଂ ବିଭିନ୍ନ କଲ୍ୟାଣମୂଳକ ଯୋଜନାରେ ବୟନଶିଳ୍ପୀଙ୍କ ନାମ ପଞ୍ଜୀକରଣ କରାଯିବ। ଏହି ସମୟରେ ସମସ୍ତ ପ୍ରାଥମିକ ବୟନ ସମବାୟ ସମିତି ଓ ଏପେକ୍ସ ସୋସାଇଟି ମାଧ୍ୟମରେ ହସ୍ତତନ୍ତ ସାମଗ୍ରୀ ଉପରେ ୧୦ ପ୍ରତିଶତ ସ୍ୱତନ୍ତ୍ର ରିହାତି ପ୍ରଦାନ କରାଯିବ। ଏତଦବ୍ୟତୀତ ସରକାରଙ୍କ 'ହର ଘର ତିରଙ୍ଗା' ଅଭିଯାନ ଅନ୍ତର୍ଗତ 'ଥ୍ରେଡ୍ସ ଅଫ୍ ଫ୍ରିଡମ୍: ହାତକରଘା ମିଟ୍ସ ନ୍ୟାସନାଲ୍ ଟ୍ରାଇକଲର' କାର୍ଯ୍ୟକ୍ରମ ମାଧ୍ୟମରେ ଜିଲ୍ଲାସ୍ତରୀୟ ହସ୍ତତନ୍ତ ହ୍ୟାକାଥନ୍ ଆୟୋଜନ କରାଯିବ। ଏଥିରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ବୟନଶିଳ୍ପୀମାନେ ୧୩ ଅଗଷ୍ଟ ୨୦୨୬ରେ ଭୁବନେଶ୍ୱରସ୍ଥିତ ଏକାମ୍ର ହାଟରେ ଆୟୋଜିତ ରାଜ୍ୟସ୍ତରୀୟ ହ୍ୟାକାଥନରେ ଅଂଶଗ୍ରହଣ କରିବେ।

# ଯୁକ୍ତ ୨ ପରୀକ୍ଷା ଖାତା ପୁନଃ ମୂଲ୍ୟାୟନରେ ଦିବ୍ୟାଂଶୁଙ୍କ ମୋଟ୍ ନମ୍ବରରେ ୧୦ ବଢ଼ିଲା




**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**

ତିର୍ତ୍ତୋଲସ୍ଥିତ ଆଦିକବି ସାରଳା ଦାସ ମହାବିଦ୍ୟାଳୟ (ଏ.ଏସ୍.ଡି.) କଲେଜର ଛାତ୍ର ଦିବ୍ୟାଂଶୁ ଚୌଧୁରୀ ଚଳିତ ବର୍ଷ ସିଏଚଏସଇ (+୨) ପରୀକ୍ଷା–୨୦୨୬ରେ ପ୍ରଥମେ ୫୬୭ ନମ୍ବର ପାଇଥିଲେ। ଇଂରାଜୀ ବିଷୟରେ ଆଶା ଅନୁଯାୟୀ ନମ୍ବର ନମିଳିବାରୁ ସେ ଉତ୍ତରଖାତା ପୁନଃ ଯାଞ୍ଚ ପାଇଁ ଆବେଦନ କରିଥିଲେ। ପ୍ରକାଶିତ ଫଳାଫଳର ପୁନଃ ଯାଞ୍ଚ ପରେ ଇଂରାଜୀ ବିଷୟରେ ୧୦ ନମ୍ବର ବୃଦ୍ଧି ପାଇ ମୋଟ ନମ୍ବର ୫୭୭ ପାଇଥିଲେ। ଦିବ୍ୟାଂଶୁ ଫୁଲ ମାର୍କ ୬୦୦ରୁ ୫୭୭ ନମ୍ବର ରଖି ଜିଲ୍ଲାରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଦିବ୍ୟାଂଶୁ ଚୌଧୁରୀ ନିଜ ସଫଳତାକୁ ତାଙ୍କ ପିତାମାତା, ଗୁରୁଜନ ଏବଂ ସମସ୍ତ ଶୁଭେଚ୍ଛୁଙ୍କ ଆଶୀର୍ବାଦର ଫଳ ବୋଲି ମତ ପ୍ରକାଶ କରି ଭବିଷ୍ୟତରେ ଆହୁରି ନିଷ୍ଠାର ସହ ପଢ଼ି ରାଜ୍ୟ ଓ ଦେଶର ନାମ ଉଜ୍ଜ୍ୱଳ କରିବାକୁ ସଂକଳ୍ପ ବ୍ୟକ୍ତ କରିଛନ୍ତି। ଆବାସିକ ଶିକ୍ଷାନୁଷ୍ଠାନର ଶିକ୍ଷକ ଜଗନ୍ନାଥ ଦାସଙ୍କୁ ଦିବ୍ୟାଂଶୁ ଏବଂ ତାଙ୍କ ପିତା ମାତା ଅଶେଷ କୃତଜ୍ଞତା ଜଣାଇଥିଲେ। ଏହି ଅବସରରେ ସେ ଏ.ଏସ୍.ଡି. କଲେଜ ଅଧ୍ୟକ୍ଷ, ସମସ୍ତ ଅଧ୍ୟାପକ-ଅଧ୍ୟାପିକା ଏବଂ କର୍ମଚାରୀବୃନ୍ଦଙ୍କ ପ୍ରତି କୃତଜ୍ଞତା ଜଣାଇ ସେମାନଙ୍କର ନିରନ୍ତର ପରାମର୍ଶ ଓ ପ୍ରେରଣା ତାଙ୍କ ସଫଳତାର ମୂଳ ଆଧାର ବୋଲି କହିଥିଲେ। ଏହି ଫଳାଫଳ ପରେ ସେ ଅତ୍ୟନ୍ତ ଖୁସି ବ୍ୟକ୍ତ କରିବା ସହିତ ନ୍ୟାୟସଙ୍ଗତ ପୁନଃମୂଲ୍ୟାଙ୍କନ ପାଇଁ ଓଡ଼ିଶା ସିଏଚଏସଇ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ତଥ୍ୟ ନଦେବାରୁ ୨ ଅଧିକାରୀଙ୍କୁ ଜରିମାନା

**ଚୌଦ୍ୱାର, ନ୍ୟୁଜ ବ୍ୟୁରୋ**

ଆରଟିଆଇରେ ମଗାଯାଇଥିବା ତଥ୍ୟ ପ୍ରଦାନ ନକରିବାରୁ ଜନ ସୂଚନା ଅଧିକାରୀ ଚୌଦ୍ୱାର ପୌରପାଳିକାର ୨ ଜଣ ପୂର୍ବତନ ଯନ୍ତ୍ରୀଙ୍କ ଉପରେ ଆର୍ଥିକ ଜରିମାନା ଲାଗୁ କରିଥିବା ଜଣା ପଡ଼ିଛି। ପ୍ରାପ୍ତ ସୂଚନା ଅନୁଯାୟୀ ଚୌଦ୍ୱାର ପୌରପାଳିକାରେ ହୋଇଥିବା ଏକ ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ସନ୍ଦେହରେ ସୂଚନାଅଧିକାର କର୍ମୀ ମନୋଜ ସାହୁ ସୂଚନାଅଧିକାର ଆଇନ୍ ମାଧ୍ୟମରେ କିଛି ତଥ୍ୟ ମାଗିଥିଲେ। ହେଲେ ପୌର କାର୍ଯ୍ୟାଳୟର ତତ୍କାଳୀନ ଜନ ସୂଚନା ଅଧିକାରୀ ତଥା ପୌରଯନ୍ତ୍ରୀ ଶୁଭଶ୍ରୀ ବେହେରା ଓ ଜେଇ ସଂଜୟ କୁମାର ସାମଲ ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ଧରା ପଡ଼ିଯିବା ଭୟରେ ତଥ୍ୟ ପ୍ରଦାନ କରିନଥିଲେ। ଏହା ଉପରେ ଶ୍ରୀ ସାହୁ ସୂଚନା କମିଶନଙ୍କ ନିକଟରେ ଲିଖିତ ଅପିଲ ଦାଖଲ କରିଥିଲେ। ଅଭିଯୋଗର ଶୁଣାଣି ପାଇଁ ୧୨.୬.୨୬ରିଖ ଧାର୍ଯ୍ୟ କରାଯାଇ ବ୍ୟକ୍ତିଗତ ଭାବେ ହାଜିର ହୋଇ ନିଜର ପକ୍ଷ ରଖିବାକୁ କମିଶନ୍ ଉଭୟଙ୍କୁ ନୋଟିସ ଜାରୀ କରିଥିଲେ। ଧାର୍ଯ୍ୟ ଦିନରେ କେବଳ ଜେଇ ଶ୍ରୀ ସାମଲ ଉପସ୍ଥିତ ରହିବାରୁ କମିସନ୍ ବିରକ୍ତି ପ୍ରକାଶ କରି ୨୦.୭.୨୬ରେ ଉଭୟ ଅଧିକାରୀ ହାଜିର ହେବାପାଇଁ ନିର୍ଦ୍ଦେଶ ଜାରୀ କରିଥିଲେ। ହେଲେ ୨୦ ତାରିଖରେ ଯନ୍ତ୍ରୀ ଶ୍ରୀମତୀ ବେହେରା ହାଜିର ହୋଇଥିବବେଳେ ଜେଇ ଶ୍ରୀ ସାମଲ ଅନୁପସ୍ଥିତ ରହିଲେ। ଉଭୟ ଅଧିକାରୀ ତଥ୍ୟ ପ୍ରଦାନରେ ଲୁଚକାଳି ଖେଳୁଥିବା ହୃଦୟଙ୍ଗମ କରି ସୂଚନା କମିଶନ୍ ଉଭୟ ଅଧିକାରୀଙ୍କଠାରୁ ୧୦ ହଜାର ଟଙ୍କାକରି ଜରିମାନା ଆଦାୟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏକ ମାସ ମଧ୍ୟରେ ଉକ୍ତ ଅର୍ଥରାଶି ଉଭୟ ଅଧିକାରୀଙ୍କ ବେତନରୁ କାଟି ଟ୍ରେଜେରୀରେ ଜମା କରିବା ସହିତ ତୁରନ୍ତ ମଗା ଯାଇଥିବା ତଥ୍ୟ ପ୍ରଦାନର ବ୍ୟବସ୍ଥା କରିବାକୁ ପୌର ନିର୍ବାହୀ ଅଧିକାରୀଙ୍କୁ ସୂଚନା କମିଶନ୍ ନିର୍ଦ୍ଦେଶଦେଇଥିବା ଜଣା ପଡ଼ିଛି।

# ଜାତୀୟ ରାଜପଥରେ ସର୍ଭିସିଂ ସେଣ୍ଟର : ବଢ଼ୁଛି ଦୁର୍ଘଟଣା

**କେନ୍ଦ୍ରାପଡ଼ା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ପଂଚୁପାଣ୍ଡବ ଠାରୁ ମଶାକଣି ପର୍ଯ୍ୟନ୍ତ ଚଣ୍ଡିଖୋଲ-ପାରାଦ୍ୱିପ ଜାତୀୟ ରାଜପଥ ରେ ବେଧଡକ ଭାବେ ସର୍ଭିସିଂ ସେଣ୍ଟର କରାଯାଇ ଦୈନିକ ଶହ ଶହ ଗାଡି ଧୁଆ ଯାଉଛି। କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଜାତୀୟ ରାଜପଥ ଉପରେ ଗୋଟିଏ ପଟ ରାସ୍ତାକୁ ସଂମ୍ପୂର୍ଣ୍ଣ ବନ୍ଦ କରି ସର୍ଭିସିଂ ସେଣ୍ଟର କରା ଯାଇଥିବାରୁ ଦୈନିକ ଦୁର୍ଘଟଣା ଘଟୁଛି। ଜିଲ୍ଲା ପରିବହନ ଅଧିକାରୀ ତୁରନ୍ତ ଏମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।



# କ୍ଲଷ୍ଟର ସ୍ତରୀୟ ପାଚିକା ତାଲିମ କାର୍ଯ୍ୟକ୍ରମ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଗଜବନ୍ଧ ରେ ଗଜବନ୍ଧ ଓ ଅନ୍ଧାରିବାଞ୍ଜି କ୍ଲଷ୍ଟର ସ୍ତରୀୟ ପାଚିକା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଯୁଧିଷ୍ଠିର ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭୀମଟିକ୍ରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୀରେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ଅନ୍ଧାରିବାଞ୍ଜି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ଦ୍ୱାରୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ପାଚିକାମାନଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ୫୦ ଜଣ ପାଚିକା ଯୋଗଦେଇ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ଓ ପ୍ରଧାନମନ୍ତ୍ରୀ ପୋଷଣ ଯୋଜନାରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ଓ ବିତରଣ ବେଳେ ଦାୟିତ୍ୱ ଓ କର୍ତ୍ତବ୍ୟ ବିଷୟରେ ହୋଇଥିବା ଆଲୋଚନା ରେ ଭାଗନେଇଥିଲେ। ତାଲିମ ସମୟରେ ବିଭିନ୍ନ ତଥ୍ୟକୁ ପେନାଲ ବୋର୍ଡ ମାଧ୍ୟମରେ ବିଭିନ୍ନ ଭିଡିଓ ଓ ପ୍ରଣାଳୀ ମାଧ୍ୟମରେ ଅବଗତ କରାଯାଇଥିଲା। ପ୍ରଶିକ୍ଷକ ତଥା ଅନ୍ଧାରିବାଞ୍ଜି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଚିତ୍ତରଞ୍ଜନ ଠାକୁର ଅତିଥି ପରିଚୟ କରିଥିବା ବେଳେ ପ୍ରଶିକ୍ଷକ ତଥା ଗଜବନ୍ଧ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ନରେନ୍ଦ୍ର କୁମାର ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ କଳାକାହ୍ନୁ ରଣା, ପ୍ରଦୀପ ତରିଆ, ପ୍ରମୋଦ ପଧାନ, ପଦ୍ମାବତୀ ହାତୀ, ଅମୁଲ୍ୟ ଝାଙ୍କର, ସହାୟକ ସୁବାସ ଭୋଇ, କିରଟି ନାଏକ ସହଯୋଗ କରିଥିଲେ।

# ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ : ନୂତନ କର୍ମକର୍ତ୍ତା ଚୟନ

**ପାଟଣାଗଡ, ନ୍ୟୁଜ ବ୍ୟୁରୋ**



ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ପ୍ରଗତି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଘୁନସର୍ ଠାରେ ଏକ ସାମ୍ବିଧାନିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟ ସଭାରେ ଖପ୍ରାଖୋଲ ଓଷ୍ଟାର ସଭାପତି ଗୋପାଳ ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ। ଏଥିରେ ଜିଲ୍ଲା ଓଷ୍ଟା ସଭାପତି ପ୍ରଦୀପ କୁମାର ପଟେଲ, ସମ୍ପାଦକ ଶଙ୍କର ପ୍ରସାଦ ମିଶ୍ର, କାର୍ଯ୍ୟକାରୀ ସଭାପତି ଅନିଲ ସାହୁ, ରାଜ୍ୟ ଇସି ମେମ୍ବର ସୁଧୀର ନାୟକ, ଖପ୍ରାଖୋଲ ପୂର୍ବତନ ସମ୍ପାଦକ ଅଜେୟ କୁମାର ଭୋଇ ଓ ପ୍ରଧାନଶିକ୍ଷକ ଐଶ୍ୱର୍ଯ୍ୟ ଶେଖର ଦେବତା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ସମ୍ମିଳନୀରେ ଖପ୍ରାଖୋଲ ବ୍ଲକ୍ ଓଷ୍ଟାର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଉପସ୍ଥିତ ସମସ୍ତ ସଭ୍ୟ-ସଭ୍ୟାଙ୍କ ସର୍ବସମ୍ମତି କ୍ରମେ: ସଭାପତି: ସିଦ୍ଧାର୍ଥ ସଞ୍ଜୀବ ପାଣିଗ୍ରାହୀ, ଉପସଭାପତି (ପୁରୁଷ): ଉମାକାନ୍ତ ଖମାରୀ, ଉପସଭାପତି (ମହିଳା): ଝରଣା କର, ସମ୍ପାଦକ: ଐଶ୍ୱର୍ଯ୍ୟ ଶେଖର ଦେବତା, ଯୁଗ୍ମ ସମ୍ପାଦକ (ପୁରୁଷ): ପ୍ରଫୁଲ୍ଲ କୁମାର ପ୍ରଧାନ, ଯୁଗ୍ମ ସମ୍ପାଦକ (ମହିଳା): ନୀଳିମା ମିଶ୍ର, ରାଜ୍ୟ ପରିଷଦ ସଭ୍ୟ: ଗୋପାଳ ଚନ୍ଦ୍ର ବେହେରା ଓ ପ୍ରମୋଦ କୁମାର ବାଗ, ଜିଲ୍ଲା ପରିଷଦ ସଭ୍ୟ: ସଞ୍ଜୀବ ବାରିକ, ଦିଲ୍ଲୀପ କୁମାର ମେହେର ଓ ଚିତ୍ତରଞ୍ଜନ ସାହୁ। ଏହି ଚୟନ ପ୍ରକ୍ରିୟାରେ ଟିଟିଲାଗଡ଼ ବ୍ଲକ୍‌ର ଗୋବର୍ଦ୍ଧନ ସାହୁ ଓ ସଇଁତଳା ବ୍ଲକ୍‌ର ମନୋଜ ବେହେରା ପର୍ଯ୍ୟବେକ୍ଷକ ଭାବେ ଉପସ୍ଥିତ ଥିଲେ। ଦ୍ୱିତୀୟ ପର୍ଯ୍ୟାୟ ବୈଠକରେ ନୂତନ ଭାବେ ମନୋନୀତ ସମସ୍ତ ପଦାଧିକାରୀ ମଞ୍ଚାସୀନ ହୋଇ ନିଜ ନିଜ ଦାୟିତ୍ୱ ଆନ୍ତରିକତା ଓ ନିଷ୍ଠାର ସହ ନିର୍ବାହ କରିବାକୁ ଶପଥ ଗ୍ରହଣ କରିଥିଲେ। ଆସନ୍ତା ଅଗଷ୍ଟ ୧୬ ତାରିଖରେ ହେବାକୁ ଥିବା ଆନ୍ଦୋଳନରେ ଖପ୍ରାଖୋଲ ବ୍ଲକରୁ ବହୁ ସଂଖ୍ୟାରେ ଶିକ୍ଷକ ଓ କର୍ମଚାରୀ ଯୋଗଦେବା ପାଇଁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପାଟଣାଗଡ଼ ବ୍ଲକ୍‌ର ସଞ୍ଜୀବ ହୋତା, ତୁରେକେଲା ବ୍ଲକ୍‌ର ଶୁଭେନ୍ଦୁ ମହାନ୍ତି, ଜିଲ୍ଲା ସ୍ତରୀୟ ପଦାଧିକାରୀ ନବକିଶୋର ନନ୍ଦ ଏବଂ ବିଦ୍ୟାଳୟର ଦିପାଞ୍ଜଳୀ ପ୍ରଧାନ, ଗୌର ମାଝୀ, କୃଷ୍ଣଧର୍ ପାତ୍ର, ଡୋଲାମଣି ପଧାନ, କାହ୍ନୁ ଚରଣ ସାହୁ, ଦୁର୍ଯ୍ୟୋଧନ ସାହୁ, ରମେଶ ମାଝୀ, କ୍ଷମା ସାଗର ବାଗ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ସିଦ୍ଧାର୍ଥ ସଞ୍ଜୀବ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିବା ବେଳେ ତେଲେନପାଲି ନବରନ୍ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ଦାଶ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ବର୍ଜ୍ୟବସ୍ତୁରୁ ପ୍ରସ୍ତୁତ ହେଲା ଆକର୍ଷଣୀୟ ସାମଗ୍ରୀ

**ବୌଦ୍ଧ, ନ୍ୟୁଜ ବ୍ୟୁରୋ**

ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କମିରାରେ ବସ୍ତାନୀ ମୁକ୍ତ ଦିବସ ଆୟୋଜିତ ହୋଇଯାଇଅଛି। ପ୍ରଥମଥର ପାଇଁ ଛାତ୍ରଛାତ୍ରୀ ମାନେ ବିନା ସ୍କୁଲବ୍ୟାଗରେ ସ୍କୁଲ ଆସିଥିବାରୁ ଅତ୍ୟନ୍ତ ଆନନ୍ଦିତ ଥିଲେ। ପ୍ରଥମେ ଛାତ୍ରଛାତ୍ରୀମାନଙ୍କ ପାଇଁ ଯୋଗ ସାଧନା ଓ ଦିନ ଚର୍ଯ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୋଗ ଗୁରୁ ସାଧୁ ସୁବ୍ରତ ବାବା ଏବଂ ପତଞ୍ଜଳି ଯୋଗ ସମିତିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବାଶିଷ ପୁରୋହିତ ସମସ୍ତଙ୍କୁ ଯୋଗ ଅଭ୍ୟାସ କରାଇବା ସହ ଦିନ ଚର୍ଯ୍ୟା ଶିକ୍ଷା ପ୍ରଦାନ କରିଥିଲେ। ଏହା ପରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା କ୍ରାଫ୍ଟ ପ୍ରଦର୍ଶନ କରାଯାଇଥିଲା। ପ୍ରାୟ ୧୪୦ ଜଣ ଛାତ୍ରଛାତ୍ରୀ ବର୍ଜ୍ୟବସ୍ତୁରୁ ସୁନ୍ଦର ସୁନ୍ଦର ଜିନିଷ ତିଆରି କରି ସମସ୍ତଙ୍କୁ ଦେଖାଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ତଥା ସଙ୍ଗୀତଜ୍ଞ ସନ୍ତୋଷ କୁମାର ଦାସ ଛାତ୍ରଛାତ୍ରୀମାନଙ୍କୁ ସଙ୍ଗୀତ ଶିକ୍ଷା ପ୍ରଦାନ କରିଥିଲେ। ବହୁ ଛାତ୍ର ଛାତ୍ରୀ ସୁନ୍ଦର ସଙ୍ଗୀତ ଗାନ କରିଥିଲେ। ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରକୃତି ପର୍ଯ୍ୟବେକ୍ଷଣ କରିଥିଲେ। ପୂର୍ବତନ ସରପଞ୍ଚ ବିଦ୍ୟାଧର ସ୍ୱାଇଁ ଏବଂ ପୂର୍ବତନ ସଭାପତି ସୁମନ୍ତ କୁମାର ଦାସ ଛାତ୍ର ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

# ଡେପୁଟେସନ୍ ଆଦେଶ ପରେ ବି ନୂତନ ବିଦ୍ୟାଳୟରେ ଯୋଗ ଦେଲେନି ଶିକ୍ଷକ

**ବୌଦ୍ଧ, ନ୍ୟୁଜ ବ୍ୟୁରୋ**

ଜିଲ୍ଲା ପ୍ରଶାସନର ଅନୁମୋଦନକ୍ରମେ ଡେପୁଟେସନ୍‌ରେ ବଦଳି ଆଦେଶ ହୋଇଥିବା ସତ୍ତ୍ୱେ ଜଣେ ଶିକ୍ଷକ ନୂତନ ବିଦ୍ୟାଳୟରେ ଯୋଗ ଦେଇନଥିବା ଘଟଣା ଏବେ ଚର୍ଚ୍ଚାରେ। ଘଟଣାଟି ବୌଦ୍ଧ ବ୍ଲକ୍ ଅଞ୍ଚଳର ଗୁନ୍ଦୁଳିଆ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଡିମିରିଖୋଲ ସରକାରୀ ପ୍ରାଥମିକ ବିଦ୍ୟାଳୟର। ସୂଚନା ଅନୁଯାୟୀ, ଗୁନ୍ଦୁଳିଆ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଯୁବରାଜ ରାଜହଂସଙ୍କୁ ବୌଦ୍ଧ ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଡିମିରିଖୋଲ ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଡେପୁଟେସନ୍‌ରେ ପଠାଇବାକୁ ଆଦେଶ ଜାରି ହୋଇଥିଲା। ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ ଅନୁମୋଦନକ୍ରମେ ଜୁଲାଇ ୨୭ ତାରିଖରୁ ତାଙ୍କୁ ବର୍ତ୍ତମାନର ବିଦ୍ୟାଳୟରୁ କାର୍ଯ୍ୟମୁକ୍ତ କରାଯାଇ ନୂତନ ବିଦ୍ୟାଳୟରେ ତୁରନ୍ତ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି। ତେବେ ଆଦେଶ ଜାରି ହେବା ଓ କାର୍ଯ୍ୟମୁକ୍ତ କରାଯିବା ପରେ ମଧ୍ୟ ସମ୍ପୃକ୍ତ ଶିକ୍ଷକ ଡିମିରିଖୋଲ ବିଦ୍ୟାଳୟରେ ଯୋଗ ଦେଇନଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ବିଭାଗୀୟ ଆଦେଶର କାର୍ଯ୍ୟକାରିତା ଓ ପ୍ରଶାସନିକ ଶୃଙ୍ଖଳା ନେଇ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ, ଶିକ୍ଷକ ଜଣକ କେଉଁ କାରଣରୁ ନୂତନ ବିଦ୍ୟାଳୟରେ ଯୋଗ ଦେଇନାହାନ୍ତି, ସେନେଇ ତାଙ୍କ ପକ୍ଷରୁ କୌଣସି ସ୍ପଷ୍ଟୀକରଣ ମିଳିଛି କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ। ଏପରି ସ୍ଥିତିରେ ବିଭାଗ ପକ୍ଷରୁ ଏହି ଘଟଣାରେ କି ପଦକ୍ଷେପ ନିଆଯାଉଛି ଏବଂ ଆଦେଶ ଅନୁପାଳନ ନହେବାର କାରଣ କ'ଣ, ତାହା ନେଇ ଜନସାଧାରଣଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ରାତିରେ ଅଜଣାଙ୍କୁ ଲିଫ୍ଟ ଦେଉଥିଲେ ସାବଧାନ

# ମାନବିକତାର ସୁଯୋଗ ନେଇ ଗଳା କାଟୁଛନ୍ତି ଦୁର୍ବୃତ୍ତ

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ରାତିରେ ଏକା ଯାତାୟତ କରୁଛନ୍ତି କି ? ରାସ୍ତାରେ କେହି ଅଜଣା ବ୍ୟକ୍ତି ଲିଫ୍ଟ ମାଗିଲେ ମାନବିକତା ଦୃଷ୍ଟିରୁ ତାଙ୍କୁ ଗାଡ଼ିରେ ବସାଇବା ପୂର୍ବରୁ ଥରେ ଭାବନ୍ତୁ, କାରଣ ଆପଣଙ୍କ ମାନବିକତାର ସୁଯୋଗ ନେଇ ଆପଣଙ୍କ ଜୀବନକୁ ବିପଦରେ ପକାଇପାରନ୍ତି ଦୁର୍ବୃତ୍ତ। ଗଞ୍ଜାମ ଜିଲ୍ଲାରେ ସମାନ ଧରଣର ଘଟଣା ବାରମ୍ବାର ସାମ୍ନାକୁ ଆସିବା ପରେ ରାତିରେ ଯାତାୟାତ କରୁଥିବା ଲୋକଙ୍କ ସୁରକ୍ଷା ନେଇ ଚିନ୍ତା ବଢ଼ିଛି। ହିଞ୍ଜିଳି ଥାନା ଅଚଂଳର ଖଣ୍ଡରା ଗାଁର ଉଦ୍ଧବ ପାଢ଼ୀ ଫୁଲ ବ୍ୟବସାୟ ସାରି ରାତି ପ୍ରାୟ ୯ଟାରେ ଘରକୁ ଫେରୁଥିଲେ। ରାସ୍ତାରେ ଜଣେ ଅଜଣା ଯୁବକ ତାଙ୍କୁ ଲିଫ୍ଟ ମାଗିଥିଲେ। ଉଦ୍ଧବ ମାନବିକତା ଦୃଷ୍ଟିରୁ ତାଙ୍କୁ ବାଇକ୍‌ରେ ବସାଇଥିଲେ। ପ୍ରାୟ ୧୦୦ ମିଟର ଯିବା ପରେ ଯୁବକ ଜଣକ ଫୋନ୍ ଆସିଥିବା କହି ଗାଡ଼ି ଅଟକାଇବାକୁ କହିଥିଲେ। ଉଦ୍ଧବ ଗାଡ଼ି ଅଟକାଇବା ମାତ୍ରେ ତାଙ୍କ ବେକରେ ଆକ୍ରମଣ କରି ଅଭିଯୁକ୍ତ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ରକ୍ତାକ୍ତ ଅବସ୍ଥାରେ ଉଦ୍ଧବ ପ୍ରଥମେ ହିଞ୍ଜିଳି ମେଡ଼ିକାଲ୍‌ରେ ଚିକିତ୍ସିତ ହୋଇଥିଲେ। ପରେ ତାଙ୍କୁ ବ୍ରହ୍ମପୁର ଏମ୍‌କେସିଜି ମେଡ଼ିକାଲ୍‌କୁ ସ୍ଥାନାନ୍ତର କରାଯାଇଛି। ସେହିପରି ଗତ ୧୩ ଜୁଲାଇରେ ମଧ୍ୟ ସମାନ ଧରଣର ଘଟଣା ଘଟିଥିଲା। ବ୍ରହ୍ମପୁର ନିମଖଣ୍ଡି ଥାନା ପୁରୁଣା ଖଜୁରିଆ ଗ୍ରାମର ଅଶୋକ ନାହାକ ନିଜ ମୋଟର ସାଇକେଲ୍‌ରେ ଘରକୁ ଫେରୁଥିବା ବେଳେ ଫୁଲଟା ନିକଟରେ ଜଣେ ଅଜଣା ଯୁବକ ତାଙ୍କୁ ଲିଫ୍ଟ ମାଗିଥିଲେ। ଅଶୋକ ତାଙ୍କୁ ବାଇକ୍‌ରେ ବସାଇବା କିଛି ଦୂର ଯିବା ପରେ ଯୁବକ ଜଣକ ହଠାତ୍ ଛୁରୀ ବାହାର କରି ଅଶୋକଙ୍କ ବେକରେ ଆକ୍ରମଣ କରିଥିଲେ। ଗୁରୁତର ଆହତ ଅଶୋକ ରାସ୍ତାକଡ଼ରେ ପଡ଼ିଯାଇଥିବା ବେଳେ ଅଭିଯୁକ୍ତ ତାଙ୍କ ବାଇକ୍ ନେଇ ଫେରାର୍ ହୋଇଯାଇଥିଲେ। ପରେ ପୋଲିସ ତଦନ୍ତ କରି ଲାଞ୍ଜିପଲ୍ଲୀ ଗଣେଶ ନଗର ଅଂଚଳର ଧର୍ମା ଓରଫ୍ ପପୁ ସାହୁଙ୍କୁ ଗିରଫ କରିଥିଲା।

# ବିଭିନ୍ନ ବିଦ୍ୟାଳୟରେ 'ମୁଁ ବି ସ୍ୱଦେଶୀ ସମର୍ଥକ' ଅଭିଯାନ

**ବୌଦ୍ଧ, ନ୍ୟୁଜ ବ୍ୟୁରୋ**



ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ 'ମୁଁ ବି ସ୍ୱଦେଶୀ ସମର୍ଥକ' ଅଭିଯାନ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଗୁରୁଜୀ ଓ ଗୁରୁମାନଙ୍କ ସହ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଉପସ୍ଥିତ ରହି ସ୍ୱଦେଶୀ ସାମଗ୍ରୀ ବ୍ୟବହାର ଓ ସ୍ୱଦେଶୀ ଚିନ୍ତାଧାରାକୁ ଆପଣାଇବା ପାଇଁ ସଂକଳ୍ପ ଗ୍ରହଣ କରିଥଲେ। ଏହି ଅବସରରେ ସ୍ୱଦେଶୀ ଜାଗରଣ ମଞ୍ଚର ଓଡ଼ିଶା ପଶ୍ଚିମ ପ୍ରାନ୍ତର ପ୍ରାନ୍ତ ପୂର୍ଣ୍ଣକାଳୀନ ଅଭୟ ପ୍ରସାଦ ଜେନା ଯୋଗଦେଇ ସ୍ୱଦେଶୀର ଆବଶ୍ୟକତା, ଆତ୍ମନିର୍ଭର ଭାରତ ଗଠନରେ ଏହାର ଭୂମିକା ଏବଂ ଦେଶୀୟ ଉତ୍ପାଦ ପ୍ରତି ସମର୍ଥନ ବଢ଼ାଇବାର ପ୍ରୟୋଜନୀୟତା ଉପରେ ଆଲୋକପାତ କରିଥିଲେ। ବୌଦ୍ଧ ଜିଲ୍ଲାର ପୂର୍ଣ୍ଣକାଳୀନ ଜିତେନ୍ଦ୍ର ପ୍ରଧାନ ମଧ୍ୟ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ସ୍ୱଦେଶୀ ଚିନ୍ତାଧାରାକୁ ଜୀବନରେ ପାଳନ କରିବାକୁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମଟି ଉତ୍ସାହପୂର୍ଣ୍ଣ ପରିବେଶରେ ସମ୍ପନ୍ନ ହୋଇଥିଲା ଏବଂ ସମସ୍ତ ଉପସ୍ଥିତ ଛାତ୍ର ଛାତ୍ରୀ ସ୍ୱଦେଶୀ ସାମଗ୍ରୀର ବ୍ୟବହାରକୁ ପ୍ରୋତ୍ସାହନ ଦେବାସହ ଦେଶର ଆର୍ଥିକ ସ୍ୱାବଲମ୍ବନ ପାଇଁ ସହଯୋଗ କରିବାର ସଂକଳ୍ପ ନେଇଥିଲେ। ଏଥିସହ ସହରର ନର୍ସିଙ୍ଗ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ, ବିଶିଷ୍ଟ ବ୍ୟକ୍ତି, ପ୍ରଶାସକ ଓ ବୁଦ୍ଧିଜୀବୀମାନେ ଏହି ଅଭିଯାନକୁ ସମର୍ଥନ କରି ସାମିଲ ହୋଇଥିଲେ। ବୌଦ୍ଧରେ ଏସଆଇଆରର ଅଗ୍ରଗତି ଓ କାର୍ଯ୍ୟ ସମୀକ୍ଷା କଲେ ରାଜ୍ୟ ସଚିବ ବି. ପରମେଶ୍ୱରନ।





## ନିଶାମୁକ୍ତ ଯୁବଶକ୍ତି କାର୍ଯ୍ୟକ୍ରମର ତୃତୀୟ ବାର୍ଷିକୀ

# ଶତାଧିକ ଛାତ୍ରଛାତ୍ରୀଙ୍କୁ 'ୟଙ୍ଗ ଚେଞ୍ଜ ମେକର' ସମ୍ମାନ

**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**

ଐତିହାସିକ ଅଳକା ଆଶ୍ରମ ଆନୁକୂଲ୍ୟରେ ଏକ ସୁସ୍ଥ, ସଶକ୍ତ ତଥା ନିଶାମୁକ୍ତ ଯୁବପିଢି ଗଠନ ପାଇଁ ଆବାହକ ଦେବେନ୍ଦ୍ର ନାଥ ରାଉତଙ୍କ ନେତୃତ୍ୱରେ ୨୦୨୩ ମସିହା କ୍ରାନ୍ତି ଦିବସ ଠାରୁ ଆୟୋଜିତ ହୋଇ ଆସୁଥିବା 'ନିଶାମୁକ୍ତ ଯୁବଶକ୍ତି' କାର୍ଯ୍ୟକ୍ରମର ତୃତୀୟ ବାର୍ଷିକୀ ସ୍ୱାମୀ ବିବେକାନନ୍ଦ ସ୍ମାରକୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗତ ତିନି ବର୍ଷ ମଧ୍ୟରେ ଜିଲ୍ଲାର ବିଭିନ୍ନ ବ୍ଲକର ଶିକ୍ଷା ଅନୁଷ୍ଠାନରେ ଆୟୋଜିତ କରାଯାଇଥିବା କର୍ମଶାଳାରେ ଆଜୀବନ ନିଜେ ନିଶା ଗ୍ରହଣ ନକରି ନିଜ ପରିବେଶକୁ ନିଶାଠାରୁ ଦୂରେଇ ରଖିବା ପାଇଁ ଶପଥ ଗ୍ରହଣ କରି ତାହାକୁ ସମର୍ପିତ ଭାବରେ ପାଳନ କରୁଥିବା ଶତାଧିକ ଛାତ୍ରଛାତ୍ରୀଙ୍କୁ 'ଦି ୟଙ୍ଗ ଚେଞ୍ଜ ମେକର' ସମ୍ମାନ ପ୍ରଦାନ କରାଯାଇଛି । ଏହି ଅବସରରେ ଜିଲ୍ଲାର କୋଡିଏଟି ଶିକ୍ଷାନୁଷ୍ଠାନକୁ




ନିଶାମୁକ୍ତ ସମାଜ ଗଠନରେ ପ୍ରତିବଦ୍ଧିତ ପ୍ରୟାସ ପାଇଁ 'ଆଦର୍ଶ ଅନୁଷ୍ଠାନ' ସମ୍ମାନ ପ୍ରଦାନ କରାଯାଇଛି ।

ଅଳକା ଆଶ୍ରମର ସଭାପତି ଗୌରାଙ୍ଗ ଚରଣ ହୋତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜଗତସିଂହପୁର ସାଂସଦ ଡଃ ବିଭୁ ପ୍ରସାଦ ତରାଇ, ମୁଖ୍ୟ ବକ୍ତା ଭାବରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଙ୍କିତ ବର୍ମା, ସମ୍ମାନନୀୟ ଅତିଥି ଭାବରେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ସ୍ୱାମୀ ବିବେକାନନ୍ଦ ସ୍ମାରକୀ ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ ସୁଜାତା ଓତା, କାନାଡା ବ୍ୟାଙ୍କର ଶାଖା ପ୍ରବନ୍ଧକ ରାଜକୁମାର ସେଠୀ, ଅଳକା ଆଶ୍ରମର ବରିଷ୍ଠ ଉପଦେଷ୍ଟା ବିନାୟକ ପଟ୍ଟନାୟକ ଯୋଗଦେଇ ନିଶା ସେବନର କୁପରିଣାମ ବିଷୟରେ ଆଲୋଚନା କରିବା ସହିତ ଯୁବ ପିଢିକୁ ନିଶାଠାରୁ ଦୂରେଇ ରହିବାକୁ ଉପଦେଶ ପ୍ରଦାନ କରିଥିଲେ । ଏହି ଅବସରରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ଜୀବନରେ ନିଶା ସେବନ ନକରିବା ସହିତ ଏକ ନିଶାମୁକ୍ତ ସମାଜ ଗଠନ ପାଇଁ କାର୍ଯ୍ୟକରିବା ନିମିତ୍ତ ଶପପାଠ କରାଇଥିଲେ । ନିଶା ସେବନର ଭୟାବହତା ବିଷୟରେ କୋମଳମତି ଛାତ୍ରଛାତ୍ରୀଙ୍କୁ ସଚେତନ କରାଇ ନିଶା ଠାରୁ ଦୂରେଇ ରଖିବା ପାଇଁ ଏହି ପ୍ରୟାସର ଲକ୍ଷ୍ୟ ବୋଲି ଆବାହକ ଶ୍ରୀ ରାଉତ ତାଙ୍କର ସ୍ୱାଗତ ସମ୍ବୋଧନରେ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଉପସ୍ଥାପନ କରିଥିଲେ ବିଶିଷ୍ଟ ଶିକ୍ଷାବିତ ସୁଭାଷ ଚନ୍ଦ୍ର ରାଉତ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ଉପସଭାପତି ଭଗବାନ ଦାସ । କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ ଅଳକା ଆଶ୍ରମର କୋଷାଧ୍ୟକ୍ଷ ବିଜୟ କୁମାର ରଥ, ସ୍ନେହମୟୀ ଆଚାର୍ଯ୍ୟ, ଜ୍ୟୋତିରଞ୍ଜନ ପ୍ରଧାନ, ସୋମନାଥ ମହାରଣା, ସରୋଜ କୁମାର ବେହେରା, ନଗେନ୍ଦ୍ର ନାଥ ସ୍ୱାଇଁ, ସିଦ୍ଧେଶ୍ୱର ପଣ୍ଡା, ଅଜୟ କୁମାର ଗୋଛାୟତ, ରାଧାକାନ୍ତ ମିଶ୍ର, ଗୌରାଙ୍ଗ ଦାସ, ଜଯାତିକେଶରୀ ସାମନ୍ତରାୟ, ଶାନ୍ତନୁ କୁମାର ମିଶ୍ର, ପ୍ରକାଶ ରଞ୍ଜନ ଦାସ, ଶଶାଙ୍କ ପଣ୍ଡାଙ୍କ ସମେତ ଅଳକା ଆଶ୍ରମର ଅନ୍ୟ ସଦସ୍ୟମାନେ, ସ୍ୱାମୀ ବିବେକାନନ୍ଦ ସ୍ମାରକୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକା ଓ ସ୍କାଉଟର ଛାତ୍ର ଛାତ୍ରୀମାନେ ।

# ଅଗଷ୍ଟ ୨୦ ସୁଦ୍ଧା ଦାବି-ଆପତ୍ତି ଶୁଣାଣି ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ

**ବୌଦ୍ଧ, ନ୍ୟୁଜ ବ୍ୟୁରୋ**

ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗର ସଚିବ ତଥା ବୌଦ୍ଧ ଜିଲ୍ଲାର ନିର୍ବାଚନ ତାଲିକା ପର୍ଯ୍ୟବେକ୍ଷକ ଶ୍ରୀ ବି. ପରମେଶ୍ୱରନ ବୌଦ୍ଧ ଜିଲ୍ଲା ଗସ୍ତରେ ଆସି ଏସଆଇଆର କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିବାସହ ବିଭିନ୍ନ ବିଭାଗର ବିକାଶମୂଳକ କାର୍ଯ୍ୟ ପ୍ରଗତିର ମଧ ସମୀକ୍ଷା କରିଥିଲେ । ବୌଦ୍ଧ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହଠାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଉପ-ଜିଲ୍ଲାପାଳ ବିନୟ କୁମାର ଭୋଇ, ଡେପୁଟି କଲେକ୍ଟର (ନିର୍ବାଚନ) ମନସିତ ସ୍ୱରୂପଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଲାଇନ୍ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ । ଏସଆଇଆର ସମୀକ୍ଷା ବୈଠକରେ ସେ ସମସ୍ତ ନିର୍ବାଚକ ପଞ୍ଜିକରଣ ଅଧିକାରୀ , ସହକାରୀ ନିର୍ବାଚକ ପଞ୍ଜିକରଣ ଅଧିକାରୀ ଓ ସମ୍ପୃକ୍ତ ଅଧିକାରୀମାନଙ୍କୁ ଚଳିତ ମାସ ୨୦ ତାରିଖ ସୁଦ୍ଧା ସମସ୍ତ




ଦାବି ଓ ଆପତ୍ତିର ଶୁଣାଣି ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବୌଦ୍ଧ ଜିଲ୍ଲାର ଦୁଇଟି ବିଧାନସଭା ନିର୍ବାଚନମଣ୍ଡଳୀରେ ମୋଟ ୪୦,୫୦୦ଟି ନୋଟିସ୍ ଜାରି ହୋଇଥିବାବେଳେ ସେଥିମଧ୍ୟରୁ ୪୦,୪୫୧ଟି ନୋଟିସ୍ ସଫଳତାର ସହ ତାମିଲ ହୋଇଥିବା ଜଣାପଡ଼ିଥିଲା । ଅବଶିଷ୍ଟ ୪୯ଟି ନୋଟିସ୍ ଶୀଘ୍ର ତାମିଲ କରିବା ସହ ଫର୍ମ-୭ ମାଧ୍ୟମରେ ଦାଖଲ ବାଦ ଦାବି ଗୁଡ଼ିକର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରି ନିୟମାନୁସାରେ ନିଷ୍ପତ୍ତି ନେବାକୁ ସେ ପରାମର୍ଶ ଦେଇଥିଲେ । ସେ କହିଥିଲେ ଯେ, ଭୋଟର ତାଲିକାରେ ନାମ ସାମିଲ ହୋଇନଥିବା କିମ୍ବା ତଥ୍ୟରେ ତ୍ରୁଟି ଥିବା ଯୋଗ୍ୟ ନାଗରିକମାନେ ୩୧ ଅଗଷ୍ଟ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ କରିପାରିବେ । ଏହି ସୁଯୋଗ ସମ୍ପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବାସହ ୧ ଜୁଲାଇ, ୨୦୨୬ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରିଥିବା ସମସ୍ତ ଯୋଗ୍ୟ ନାଗରିକଙ୍କ ନାମ ଭୋଟର ତାଲିକାରେ ସାମିଲ କରିବା ଉପରେ ସେ ବିଶେଷ ଗୁରୁତ୍ୱାରୋପ କରିଥିଲେ । ଭାରତର ନିର୍ବାଚନ ଆୟୋଗ ଓ ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ନୂତନ ସମୟସୀମାର ସୁଯୋଗ ନେଇ ଯୋଗ୍ୟ ନାଗରିକମାନେ ନିଜ ନାମ ସାମିଲ କରିବା ଓ ଆବଶ୍ୟକ ସଂଶୋଧନ କରାଇବା ପାଇଁ ସଚେତନତା ବୃଦ୍ଧି କରିବାକୁ ସେ ସମସ୍ତ ଅଧିକାରୀଙ୍କୁ ଆହ୍ୱାନ ଜଣାଇଥିଲେ । ବୌଦ୍ଧ ଜିଲ୍ଲାରେ ଏସଆଇଆର କାର୍ଯ୍ୟର ଅଗ୍ରଗତି ଦେଖି ସେ ସନ୍ତୋଷ ପ୍ରକାଶ କରିଥିଲେ । ପରେ ଶ୍ରୀ ପରମେଶ୍ୱରନ ଜିଲ୍ଲାର କୃଷି, ଉଦ୍ୟାନ କୃଷି, ମତ୍ସ୍ୟ, ପଶୁପାଳନ, ଶିକ୍ଷା, ସ୍ୱାସ୍ଥ୍ୟ, ଖାଉଟି ଯୋଗାଣ, ଜଳସମ୍ପଦ, ନିୟୋଜନ, ସମାଜ ମଙ୍ଗଳ, ଏ.ଆର୍.ସି.ଏସ୍, ଆର୍.ଡବ୍ଲ୍ୟୁ.ଏସ୍.ଏସ୍, ଜିଲ୍ଲା ମଙ୍ଗଳ ବିଭାଗ, ବନ ବିଭାଗ, ୱାଟରସେଡ୍, ଏଲ୍.ଡି.ଏମ୍ ଓ ଓରମାସ୍ ସମେତ ବିଭିନ୍ନ ବିଭାଗର କାର୍ଯ୍ୟର ସମୀକ୍ଷା କରି ଅଧିକ ତତ୍ପରତା, ସ୍ୱଚ୍ଛତା ଓ ଦାୟିତ୍ୱବୋଧ ସହ କାର୍ଯ୍ୟ କରି ଜିଲ୍ଲାର ସାମଗ୍ରିକ ବିକାଶକୁ ଆହୁରି ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ ।

# ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟି ସମସ୍ୟା ଜଣାଇଲେ ମତ୍ସ୍ୟଜୀବୀ ସଂଘ



**ରମ୍ଭା, ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ଠାରେ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କୁ ମତ୍ସ୍ୟଜୀବୀ ସଂଘ ନେତା ଭୀମସେନ ବେହେରାଙ୍କ ନେତୃତ୍ୱରେ ଏକ ଦାବିପତ୍ର ପ୍ରଦାନ କରି ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ । ୨୦୨୪ ମସିହାରୁ ଗୌରାଙ୍ଗପାଟଣା ଚିଲିକା କୂଳ ରମ୍ଭା ପର୍ଯ୍ୟଟନ ପାଇଁ ଆଗତ ଏକ କୋଟି ସାତ ଲକ୍ଷ ତା ଆଗରୁ ୫୦ଲକ୍ଷ ଟଙ୍କା, ୨୦୨୫ ଜାନୁଆରୀରେ ଜିଲ୍ଲା ପ୍ରଶାସନ ଡିପିଆର ପ୍ରସ୍ତୁତ ହୋଇସାରିଛି, କିନ୍ତୁ ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ନହେବା ଅଞ୍ଚଳବାସୀ ଦୁଃଖ ପ୍ରକାଶ କରିଛନ୍ତି, ଯେହେତୁ ବର୍ଷା ଋତୁ ଆସିଅଛି, କାମ ଶୀଘ୍ର ହେଲେ ସେହି ଅଞ୍ଚଳର ମତ୍ସ୍ୟଜୀବୀ ଗ୍ରାମ ଓ ଚାଷୀ ମାନଙ୍କର ଜୀବିକା ଉନ୍ନତ ହୋଇପାରିବ । ଅନ୍ୟ ବିଷୟ ହେଲା ରମ୍ଭା ପାନ୍ଥନିବାସରେ ପରମେଶ୍ୱର ବେହେରା ସମେତ ୭ଜଣ କର୍ମଚାରୀ ସେଠାରେ କାମ କରି ପରିବାର ପ୍ରତିପୋଷଣ କରି ଆସୁଥିଲେ କିନ୍ତୁ ଦୁଃଖର ବିଷୟ ରମ୍ଭା ପନ୍ଥାନିବାସରୁ ହଟାଇ ଦିଆଗଲା । ତେଣୁ ସେଠାରେ ପୁନଃ ଥଇଥାନ କରିବା ପାଇଁ ମନ୍ତ୍ରୀ ମହୋଦୟାଙ୍କୁ ଆଲୋଚନା କରି ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ତତ ସହିତ ଜେଟି ଉନ୍ନତି ଓ ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ସୁବିଧା ପାଇଁ କହିଥିଲେ । ଅନାଦି ବେହେରା, ବିମ୍ବାଧର ବେହେରା, ଧନପତି ବେହେରା, ଯୋଗୀନ୍ଦ୍ର ବେହେରା ଓ ଦୁର୍ଯ୍ୟୋଧନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## କେସିସିଏଲର ସ୍ୱତନ୍ତ୍ର ସମବାୟ ସମାରୋହ : ବିକଶିତ ଭାରତ ଲକ୍ଷ୍ୟକୁ ସମବାୟ ପୂରଣ କରିବ

# 'ସହଯୋଗିତା ମାନବ ଇତିହାସ ସହିତ ଜଡିତ'

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା କୋ ଅପରେଟିଭ ସୋସାଇଟି ଲିମିଟେଡ (କେସିସିଏଲ)ର ୨୬ତମ ବର୍ଷ ଅବସରରେ ସହର ନିକଟ ଉଦୟନଗରସ୍ଥିତ ସଂସ୍କୃତି ଭବନ ଠାରେ ସ୍ୱତନ୍ତ୍ର ସମବାୟ ସମାରୋହ ଆୟୋଜନ ହୋଇଛି । ସମିତି ସଭାପତି ପ୍ରମୋଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ କେନ୍ଦ୍ର ସରକାରଙ୍କ ବିକଶିତ ଭାରତ ଓ ରାଜ୍ୟ ସରକାରଙ୍କ ବିକଶିତ ଓଡିଶାର ଲକ୍ଷ୍ୟକୁ ସମବାୟ ଦ୍ୱାରା ପୂରଣ ହୋଇ ପାରିବ ବୋଲି ଅତିଥିମାନେ ମତ ପ୍ରଦାନ କରିଛନ୍ତି । ଏଥିରେ ମୁଖ୍ୟ ଅତିଥି ଭାବେ ହାଇକୋର୍ଟର ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର, ମୁଖ୍ୟ ବକ୍ତା ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦର ଯୁକ୍ତ ସଚିବ ଡ. କମଳାକାନ୍ତ ତ୍ରିପାଠୀ, ବିଶିଷ୍ଟ ଅତିଥି ରାଜ୍ୟ ବାର କାଉନସିଲ ସଦସ୍ୟ ଦିନେଶ ରାୟ, ସମ୍ମାନୀତ ବକ୍ତା ସମବାୟ ସମିତି ସମୂହର ଅତିରିକ୍ତ ନିବନ୍ଧକ ପ୍ରମୋଦ କୁମାର ସାହୁ, ଉପସଭାପତି ସାବିନା ପରୱିନ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଜଷ୍ଟିସ ମହାପାତ୍ର କହିଥିଲେଯେ ସହଯୋଗିତା ମାନବ ଇତିହାସ ସହିତ ଜଡିତ । ଅଧୁନିକତା ଆଳରେ ସମ୍ପର୍କର ସେତୁ ଭାଙ୍ଗି ଯାଇଥିଲା ମାତ୍ର ସମବାୟ ମାଧ୍ୟମରେ ଏହାର ପୁର୍ନଜନ୍ମ ହୋଇଛି । ଅମୁଲ ସଂସ୍ଥାର ଅପରେସନ ଫ୍ଲଡ ଆମକୁ ସମବାୟରେ ସମୃଦ୍ଧିର ପଥ ଦେଖାଉଛି । ୧୯୦୪ ମସିହାରୁ ଆସିଥିବା ସମବାୟ ଆଇନରେ ବହୁ ପରିବର୍ତ୍ତନ ହୋଇଛି । ଏହା ଏବେ ମୌଳିକ ଅଧିକାରରେ ପରିଣତ ହୋଇଛି । ପ୍ରେରଣା, ବିଶ୍ୱନୀୟତା ଓ ଔଦଗୀତା ଏହି ସମବାୟ ଆନ୍ଦୋଳନକୁ ଅଗ୍ରଗତି ଦେବା ଫଳରେ ବିକଷିତ ଭାରତର ଅର୍ଥନୀତି ସୁଦୃଢ଼ ହୋଇପାରିବ । ମୁଖ୍ୟବକ୍ତା ଡ. ତ୍ରିପାଠୀ କହିଥିଲେଯେ ଭାରତୀୟ ଓ ଓଡିଶାର ସଂସ୍କୃତିରେ ନିଜ ସହ ସମାଜର ଅଭିବୃଦ୍ଧିକୁ ଗୁରୁତ୍ୱ ଦିଆଯାଇଛି । ପଶୁପକ୍ଷୀମାନେ ମଧ୍ୟ ଗୋଟିଏ ବଣ ମଧ୍ୟରେ ଥିଲେ ମଧ୍ୟ ପ୍ରତିଯୋଗିତା ନକରି ସହଭାଗିତାକୁ ଗୁରୁତ୍ୱ ଦେଇଥାନ୍ତି । ଗ୍ରାମ୍ୟ ଅଭିବୃଦ୍ଧିରେ ସମାଜର ଅଭିବୃଦ୍ଧି ପାଇଁ ସମବାୟ ଆନ୍ଦୋଳନକୁ ଅଧିକ ପ୍ରୋତ୍ସାହନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସର୍ବଦା ଆହ୍ୱାନ ଦେଇ ଆସିଛନ୍ତି । ତେବେ ସମବାୟ ଆନ୍ଦୋଳନ ପାଇଁ ସାମୁହିକ ପ୍ରୟାସ ଜରୁରୀ । ବିଭିନ୍ନ ସମୟରେ ସମବାୟ ସମିତି ବିଫଳତାର ଶୀକାର ହେଉଛି । ଏଠାରେ ସମିତି ଓ ସଦସ୍ୟଙ୍କ ମଧ୍ୟରେ ସ୍ୱଚ୍ଛ ବାତାବରଣ, ଦାୟିତ୍ୱ ପରାୟଣତା, ସାମୁହିକ ଉଦ୍ୟମ, ଆଧୁନିକ ପ୍ରଣାଳୀ ବା ଡିଜିଟାଲରେ କାରବାର ଓ ବିଶ୍ୱାସର ଅଭାବ ଦେଖାଦେଉଛି । ଏହି ସମସ୍ୟାର ସମାଧାନ ହୋଇପାରିଲେ ସମବାୟ ଆନ୍ଦୋଳନ ସଫଳ ହୋଇ ୨୦୪୭ ମସିହା ସୁଦ୍ଧା ଭାରତ ଦେଶ ବିକାଶର ଶୀର୍ଷରେ ରହିବ । ଏହି ଜିଲାରେ ଫିସେରୀ, ଡାଏରୀ, ହର୍ଟିକଲଚର, ହ୍ୟାଣ୍ଡଲୁମ, ହ୍ରାଣ୍ଡିକ୍ରାଫ୍ଟ ଓ ଟୁରିଜିମକୁ ସମବାୟ ଆନ୍ଦୋଳନରେ ସାମିଲ ଜରୁରୀ ହୋଇଛି । ବିଶିଷ୍ଟ ଅତିଥି ରାୟ କହିଥିଲେଯେ ଛୋଟ ଭୁଲଟିଏ ଆଗାମୀ ଦିନରେ ବଡ ଓ ଭଲ ସମ୍ପର୍କକୁ ନଷ୍ଟ କରିଥାଏ । ତେବେ କେସିସିଏଲର ପରିଚାଳନାଗତ ତୃଟି ନଥିବାରୁ ଗତ ୨୬ ବର୍ଷ ଧରି ସୂଚାରୁ ଚାଲିଆସିଛି । ସମ୍ମାନୀତ ବକ୍ତା ଅତିରିକ୍ତ ନିବନ୍ଧକ ସାହୁ କହିଥିଲେଯେ ସମବାୟ ଆନ୍ଦୋଳନରେ ସଦସ୍ୟଙ୍କ ଉପକାରିତା ସମ୍ପର୍କରେ ଆଲୋଚନା କରିଥିଲେ । ସଭାପତି ସାହୁ କହିଥିଲେଯେ ସମବାୟକୁ ସୂଚାରୁ ରୂପେ ପରିଚାଳନା କରିପାରିଲେ ଦେଶର ଅର୍ଥନୀତି ବଦଳିବ । ବ୍ୟକ୍ତିବିଶେଷରୁ ପରିବାର, ଗ୍ରାମ, ରାଜ୍ୟ ଓ ଦେଶ ସୁଅର୍ଥନୀତି ପାଇଁ ସକ୍ଷମ ହୋଇପାରିବ । ସମବାୟ ସମିତିକୁ କୃଷି ବ୍ୟତିତ ଅନ୍ୟ ଉଦ୍ୟୋଗକୁ ପ୍ରୋତ୍ସାହନ ଦେବା ପାଇଁ ଆଇନ ହେବା ଜରୁରୀ ହୋଇ ପଡିଛି । କେସିସିଏଲ ଏହି ଅଭିମୁଖ୍ୟ ରଖି ସମିତିର ପରିଚାଳନା କରୁଛି । ଇତିମଧ୍ୟରେ ଅବିଭକ୍ତ କଟକ ଜିଲାରେ ୧୩ଟି ଶାଖା ଖୋଲାଯାଇ ୧ ଲକ୍ଷ ୪୭ ହଜାର ସଦସ୍ୟ ସାମିଲ କରାଯାଇ ପାରିଛି । ବିଭିନ୍ନ ଯୋଜନାରେ ଅସହାୟ ବ୍ୟକ୍ତି, ପରିବାର, ସଂଗଠନକୁ ସହଯୋଗ ଦିଆ ଯାଉଥିବା ବେଳେ ଶିକ୍ଷା, ଚିକିତ୍ସା କ୍ଷେତ୍ରରେ ଆବଶ୍ୟକ ଅନୁଯାୟୀ ସାହାଯ୍ୟ କରାଯାଉଛି । ଜଗତସିଂହପୁର ଜିଲାର ସଫଳ ଚାଷୀ ସୌରଭ ପଟ୍ଟନାୟକ, ଯାଜପୁର ଜିଲା ବଡଚଣା ବ୍ଲକର ଆଦର୍ଶ କୃଷି ସମବାୟ ସମିତି, ଖବରଦାତା ମଳୟରଞ୍ଜନ ମହାନ୍ତି, ସମବାୟବିତ ମମତା ପଣ୍ଡା, ଡା. ଉମେଶ ଚନ୍ଦ୍ର ରାୟ, ସମବାୟବିତ ନୃସିଂହ ଚରଣ ମହାନ୍ତି, ସ୍ୱୟଂ ସହାୟକ ଗୋଷ୍ଠିର କର୍ମକର୍ତ୍ତା ସ୍ୱପ୍ନା ସିଂହଙ୍କୁ କେସିସିଏଲ ପକ୍ଷରୁ ସଫଳ ଉଦ୍ୟମୀ ଭାବେ ସମ୍ବର୍ଦ୍ଧିତ କରାଯାଇ ଥିଲା । ସମ୍ପାଦକ ଅରବିନ୍ଦ ସାହୁ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିବା ବେଳେ ଅତିରିକ୍ତ ସମ୍ପାଦକ ମନୋଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ସମିତିର ନିର୍ଦ୍ଦେଶକ, କର୍ମଚାରୀ, ଏଜେଣ୍ଟ ଓ ସଦସ୍ୟମାନେ ବହୁଳ ଭାବେ ଯୋଗ ଦେଇଥିଲେ ।




# କାଠଯୋଡି ନଦୀକୁ ଡେଇଁ ଜଣେ ଯୁବକ ନିଖୋଜ

**କଟକ, ନ୍ୟୁଜ ବ୍ୟୁରୋ**

କଟକ ସୁଭାଷ ସେତୁରୁ କାଠଯୋଡି ନଦୀକୁ ଡେଇଁ ଜଣେ ଯୁବକ ନିଖୋଜ । ସେତୁ ଉପରେ ରେନକୋର୍ଟ, ଚପଲ ଓ ମୋବାଇଲ୍ ରହିଛି । ଯୁବକ ଜଣକ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି । ଯୁବକ ଜଣକ ଜଟଣୀ ଅଞ୍ଚଳର ଲିପୁ ସାହୁ ବୋଲି ଜଣାପଡ଼ିଛି । ପୁଲିସକୁ ଖବର ଦିଆଯିବା ପରେ ଘଟଣାସ୍ଥଳରେ ବାରଙ୍ଗ ପୁଲିସ ପହଞ୍ଚି ଛାନଭିନ୍ କରୁଛି । ତେବେ କେଉଁ କାରଣ ଯୁବକ ଜଣଙ୍କ ଚରମ ନିଷ୍ପତ୍ତି ନେଲେ ତାହାକୁ ନେଇ କାରଣ ଖୋଜା ଆରମ୍ଭ ହୋଇଛି । ସୂଚନା ଅନୁଯାୟୀ, ଶନିବାର ସକାଳୁ ଜଟଣୀ ଅଞ୍ଚଳର ଲିପୁ ସାହୁ ନାମ ଜଣେ ଯୁବକ ସୁଭାଷ ସେତୁରୁ କାଠଯୋଡ଼ି ନଦୀକୁ ଡେଇଁ ପଡିଛନ୍ତି । ବ୍ରିଜ୍ ଉପରେ ତାଙ୍କର ରେନ୍‌କୋର୍ଟ ,ଚପଲ ଓ ମୋବାଇଲ ପଡି ରହିଛି । ଏନେଇ ସ୍ଥାନୀୟଲୋକ ବାରଙ୍ଗ ପୁଲିସ ଓ ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ ।

# ପ୍ରବାସୀ ଓଡ଼ିଆଙ୍କ ସ୍ୱାର୍ଥ ପାଇଁ ଛିଡା ହେବ ଓଭରସିଜ୍ କଂଗ୍ରେସ

**ବାରିପଦା, ନ୍ୟୁଜ ବ୍ୟୁରୋ**

ଆଜି ଅପରାହ୍ନରେ ବାରିପଦା ସର୍କିଟ ହାଉସରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ପ୍ରଦେଶ କଂଗ୍ରେସର ଓଭରସିଜ କଂଗ୍ରେସ ଏନଆରଆଇ ସେଲ ପକ୍ଷରୁ ଅଣ-ନିବାସୀ ଓଡ଼ିଆ (ଏନଆରଓ)ଙ୍କ ସମ୍ପର୍କିତ ବିସ୍ତୃତ ସୂଚନା ପ୍ରଦାନ କରାଯାଇଛି । ଓଭରସିଜ କଂଗ୍ରେସର ଉତ୍ତର ଓଡିଶା ଆବାହକ ଆଇନଜୀବୀ ଜ୍ୟୋତିପ୍ରକାଶ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଓଭରସିଜ କଂଗ୍ରେସର ମୁଖ୍ୟ ଶରତ ଚନ୍ଦ୍ର ପ୍ରଧାନ, ରାଜ୍ୟ ଆବାହକ ଗୋପାଳ ଖଣ୍ଡେଲୱାଲ, ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଆଇନଜୀବୀ ବିଭୁପ୍ରସାଦ ଦାସ ଓ ନାରାୟଣ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ୩୧ ଡିସେମ୍ବର ୨୦୨୫ ସୁଦ୍ଧା ବିଶ୍ୱରେ ମୋଟ ୩୫.୪ ନିୟୁତ ପ୍ରବାସୀ ଭାରତୀୟ ରହିଛନ୍ତି । ଏଥିରୁ ଆମେରିକାରେ ପ୍ରାୟ ୧୨ ହଜାର, ୟୁଏଇରେ ୫ ହଜାର ଏବଂ କାନାଡ଼ାରେ ୩ ହଜାର ୪୫୬ ଜଣ ତଥା ଅନ୍ୟାନ୍ୟ ଦେଶରେ ଅଣ-ନିବାସୀ ଓଡ଼ିଆ ବାସ କରୁଛନ୍ତି । ଓଡ଼ିଶା ପ୍ରଦେଶ କମିଟି ଅଧ୍ୟକ୍ଷ ଭକ୍ତ ଚରଣ ଦାସଙ୍କ ଉଦ୍ୟମରେ ପ୍ରଥମ ଥର ପାଇଁ ଏନଆରଆଇ, ପିଆଇଓ, ଏନଆରଓ କମିଟି ଗଠନ କରାଯାଇଛି । ଏହି କମିଟି ବିଦେଶରେ ଥିବା ଓଡ଼ିଆଙ୍କ ନିରାପତ୍ତା, ଭିସା, ଶିକ୍ଷା, ସ୍ୱାସ୍ଥ୍ୟ ସେବା ଏବଂ ବିନିଯୋଗ ସ୍ୱାର୍ଥ ପ୍ରତି ଧ୍ୟାନଦେବ । କମିଟି ତିନି ମାସରେ ଥରେ ବୈଠକ କରିବ ଏବଂ ସମସ୍ତ ଏନଆରଓଙ୍କ ଡାଟାବେସ ପ୍ରସ୍ତୁତ କରିବ ବୋଲି ସୂଚନା ପ୍ରଦାନ କରିଛନ୍ତି ।

## 'ହର ଘର ତ୍ରିରଙ୍ଗା ' ଅଭିଯାନ : ସମ୍ବଲପୁରରେ ଆୟୋଜିତ ବିଶାଳ 'ତ୍ରିରଙ୍ଗା ରାଲି'

**ସମ୍ବଲପୁର ନ୍ୟୁଜ୍ ବ୍ୟୁରୋ**

ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ 'ବନ୍ଦେ ମାତରମ୍'ର ମହାନ ଭାବନାକୁ ଉତ୍ସର୍ଗ କରି ଏକ ବିଶାଳ ' ତ୍ରିରଙ୍ଗା ରାଲି' ର ଆୟୋଜନ କରାଯାଇଛି । ସୂଚନା ମୁତାବିକ, ରବିବାର ପୂର୍ବାହ୍ନରେ ରିଜର୍ଭ ପୋଲିସ ପଡ଼ିଆରୁ ବାହାରି ଏହି ରାଲି ସହରର ଜେଲ୍ ଛକ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ସମ୍ବଲପୁରବାସୀଙ୍କ ମଧ୍ୟରେ ଦେଶପ୍ରେମ ଓ ଉତ୍ସାହ ଦେଖିବାକୁ ମିଳିଥିଲା । ଏହି ବିଶାଳ ସମାବେଶରେ ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାୟକ ମୁଖ୍ୟ ଅତିଥି ଏବଂ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ନାଉରୀ ନାୟକ,ଆଇଜି, ସମ୍ବଲପୁର ହିମାଂଶୁ ଲାଲ(ଭା.ପୋ.ସେ), ସମ୍ବଲପୁର ଜିଲ୍ଲାପାଳ ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର (ଭା.ପ୍ର.ସେ),ସମ୍ବଲପୁର ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୂ (ଭା.ପୋ.ସେ), ମହାନଗର ନିଗମର ଆୟୁକ୍ତ ରେହାନ ଖେତ୍ରୀ (ଭା.ପ୍ର.ସେ), ଡିଏଫଓ ଏବଂ ବହୁ ସଂଖ୍ୟାରେ ସ୍ଥାନୀୟ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ । ନିଜର ବକ୍ତବ୍ୟରେ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ମନ୍ତ୍ରୀ ରବନାରାୟଣ ନାୟକ ଜଣାଇଥିଲେ ଯେ, ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ମିଳିତ ଉଦ୍ୟମରେ ଏହି 'ହର ଘର ତିରଙ୍ଗା' କାର୍ଯ୍ୟକ୍ରମ ରବିବାର ଠାରୁ ଆରମ୍ଭ ହୋଇ ଆସନ୍ତା ଅଗଷ୍ଟ ୧୭ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ସେ ଏହି ରାଷ୍ଟ୍ରୀୟ ଉତ୍ସବରେ ସମସ୍ତ ସମ୍ବଲପୁରବାସୀଙ୍କୁ ବହୁ ସଂଖ୍ୟାରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ ଏବଂ ଆୟୋଜିତ ଏହି ତ୍ରିରଙ୍ଗା ଯାତ୍ରା ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ । ମାନନୀୟ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ନିଜ ଉଦ୍‌ବୋଧନରେ ଉପସ୍ଥିତ ଜନତା ଏବଂ ସୁରକ୍ଷା ବଳଙ୍କୁ ଉତ୍ସାହିତ କରିଥିଲେ । ସେ କହିଥିଲେ ଯେ, ଆମ ଦେଶର ବୀର ଯବାନମାନେ ସୀମାରେ ଖରା ବର୍ଷାକୁ ଖାତିର ନକରି ବିନା ଛତାରେ ଦେଶକୁ ସୁରକ୍ଷା ଦେଉଛନ୍ତି । ତେଣୁ ସେମାନଙ୍କୁ ସମ୍ମାନ ଜଣାଇ ଆଜିର ରାଲିରେ କେହିବି ଛତା ବ୍ୟବହାର ନକରି, ଗର୍ବର ସହିତ କେବଳ ଜାତୀୟ ପତାକା ଧରି ପଦଯାତ୍ରା କରିବାକୁ ସେ ଅନୁରୋଧ କରିଥିଲେ । ଏଥିସହ ସେ 'ଭାରତ ମାତା କି ଜୟ', 'ଜୟ ଜଗନ୍ନାଥ' ଏବଂ 'ଜୟ ମା ସମଲେଶ୍ୱରୀ' ଧ୍ୱନିରେ ଉପସ୍ଥିତ ଜନତାଙ୍କ ମଧ୍ୟରେ ଦେଶପ୍ରେମର ଜୋସ୍ ଭରିଦେଇଥିଲେ । ଜିଲ୍ଲା ପ୍ରଶାସନ ତରଫରୁ ଏହି କାର୍ଯ୍ୟକ୍ରମକୁ ସଫଳ କରିଥିବାରୁ ସମସ୍ତ ଅଂଶଗ୍ରହଣକାରୀ ଓ ସହରବାସୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି । ଏହି ତ୍ରିରଙ୍ଗା ରାଲି ରେ ୪୦୦୦ ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ଲାଇଭ ପେଣ୍ଟିଂ, ରଙ୍ଗୋଲି, ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ହୋଇଥିଲା ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୧୧ / ୧୨ ମଙ୍ଗ | ୧୦ | ଶୁ ୯ / ୮ ରା |
| ଲବୁବୃର | ୬ / ୩ | ୭ |
| ୨ କେ / ୩ ଶୁ | ୪ | ୬ / ୫ |

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୦।୦୮।୨୦୨୬, ଶ୍ରାବଣ ଦ୨୫ନ, ସୋମବାର**

**ସୂର୍ଯ୍ୟୋଦୟ- ଘ ୫।୨୭।୨୧ ଚନ୍ଦ୍ରୋଦୟ- ରାଘ ୩।୩୮।୪୪**

ଦ୍ୱାଦଶୀ ଦିଘ ୮।୦୩ ଗତେ ତ୍ରୟୋଦଶୀ କ୍ଷୟ, ଆର୍ଦ୍ରା ନକ୍ଷତ୍ର ଦିଘ ୧୨।୨୮ ପର୍ଯ୍ୟନ୍ତ । ମିଥୁନ ଚନ୍ଦ୍ର ନିଘ ୪।୪୫ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ଧନୁ, ମକର, ମୀନ ରାଶିର । ନିଘ ୪।୪୫ ଗତେ ମେଷ, ବୃଷ, କର୍କଟ, ସିଂହ, କନ୍ୟା, ତୁଳା, ମକର, କୁମ୍ଭ ରାଶିର । **ଘାତଚନ୍ଦ୍ର-** କନ୍ୟା ରାଶିର । ନିଘ ୪।୪୫ ଗତେ ନାହିଁ । **ଶ୍ରାଦ୍ଧନିର୍ଣ୍ଣୟ-** ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଇ ଓ ମସୁର ଡାଲି ଦିଘ ୮।୦୩ ଗତେ ବାଇଗଣ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୧ ଗତେ ଦିଘ ୭।୦୬ ମଧ୍ୟେ ଦିଘ ୧୦।୩୭ ଗତେ ଦିଘ ୧।୧୦ ମଧ୍ୟେ ।



**ମେଷ:** ବ୍ୟବସାୟରୁ ଲାଭବାନ୍ ହେବେ । ରୋଜଗାର ମଧ୍ୟମ ଧରଣର ହେବ । କଚେରି ମାମଲାରେ ଶୁଣାଣି ଆପଣଙ୍କ ସାପେକ୍ଷ ଜନିତ ହେବ । ପରିବାରରେ ସୁଖ ଶାନ୍ତି ବିରାଜମାନ କରିବ । ମନ ଭଲ ରହିବ ।



**ବୃଷ:** ହଠାତ୍ ଦୂରଯାତ୍ରା କରି ସଫଳତା ହାସଲ କରିବେ । ପରୋପକାରୀ ହେବେ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ । ଗୃହେ ଆନନ୍ଦ ଦେଖାଦେବ । ମହିଳାମାନେ ସୁଖୀ ହେବେ । ବନ୍ଧୁ ଦର୍ଶନର ସୁଯୋଗ ।



**ମିଥୁନ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହୋଇପାରେ । ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ । ମାନସିକ ଦୁଶ୍ଚିନ୍ତା ଦେଖାଦେଇପାରେ । ପାରିବାରିକ ଜଞ୍ଜାଳ ଓ ଅଶାନ୍ତି ଦେଖାଦେବାର ସୂଚନା ।



**କର୍କଟ:** ବେପାର ବାଣିଜ୍ୟ କ୍ଷେତ୍ରରେ ମଧ୍ୟମ ଧରଣର ଫଳ ପାଇବେ । ରୋଜଗାର ସ୍ଥିର ରହିବ । ପିଲାମାନେ ପାଠ ପଢ଼ାରେ ଆଗେଇବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଶରୀର ସୁସ୍ଥ ରହିବାର ସୂଚନା ।



**ସିଂହ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଆୟର ପରିମାଣ ବୃଦ୍ଧି ପାଇବ । ଘରେ ଆନନ୍ଦ ଦେଖାଦେବ । ସେବା ପୂଜାରେ ଦିନଟି ଅତିବାହିତ ହେବ । ସୁସ୍ୱାଦୁ ଭୋଜନ ପ୍ରାପ୍ତ ହୋଇପାରେ । ମନ ଭଲ ରହିବ ।



**କନ୍ୟା:** ଦେହ ଓ ମନ ଭଲ ରହିବ । କାର୍ଯ୍ୟକ୍ଷେତ୍ରରେ ଉନ୍ନତି ଦେଖାଦେବାର ସୂଚନା । ପାରିବାରିକ ଜୀବନ ସୁଖମୟ ହେବ । ଆୟ ସ୍ଥିର ରହିବ । ବନ୍ଧୁ ଦର୍ଶନ ସହ ଆମୋଦ ପ୍ରମୋଦର ସୁଅ ଛୁଟିବ । ମହିଳାମାନେ ସୁଖୀ ହେବେ ।



**ତୁଳା:** ସତ କଥା କହି ଅନ୍ୟମାନଙ୍କ ପାଖରେ ବିରୋଧି ହେବେ । ଶୁଭ ଖବର ପାଇପାରନ୍ତି । ଅର୍ଥ ପ୍ରାପ୍ତିର ସୁଯୋଗ ରହିଛି । ପାରିବାରିକ ଜୀବନ ସୁଖ ଶାନ୍ତିରେ ବିତିବ । ମହିଳାମାନେ ଗର୍ବୀ ହେବେ ।



**ବିଛା:** ଶରୀର ସୁସ୍ଥ ରହିବ । ଦୂରଯାତ୍ରା କରି ବନ୍ଧୁ ମିଳନରୁ ଆପ୍ୟାୟିତ ହେବେ । ରୋଜଗାର ଭଲ ହେବ । ପାରିବାରିକ ସୁଖ ଅବ୍ୟାହତ ରହିବ । କଚେରି ମାମଲାରେ ଶୁଣାଣି ବିଳମ୍ବ ହେବ । ମନ ଅସ୍ଥିର ରହିବ ।



**ଧନୁ:** ଶୁଭ କାର୍ଯ୍ୟ ପାଇଁ ଦିନଟି ଉତ୍କୃଷ୍ଟ ହେବ । ଶତ୍ରୁ ନାଶ ହେବେ । ବ୍ୟବସାୟରେ ଲାଭବାନ୍ ହେବେ । ଦେହ ଓ ମନ ଭଲ ରହିବ । ରୋଜଗାର ସ୍ଥିର ରହିବ । ପାରିବାରିକ ଜୀବନ ସୁଖମୟ ହେବାର ସୂଚନା ।



**ମକର:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଉତ୍ତମ ଭୋଜନ ପ୍ରାପ୍ତ ହେବ । ମୂଲ୍ୟବାନ ଦ୍ରବ୍ୟ ମିଳିପାରେ । ପରୋପକାରୀ ହେବେ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ପରେ ଆନନ୍ଦ ଦେଖାଦେବ । ପିଲାମାନେ ପଢ଼ାପଢ଼ିରେ ଆଗେଇବେ ।



**କୁମ୍ଭ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଆୟର ପରିମାଣ ବଢ଼ିବ । ଦେହ ଭଲ ରହିବ । ସୁସ୍ୱାଦୁ ଭୋଜନ ପ୍ରାପ୍ତ ହେବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । କର୍ମକ୍ଷେତ୍ରରେ ସହଯୋଗ ଲାଭ କରି ଆଗେଇବେ ।



**ମୀନ:** ଆଜି ଆପଣଙ୍କ ଘାତଚନ୍ଦ୍ର । ଏଣୁ ସାବଧାନତା ଅବଲମ୍ବନୀୟ । ଆୟ ଠାରୁ ବ୍ୟୟର ମାତ୍ରା ବଢ଼ିବ । ପାରିବାରିକ ବିଶୃଙ୍ଖଳା ଦେଖାଦେଇପାରେ । ବନ୍ଧୁଙ୍କ ସହ ମତାନ୍ତର ସୃଷ୍ଟି ହେବ । ମହିଳାମାନେ ଗର୍ବୀ ହେବେ ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୧।୦୮।୨୦୨୬, ଶ୍ରାବଣ ଦ୨୬ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ ୫।୨୭।୪୦ ଚନ୍ଦ୍ରୋଦୟ- ନିଘ ୪।୪୫।୫୩**

ଚତୁର୍ଦ୍ଦଶୀ ରାଘ ୧।୫୫ ପର୍ଯ୍ୟନ୍ତ । ପୁନର୍ବସୁ ନକ୍ଷତ୍ର ଦିଘ ୧୦।୧୧ ପର୍ଯ୍ୟନ୍ତ । କର୍କଟ ଚନ୍ଦ୍ର ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ତୁଳା, ମକର, କୁମ୍ଭ ରାଶିର । **ଘାତଚନ୍ଦ୍ର-** ନାହିଁ । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଦ୍ଦଶୀ ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବିରି ପ୍ରାତଃ ୬।୫୫ ଗତେ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୪୧ ଗତେ ଦିଘ ୧୦।୩୮ ମଧ୍ୟେ ଦିଘ ୧।୧୦ ଗତେ ଦିଘ ୧।୨୯ ମଧ୍ୟେ ।

ପର୍ବୋତ୍ସବ- ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢା ପରିକ୍ରମା ।

32 YEARS
ସମ୍ବାଦ କଳିକା

# ଆରବିଆଇ ଲଗାଇବ ଅଣ-ବ୍ୟାଙ୍କି କମ୍ପାନୀର କ୍ରେଡିଟ୍ କାର୍ଡ ଉପରେ କଟକଣା

ଭାରତୀୟ ରିଜର୍ଭ ବ୍ୟାଙ୍କ (RBI) ଲୋନ୍ ସମ୍ପର୍କିତ ନିୟମକୁ କରିଛି କଡ଼ାକଡ଼ି। ଆରବିଆଇ ଅଣ-ବ୍ୟାଙ୍କିଂ ଆର୍ଥିକ କମ୍ପାନୀ (NBFCs) ଗୁଡ଼ିକ ଦ୍ୱାରା ଦିଆଯାଉ ଥିବା କ୍ରେଡିଟ୍ କାର୍ଡ ଏବଂ ଫ୍ଲେକ୍ସି ଲୋନ୍ ଉପରେ କଟକଣା ଲଗାଇବାକୁ ପ୍ରସ୍ତାବ ଦେଇଛି। ଏହାର ଅର୍ଥ ବଜାଜ୍ ଫାଇନାନ୍ସ ଭଳି କମ୍ପାନୀଗୁଡ଼ିକର କ୍ରେଡିଟ୍ କାର୍ଡ ସେବା ବନ୍ଦ ହୋଇ ପାରେ କିମ୍ବା ଏହାକୁ ନୂଆ ଢଙ୍ଗରେ ଡିଜାଇନ୍ କରିବାକୁ ପଡ଼ିପାରେ। ଏହି କ୍ରମରେ, ଯେଉଁ ନନ୍-ବ୍ୟାଙ୍କିଂ ଫାଇନାନ୍ସ କମ୍ପାନୀଗୁଡ଼ିକୁ ଆରବିଆଇ ପକ୍ଷରୁ ପୂର୍ବରୁ କ୍ରେଡିଟ୍ କାର୍ଡ ଜାରି କରିବାର ସ୍ୱତନ୍ତ୍ର ଅନୁମତି ମିଳି ସାରିଛି, ସେଗୁଡ଼ିକ ଉପରେ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ। ଏହି ପ୍ରସ୍ତାବ ଆସିବା ପରେ ଶୁକ୍ରବାର ବଜାଜ୍ ଫାଇନାନ୍ସର ସେୟାର ମୂଲ୍ୟରେ ୫.୮୪ ପ୍ରତିଶତ ହ୍ରାସ ଘଟି ୧,୦୭୮ ଟଙ୍କାରେ ପହଞ୍ଚି ଥିଲା। ସେହିପରି ଏଲ୍ ଆଣ୍ଡ ଟି ଫାଇନାନ୍ସର ସେୟାର ମୂଲ୍ୟରେ ମଧ୍ୟ ୨.୭୩ ପ୍ରତିଶତ ହ୍ରାସ ରେକର୍ଡ କରାଯାଇଛି। ଆରବିଆଇ ସିଧାସଳଖ 'ରିଭଲଭିଂ କ୍ରେଡିଟ୍' ଉପରେ ପ୍ରତିବନ୍ଧକ ଲଗାଇବାକୁ ପ୍ରସ୍ତାବ ଦେଇଛି। ଏହା ଅଧିନରେ ସେହି ଲୋନ୍ ଆସିଥାଏ, ଯେଉଁଥିରେ ଗୋଟିଏ ନିର୍ଦ୍ଦିଷ୍ଟ କ୍ରେଡିଟ୍ ଲିମିଟ୍ ଥାଏ। ଗ୍ରାହକମାନେ ବାରମ୍ବାର ଟଙ୍କା ଉଠାଇ ପାରନ୍ତି, ତାହାକୁ ଶୁଝି ପାରନ୍ତି ଏବଂ ପୁଣି ଥରେ ଲିମିଟ୍ ବଢ଼ାଇ ଋଣ ନେଇ ପାରନ୍ତି। କ୍ରେଡିଟ୍ କାର୍ଡ ଭଳି ସେବାଗୁଡ଼ିକ ଏହି ବର୍ଗରେ ଆସି ଥାଏ। ବର୍ତ୍ତମାନ NBFC ଗୁଡ଼ିକୁ କେବଳ ନିର୍ଦ୍ଦିଷ୍ଟ ଅବଧି ପାଇଁ 'ଟର୍ମ ଲୋନ୍' ଦେବାକୁ ଅନୁମତି ମିଳିବ, ଯେଉଁଥିରେ ଗୋଟିଏ ନିର୍ଦ୍ଦିଷ୍ଟ ପରିମାଣର ଟଙ୍କା ଦିଆଯାଏ ଏବଂ ନିର୍ଦ୍ଧାରିତ EMI କିମ୍ବା ସମୟସୀମା ଅନୁସାରେ ତାହାର ପରିଶୋଧ କରାଯାଏ। ଥରେ ଲୋନ୍ ଆପ୍ରୁଭ ହୋଇଗଲେ, ସେହି ଲୋନର ଲିମିଟକୁ ପୁଣି ଥରେ ବୃଦ୍ଧି କରାଯାଇ ପାରିବ ନାହିଁ। ଯେଉଁ NBFC ଗୁଡ଼ିକୁ RBI ରୁ କ୍ରେଡିଟ୍ କାର୍ଡ ଜାରି କରିବାର ଅନୁମତି ମିଳିଛି, ସେଗୁଡ଼ିକ ଉପରେ ଏହି କଟକଣା ଲାଗୁ ହେବ ନାହିଁ। ବଜାଜ୍ ଫାଇନାନ୍ସ ଭଳି ବଡ଼ ବଡ଼ NBFC ଏବଂ "Flexi Loan' କିମ୍ବା "Credit Line' ଭଳି ଲୋନ୍ ସେବା ଯୋଗାଉ ଥିବା ଡିଜିଟାଲ୍ ଲେଣ୍ଡିଂ ଆପ୍ ଗୁଡ଼ିକୁ ସେମାନଙ୍କ ପ୍ରଡକ୍ଟ ଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ନୂଆ ରୂପ ଦେବାକୁ ପଡ଼ିବ। ଗ୍ରାହକମାନେ ପାଉଥିବା ବାରମ୍ବାର ବ୍ୟବହାର ଯୋଗ୍ୟ କ୍ରେଡିଟ୍ ସୁବିଧା ଏବେ ସୀମିତ ହୋଇଯିବ। ଫ୍ଲେକ୍ସି କ୍ରେଡିଟ୍ ନେବା ପରିବର୍ତ୍ତେ ଗ୍ରାହକଙ୍କୁ ପ୍ରତ୍ୟେକ ଥର ନୂଆ ଟର୍ମ ଲୋନ୍ ନେବାକୁ ପଡ଼ିବ କିମ୍ବା ବ୍ୟାଙ୍କ ଓ ଅଧିକୃତ NBFCର କ୍ରେଡିଟ୍ କାର୍ଡ ଉପରେ ନିର୍ଭର କରିବାକୁ ପଡ଼ିବ। ଆରବିଆଇର ଏହି ନୂଆ ପ୍ରସ୍ତାବ ପଛରେ ଏକ ସ୍ୱତନ୍ତ୍ର କାରଣ ରହିଛି। ଆରବିଆଇ ଖୁଚୁରା କ୍ଷେତ୍ରରେ ହେଉଥିବା ଅତ୍ୟଧିକ ଏବଂ ଅନିୟନ୍ତ୍ରିତ ଋଣର ବିପଦକୁ ରୋକିବାକୁ ଚାହୁଁଛି। ଏହାସହ ଲୋନ୍ ବ୍ୟବସ୍ଥାରେ ସ୍ୱଚ୍ଛତା ଏବଂ ସୁଦୃଢ଼ତା ଆଣିବା ପାଇଁ ଆରବିଆଇ ଏହିସବୁ ଲୋନ୍ ଉପରେ କଟକଣା ଲଗାଇବାକୁ ପ୍ରସ୍ତାବ ଆଣିଛି।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

**ମାତୃତ୍ୱ**

ଶ୍ରଦ୍ଧେୟ ଭକ୍ତବୃନ୍ଦ ତୁମେ ସଂସାରୀ ହୁଅ, କି ଯାହାବି ହୁଅ, ଏ ସଂସାର ଏ ପୃଥିବୀର ଅଧିକାରୀ ହେଲେ ମା କେତେ କଷ୍ଟ କେତେ ଦୁଃଖ, କେତେ ଯନ୍ତ୍ରଣା ପାଇଲେ ମଧ୍ୟ ତା ମୁଖରେ ହସଥାଏ । ସେହି ମା ତେଣୁ ହେ ସୁଧିଜନ, ହେ ସଂସାରୀ ପୃଥିବୀ ଓ ଆକାଶ ଠାରୁ ବି ମା ବଡ । ତେଣୁ ଏହି ବଡ ସହିତ ତାଳ ମିଳାଇ କିପରି ଚାଲିବ । ସେଥିପ୍ରତି ତ୍ୟାଗ ରହିବା ହେଉଛି ତୁମର ପ୍ରଥମ କର୍ତ୍ତବ୍ୟ । ତେଣୁ ହେ ଭକ୍ତ, ହେ ଶିଷ୍ୟ, ସେ ସଂସାରୀ ପ୍ରଥମେ ନାରୀକୁ ସମ୍ମାନ ଦେବା ଶିଖ । ଦେଖିବ ତୁମର ସଂସାର କେତେ ସୁନ୍ଦର ହୋଇଯିବ । ପ୍ରକୃତ ସଂସାରର ମାଳି ହିଁ ନାରୀ ସେ ନଥିଲେ ସଂସାର ନାହିଁ । ସେ ନଥିଲେ ସୁଖ ନାହିଁ । ସେ ନଥିଲେ ପୁରୁଷର ସତା ବି ନାହିଁ । ତାହେଲେ କାହାପାଇଁ ଏ ପୁରୁଷତ୍ୱ।

ତେଣୁ ହେ ସୁଧିଜନ ପ୍ରଥମେ ତୁମେ ସଙ୍କଳିତ ମନରେ ତୁମର ସ୍ତ୍ରୀକୁ ପ୍ରଥମେ ମାତୃତ୍ୱର ସମ୍ମାନ ଦେବା ଶିଖ । କାରଣ ସେ ସିନା ତୁମର ସ୍ତ୍ରୀ ପୁଣି କାହାର ତ ମା ତେଣୁ ସନ୍ତାନ ବତ୍ସଳା ମା କୁ ହାତାଦାର କାରଣ ଶୀହନ ତୁମେ ହୋଇଯିବ । ତେଣୁ ନାରୀ ହିଁ ସୃଷ୍ଟି, ନାରୀ ହିଁ ମା, ତେଣୁ ହେ ମାନବ ସାବଧାନ ନଚେତ୍ ଠକିଯିବ । ହରି ଓଁ ।

◆◆

# ଯାହା ନାହିଁ ଭାରତେ, ତାହା ନାହିଁ ଭାରତେ (୨)



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ମହାଭାରତର କଥାବସ୍ତୁ, ଆଖ୍ୟାନ ଭାଗ - ଏଥିସହ ଓଡ଼ିଶାର ବିଶେଷ ସମ୍ପର୍କ ନ ଥିଲା; ମାଟିର କବି ସାରଳା। ତାଙ୍କ କୃତିରେ ଓଡ଼ିଶା ସମାଜ ଜୀବନର ନାନାଚିତ୍ର ପାଳନ ପ୍ରଦାନ କରିଛନ୍ତି। ମୂଳ ମହାଭାରତରେ ବହୁ ଯୁଦ୍ଧକଥା ବର୍ଣ୍ଣିତ। ଏ ଦିଗରେ ସାରଳାଙ୍କ ଅଧିକ ପାରଦର୍ଶିତା। ନିଜେ ଲେଖକ ଜଣେ ସୈନିକ ଥିଲେ। ଏଥିପାଇଁ ଯୁଦ୍ଧ ବର୍ଣ୍ଣନାରେ ତାଙ୍କର ବିଶେଷ କଳା-କୁଶଳତା ପ୍ରଦର୍ଶିତ। ପ୍ରସଙ୍ଗକ୍ରମେ ଓଡ଼ିଶାର ବହୁ ତୀର୍ଥ ତଥା ଦେବଦେବୀ, ସେମାନଙ୍କ ବର୍ଣ୍ଣନା ମହାଭାରତରେ ପରିଲକ୍ଷିତ। ସେକାଳରେ ପ୍ରଚଳିତ ନାନା ବ୍ରତ, ଧର୍ମବିଶ୍ୱାସ ଆଚାର ବିଚାର ଚିତ୍ର ମହାଭାରତର ମିଳେ। ଯୌନବ୍ୟଭିଚାର ବିରୋଧୀ ଜନ-ଜୀବନ, ସଞ୍ଜମତା ରକ୍ଷା ଉପରେ ଗୁରୁତ୍ୱ। କବି ଉପଦେଶ ଛଳରେ ତାହା କରନ୍ତି, ପରଦାରା ପରଧନ ଲୋଭ ନ କରିବୁ। ବିବାହିତା ନାରୀ ସଙ୍ଗେ କେବଳ ରହିବୁ। ଶ୍ରୀକୃଷ୍ଣଙ୍କର ସହସ୍ରୟ ସୁନ୍ଦରୀଙ୍କ ସହ ରତିକ୍ରୀଡ଼ା, ଶ୍ରୀକୃଷ୍ଣ ବ୍ୟତିବ୍ୟସ୍ତ। ପରଦାରା ରମଣ ଜନିତ ପାପ - ଏଥିପାଇଁ ସେ ଢେର୍ ଅନୁତପ୍ତ। ଏ ପ୍ରକାର ଯୌନାଚାର ଏକ ଗର୍ହିତ ପାପ। ଏଥିରୁ ରକ୍ଷା ମିଳନି ଅବତାର ପୁରୁଷ ଶ୍ରୀକୃଷ୍ଣଙ୍କୁ। ମୃତ୍ୟୁପରେ ତାଙ୍କ ପିଣ୍ଡ ରହିଲା ଅର୍ଦ୍ଧଦଗ୍ଧ। ପରନାରୀ ହରଣ କଳଙ୍କର ଏହା ପରିଣାମ।

'ଗୋଷ୍ଠେ ଥିଲାବେଳେ ପୁଣି ବକା ଛନ୍ତି ମାରି / ବଳକ୍ରାରେ ରହିଥିଲେ ଗୋପୀଗଣ ଧରି / ଜୀବ ଥିବାଯାଏ ଯାଙ୍କୁ ପାପ ନ ଲାଗିଲା। ମରଣ ପରେ ଏ ପିଣ୍ଡେ କଳଙ୍କ ରହିଲା।' ସାରଳାଙ୍କ ସମୟ। ସମାଜରେ ଗୋପୀନାଥ ଉପାସନା ବହୁଳ ପ୍ରଚାରିତ। ମାତ୍ର ପରକୀୟା ରାଧା ପ୍ରେମର ଦୃଷ୍ଟାନ୍ତ ନ ଥିଲା। ପରିଣାମରେ କୌଣସି ଠାରେ ଶ୍ରୀକୃଷ୍ଣଙ୍କ ମୂର୍ତ୍ତି ପାଖରେ ରାଧାଙ୍କ ମୂର୍ତ୍ତି ପରିଦୃଷ୍ଟ ନୁହେଁ। ଭ୍ରଷ୍ଟ ସହଜିଆ ଧର୍ମ ପ୍ରତି ସାରଳାଙ୍କର ନାସିକା କୁଞ୍ଚନ। ଏ କଥାଟି ପ୍ରକାଶିତ ଶ୍ରୀକୃଷ୍ଣଙ୍କ ଅନୁତାପରେ, 'ପୋଡୁ ପୋଡୁ ପରଦାରା ଆଜିଠାରୁ ନୋହୁ / ଯେ କରିବ ପରଦାରା ପ୍ରାଣ ତା'ର ଯା'ର/ ପରଦାରା ହରଣରେ ଏସନ ଅବସ୍ଥା / ଖେଳ ରସେ ଭିଆଇଲି ମୁଁ ଏସନ କଥା/ ଏବେ ସେ ଜାଣିଲି ପରଦାରାର ଏ ଭେଦ / ପରଦାରା ଭୋଗ ହୁଏ ଏସନ ପ୍ରମାଦ / ନାରାୟଣ ହିଁ ବିରସ ହୋଇଲେ ଏସନେ / ପରସ୍ତିରୀ ହରଣରେ ନ ପଶିବେ ଜନେ।'

ଉତ୍କଳରେ ବହୁ ଧର୍ମର ପ୍ରଚାର ପ୍ରସାର। ତନ୍ମଧ୍ୟରେ ବୌଦ୍ଧ, ଶୈବ, ଶାକ୍ତ, ବୈଷ୍ଣବ ପ୍ରଭୃତିର ନାମୋଲ୍ଲେଖ। ପରିଶେଷରେ ଏହା ଜଗନ୍ନାଥ ଧର୍ମ ସଂସ୍କୃତିରେ ବିଲୀନ। ଏଠାରେ ପ୍ରଭୁ ଜଗନ୍ନାଥ ରାମ, କୃଷ୍ଣ, ହରି, ହର ଭାବେ ଚିତ୍ରିତ। 'ନୀଳ ସୁନ୍ଦର ପର୍ବତ କଳ୍ପବଟ ତଳେ / ଦକ୍ଷିଣ କୃଶସ୍ଥଳୀ ଶ୍ରୀକ୍ଷେତ୍ର ମଣ୍ଡଳେ / ବିଜୟେ ଶ୍ରୀ ରାମକୃଷ୍ଣ ସୁଭଦ୍ରା ଏ ତିନି / ଚାରିଲକ୍ଷ ବତିଶସସ୍ର ଦେବ ଘେନି / ଶ୍ରୀଜଗନ୍ନାଥ ପରମ ବିଷ୍ଣୁ, ଭାବେ ପରିକଳ୍ପିତ। ବଡ଼ ଠାକୁର ହର, ସୁଭଦ୍ରା ବ୍ରହ୍ମାଙ୍କ ଅବତାର - ଏ କଥା ମଧ୍ୟ ପ୍ରକାଶ କରିଛନ୍ତି। 'ରାମକୃଷ୍ଣ ସୁଭଦ୍ରା ଯେ ଏ ତିନି ପ୍ରତିମା / ଶ୍ରୀ ପୁରୁଷୋତ୍ତମ ବିଜେ ହଳୀ, ହର ବ୍ରହ୍ମା।' ପୁନଶ୍ଚ ସେଇ ଜଗନ୍ନାଥ ବୌଦ୍ଧ ରୂପେ ପରିକଳ୍ପିତ, 'ସଂସାର ଜନକୁ ତାରିବା ନିମନ୍ତେ / ବଉଦ୍ଧ ରୂପରେ ବିଜେ ଜଗନ୍ନାଥେ।' ଅର୍କକ୍ଷେତ୍ର କୋଣାର୍କରେ ବିଶ୍ୱପ୍ରସିଦ୍ଧ ସୂର୍ଯ୍ୟମନ୍ଦିର। ଉପାସିତ ସୂର୍ଯ୍ୟଦେବତା। ସମଗ୍ର ପୃଥିବୀ ମଧ୍ୟରେ ଏଇଟି ପବିତ୍ର କ୍ଷେତ୍ର। ଚନ୍ଦ୍ରଭାଗା ସ୍ନାନରେ ଅଶେଷ ପୁଣ୍ୟପ୍ରାପ୍ତି, ଏ କଥାଟି କବିଙ୍କର ହୃଦବୋଧ, ବୌଦ୍ଧ ଶୂନ୍ୟବାଦୀ ଚିନ୍ତାଧାରା, ଉତ୍କଳୀୟ ସମାଜରେ ଏହାର ଯଥେଷ୍ଟ ପ୍ରଭାବ - 'ଆଦ୍ୟରୁ ଶୂନ୍ୟ ହିଁ ଜାତ ଶୂନ୍ୟରୁ ପବନ / ପବନରୁ ଜାତ ଯୋଗପୁରୁଷ ସମାନ / ଯୋଗପୁରୁଷରୁ ଜାତ ହେଲେ ଗାୟତ୍ରୀ / ଏହା ତହୁଁ ଉପୁଜିଲା ଚାରିଗୋଟି ବେଦ / ତହୁଁ ଉତ୍ପତ୍ତି ହେଲା ସାତଗୋଟି ଛନ୍ଦ।'

କବିଙ୍କ ଲେଖନୀରେ ପରମ ବିଷ୍ଣୁ, ଶୂନ୍ୟପୁରୁଷ, ବୌଦ୍ଧଧର୍ମର ଆଧ୍ୟାତ୍ମିକ ଭାବନା, ଜନ-ଜୀବନରେ ଏହାର ଲୋକପ୍ରିୟତା ହରାଇଥିଲା। ପରବର୍ତ୍ତୀ ସମୟ। ପଞ୍ଚସଖା ସାଧକଙ୍କ ରଚନାରେ ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱ, ସହ ଶୂନ୍ୟବାଦ ସ୍ଥାନିତ। ଏକଥାଟିର ଆଦ୍ୟ ସୂଚନା ମହାଭାରତରୁ ମିଳେ।

ସାରଳା ଦାସଙ୍କ ମହାଭାରତ ଏକ 'ଜାତୀୟ ମହାକାବ୍ୟ', ଜାତି-ଜୀବନର ପ୍ରାଣ ସ୍ପନ୍ଦନ ପ୍ରତିଟି ସ୍ଥଳରେ ସ୍ପନ୍ଦିତ। ଉତ୍କଳ ସମାଜ ଏହାଦ୍ୱାରା ପ୍ରଭାବିତ। ସାରଳା ମହାଭାରତର ଜନପ୍ରିୟତାର ଏହା ମୁଖ୍ୟ କାରଣ। ଜ୍ଞାନ, ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ପ୍ରଭାବିତ ଜୀବନଧାରା, ଏହା ସତ୍ତ୍ୱେ, ମହାଭାରତର ଲୋକପ୍ରିୟତା କଳ୍ପନାତୀତ। ବ୍ୟାସକୃତ ମହାଭାରତରେ ଅନେକ ନୀତିକଥା। ଏହା ଦ୍ୱାରା ସମାଜ ବହୁକାଳ ଧରି ପ୍ରଭାବିତ। ଏ ପରିପ୍ରେକ୍ଷୀରେ ସାରଳା ଦାସ ଜଣେ କୃଷକ-କବି। ତାଙ୍କ କାବ୍ୟ ଜନଶିକ୍ଷାରେ ସହାୟକ। ନୀତି, ଧର୍ମ କଥା କହିଛନ୍ତି। ରାଜନ୍ୟବର୍ଗ ଏ ସବୁକୁ ପାଥେୟ କରନ୍ତୁ ରାଜ୍ୟର ସୁଶାସନ ପ୍ରତିଷ୍ଠା। ଏହା ଦ୍ୱାରା ସୁଦୃଢ଼ ହେବ, 'ରାଜ୍ୟ କର ବାବୁ ଏବେ ଧର୍ମ ପ୍ରତିପାଳି / ଅଧର୍ମ କଲେ ସହିବ ନାହିଁ ମହୀସ୍ଥଳୀ / ଏ ସନ ପ୍ରଜା ପାଳିବୁ ନୋହିବେ କେ ଦୁଃଖୀ / ପ୍ରଜାଙ୍କ ସୁଖରେ ସିନା ରାଜା ହୁଏ ସୁଖି।'

ବ୍ରାହ୍ମଣ, ପଣ୍ଡିତ, ଗୁଣୀଜନ - ଏମାନେ ସର୍ବଦା ପୂଜ୍ୟ। ଏମାନଙ୍କୁ ଅବମାନନା; ଅମାନବୀୟ କାର୍ଯ୍ୟ। ରାଜା ଶରଣ ରକ୍ଷଣ; ପ୍ରଜାନୁରଞ୍ଜନ ତାଙ୍କର ଧର୍ମ। ଓଡ଼ିଶା କୃଷିପ୍ରଧାନ ଦେଶ। କୃଷକମାନଙ୍କୁ ନ ଦଣ୍ଡିବା ରାଜଧର୍ମ, ଅଧର୍ମ ହେଲେ ବିପ୍ଲାତ ସୃଷ୍ଟିହେବ। ମହୀ ହେବ ଥରହର। କବିମାନେ ଯୁଗେଯୁଗେ ସମାଜରେ ଆଦରଣୀୟ। ଏମାନଙ୍କ ରାଜପ୍ରୋତ୍ସାହନ ଲୋଡ଼ା। ଏକଥା ସବୁ ଲେଖିଲେ ସାରଳା ଦାସ, 'ଗୁଣୀ ଗଣ ଜାଣି ବାବୁ କରିଥିବୁ ପୂଜା / କବିମାନଙ୍କୁ କୃପଣ ନ ହୋଇବୁ ରାଜା।' ପରୋପକାରୀ ଜନ, ଏମାନଙ୍କର ନିନ୍ଦା ବର୍ଜନୀୟ। ସଂସାର ମହାମାୟାର ଘୂର୍ଣ୍ଣିବଳୟ। ଏଠାରେ ସମସ୍ତେ ଅସ୍ଥିର। ଭବଭୂମିରେ ଦିଦିନିଆ କୁଣିଆ। ଅସ୍ଥାୟୀ ଜୀବନ। ଦିନେ ହାଟ ଭାଙ୍ଗିବ, ଦୋକାନ ଉଠିବ, ମରଣଶୀଳ ଦୁନିଆ, ଏଠି ସବୁ ମାୟାରେ ବାୟା। ପଣ୍ଡିତ, ଗୁଣିଙ୍କର ପ୍ରଶଂସା ବିଜ୍ଞଜନର ମହତ କାର୍ଯ୍ୟ। 'ଯୁଦ୍ଧ ଯଦି କରି ବସିବ ସଙ୍ଗରେ ଥିବ ଭାଇ' - ତା' ପରିକା ପରମ ସହାୟକ ଏ ସଂସାରରେ ବିରଳ। କେଡ଼େ ଅନୁଭୂତିସମ୍ପନ୍ନ କବି ସାରଳା। ଲୋକଚରିତ୍ରକୁ ସୁନ୍ଦର ଭାବରେ ପ୍ରକାଶ କରିଛନ୍ତି, 'ସଖି ଚଉର୍ଯ୍ୟଗଣ କହନ୍ତି ଯେ ତାଙ୍କର ଲାଜ ନାହିଁ / ମାଗନ୍ତା ଲୋକର ସଖି ଲାଜ ଅଛି କାହିଁ / ପର ଭୋଜନ ଅନ୍ନକୁ ଯେ ନିତି କରଇ ଆଶ / ସେ ପ୍ରାଣୀଙ୍କର କାହିଁ ରହଇ ଲାଜ ଲେଶ / ପରଦାରା ପୁରୁଷେ ଯେହୁ ସେ କରନ୍ତି / ତାଙ୍କ ଲାଜ ଆଉ କିସ ସେ ପ୍ରକୃତି।' ସେହିପରି ପାରିବାରିକ ଜୀବନକଥା। ଅନୁଗତ ସ୍ତ୍ରୀ, ଆଜ୍ଞାଧୀନ ପୁତ୍ର - ଏହା ସୁଖୀ ସଂସାରର ମୁଖ୍ୟକଥା। ଏହାର ବିପରୀତ ଜୀବନ ଦୁର୍ବିସହ, 'ଅମାନତା ପୁତ୍ର, ପର ଆଚାର ଭାରିଜା / ଗୁଣବନ୍ତ ଲୋକେ ଯେ ଏହା କହନ୍ତି ପରିତ୍ୟଜା।'

ଏମନ୍ତ ପ୍ରକାର ଶହଶହ ଉପଦେଶବାଣୀ, ସାରଳା ସାହିତ୍ୟରେ ପରିଦୃଷ୍ଟ। ବାବନାଭୂତ କଥା, ଅନନ୍ତା କଥା, ତୁଳା ମୁହାଁଙ୍କ କଥା - ଏସବୁ କାହାଣୀ ନୀତିକଥା ପାଇଁ ଉଦ୍ଦିଷ୍ଟ। 'କର୍ଣ୍ଣ ମଲେ ପାଞ୍ଚ, ଅର୍ଜୁନ ମଲେ ପାଞ୍ଚ', 'ଧୃତରାଷ୍ଟ୍ରଙ୍କୁ କନ୍ୟା ନାହିଁ କି ଗାନ୍ଧାରୀଙ୍କୁ ବର ନାହିଁ', 'ଝିମିଟି ଖେଳରୁ ମହାଭାରତ ଜାତ', 'ଗଙ୍ଗା ବୋଇଲେ ଥିବି, ଗାଙ୍ଗୀ ବୋଇଲେ ଯିବି' - ଏ ପ୍ରକାର ପ୍ରବଚନ ଓଡ଼ିଆ ଘରେ ଘରେ ପ୍ରଚଳିତ। 'ସାରଳା ମହାଭାରତ' ନୀତି କଥାର ଗନ୍ତାଘର। 'ଯୋଗୀ, ଭୋଗୀ, ରାଜା, ରଙ୍କି, କୃଷକ, ସମାଜସେବୀ - ସମସ୍ତଙ୍କ ପାଇଁ ଏହା ଶିକ୍ଷାର ଉତ୍ସ। ଆଦର୍ଶ ଜୀବନ ଯାପନ ପାଇଁ - ଏହାର ଉପଯୋଗିତା ଆକାଶଛୁଆଁ।

କଳ୍ପନାରେ ମୌଳିକତା, ଅଭିନବତ୍ୱ, କୁଶଳତା ସହ ପରିବେଷଣ ଚାତୁର୍ଯ୍ୟ - ଏଇଟି ସାରଳାଙ୍କ ଅନ୍ୟତମ ବୈଶିଷ୍ଟ୍ୟ। ସାରଳାଦାସଙ୍କ ସତ୍ୟ-ଆମ୍ବ ଉପାଖ୍ୟାନ ପାଣ୍ଡବମାନଙ୍କ ଜୀବନରକ୍ଷା ହେବ, ଲୋଡ଼ା ଅଦିନରେ ଚୂତ ଫଳଟିଏ। କାହୁଁ ଆସିବ? କପଟୀ ଶ୍ରୀକୃଷ୍ଣ କୂଟ ଭିଆଇଲେ, ପାଣ୍ଡବ ବଂଶ ଆପଣା ଆପଣା ଗୋପନୀୟ ସତ୍ୟ ପ୍ରକାଶ କରିବେ, ଅଦିନେ ଆମ୍ବ ଫଳିବ। ପାଣ୍ଡବମାନେ ସେମାନଙ୍କ ଲୁଚେଇ ରଖିଥିବା କଥା ପ୍ରକାଶ କଲେ। ଆମ୍ବର ଅଙ୍କୁରୋଦ୍‌ଗମ, ଏପରିକି ବଉଳ ପର୍ଯ୍ୟନ୍ତ, ସବୁ ଠିକ୍‌ଠାକ୍; କିନ୍ତୁ ଫଳ ନାସ୍ତି। ଦ୍ରୌପଦୀ ତାଙ୍କ ଗୁପ୍ତକଥା କହିବେ, ତା'ପରେ ଆମ୍ବ ପାଚିବ। ଶ୍ରୀକୃଷ୍ଣଙ୍କର ଉକ୍ତି, 'ସତ୍ୟ ସତ୍ୟ କରି ତୋର କହ କଥା / ସ୍ତ୍ରୀଙ୍କ ଚରିତ୍ରେ ଥାଏ ବହୁ ମିଥ୍ୟା।'

ପଞ୍ଚପତି, ଶ୍ରୀକୃଷ୍ଣ ଉପସ୍ଥିତ। ଦ୍ରୌପଦୀ ତାଙ୍କ ଗୁପ୍ତକଥା ଫେଡ଼ିଲେ, 'ଯଦ୍ୟପି ମୋହର ପତି ଛନ୍ତି ପାଞ୍ଚଜଣ / କର୍ଣ୍ଣ ସୌନ୍ଦର୍ଯ୍ୟରେ ମୋର ଭୁଲିଯାଏ ମନ।' ତତ୍‌କ୍ଷଣାତ୍ ଆମ୍ବ ପାଚିଲା।

ସଂସ୍କୃତ ମହାଭାରତରେ ଏ ଉପାଖ୍ୟାନ ନାହିଁ। ଏକଥା ପୁରାଣାନୁମୋଦିତ ନୁହେଁ। ନାରୀ ଚରିତ୍ର ଚିତ୍ରଣରେ ସାରଳା ସିଦ୍ଧହସ୍ତ - ଏକଥାଟି ଅନ୍ୟଥା ନୁହେଁ।

ସେହିପରି ଦ୍ରୌପଦୀ, ହିଡ଼ିମ୍ବୀର କଳହ - ଏ ଚରିତ୍ର ଚିତ୍ରଣ। ନାହିଁ ଅପ୍ରାକୃତତା ଅବା ଆଭିଜାତ୍ୟ। ଓଡ଼ିଶାର ପୁରପଲ୍ଲୀର ସାଧାରଣ ନାରୀ ଚରିତ୍ର, ତାହା ନିରଳସ ଭାବେ ସାରଳା ଫୁଟାଇ ପାରିଛନ୍ତି, 'ଆରେ ଘଟୋତ୍କଚ ତୁହି ମାତା ଶିକ୍ଷା ପାଇ / ଅବଜ୍ଞାରେ ନମସ୍କାର ନ ହେଲୁରେ ବାଇ / +++/ ତୋର ମାତା ଅଲକ୍ଷଣୀ ଅଟଇ ଅସୁରୀ / ବ୍ରାହ୍ମଣ ରାଜା ଦ୍ରୁପଦ ମୁଁ ତା'ର କୁମାରୀ।'

ଏଥିରେ ହିଡ଼ିମ୍ବୀର ପ୍ରତ୍ୟୁତ୍ତର - 'ଆଲୋ ଦେଖୁଛି ତ ମୁହିଁ ତୁ ବଡ଼ ଅସତୀ / ତୁ ଗୋଟାଏ ନାରୀ ହୋଇ ତୋର ପଞ୍ଚପତି / +++ / ଆଲୋ ଆଣ୍ଠୁକୁଡ଼ି ତୋର ନାହାନ୍ତି ସନ୍ତାନ / ଯେଉଁ ରୂପେ ଶାପ ଦେବି ଗୁଣ ତା' ବିଧାନ।' ଓଡ଼ିଶା ଗାଁ ଗହଳିରେ ସପତ୍ନୀ କଳହର ଏହା ଏକ ବାସ୍ତବ ଚିତ୍ର।

'ଉଆଁସୀ କନ୍ୟାକୁ ସାହାଡ଼ା ବର' - ଓଡ଼ିଆ ଭାଷୀ ଜନସମାଜରେ ଏକ ବହୁଳ ପ୍ରଚଳିତ ପ୍ରବଚନ। ଗାନ୍ଧାର ରାଜକନ୍ୟା ଗାନ୍ଧାରୀ, ଅମାବାସ୍ୟା ତିଥିରେ ତାଙ୍କର ଜନ୍ମ। ସେଇଥିପାଇଁ ତାଙ୍କ ଠାରେ 'ବ୍ରହ୍ମଅସୁରୀ ଯୋଗ'। ସେ ଯାହାକୁ ପତିରୂପେ ବରିବେ, ତା'ର ମୃତ୍ୟୁ ଅନିବାର୍ଯ୍ୟ। ଏଥିପାଇଁ ସେ ବହୁକାଳ ଅବିବାହିତ। 'କୃତିକା ନକ୍ଷତ୍ରେ ଜାତ ହେଲା ତୋ ଗାନ୍ଧାରୀ / ଆବର ଉଁଆସୀ ହେଲା ସେ ବ୍ରହ୍ମ ଅସୁରୀ / ନଷ୍ଟଚନ୍ଦ୍ର ହୁଅଇ ଯେ ଅମାବାସ୍ୟା ଦିନ / ଦୋଲଲାଗେ ଯେବେ ସ୍ତ୍ରୀ ହୁଅନ୍ତି ଉତ୍ପନ୍ନ।' ଅନୁରୂପ ଭାବେ ଧୃତରାଷ୍ଟ୍ର ଏକ କୁକ୍ଷଣରେ ଜନ୍ମ। ନକ୍ଷତ୍ର ଗଣନା ଅନୁସାରେ ତାଙ୍କୁ ବ୍ରହ୍ମରାକ୍ଷସ ଯୋଗ।

ପୁତ୍ର ହେଲା କୃତ୍ତି ରୁକ୍ଷ ବୃଷରାଶି / ଶୁକ୍ର କ୍ଷେତ୍ର ଜନ୍ମ ବ୍ରହ୍ମରାକ୍ଷସ ଏ ରାଶି। ଏଥିପାଇଁ ଧୃତରାଷ୍ଟ୍ର ବିବାହ କରୁଥିବା ସ୍ତ୍ରୀ ନାଶ ହେଲେ। ଧୃତରାଷ୍ଟ୍ର - ଗାନ୍ଧାରୀ ଉଭୟଙ୍କ ବ୍ରହ୍ମରାକ୍ଷସ ଗଣ। ବ୍ୟାସଙ୍କ ପରାମର୍ଶ। ଧୃତରାଷ୍ଟ୍ର ଗାନ୍ଧାରୀଙ୍କ ପାଣିଗ୍ରହଣ କରିବେ। ମାତ୍ର ରିଷ୍ଟଖଣ୍ଡନ ଆଉ ଧୃତରାଷ୍ଟ୍ରଙ୍କ ଜୀବନରକ୍ଷା; ଗାନ୍ଧାରୀ ବିବାହ କଲେ ପ୍ରଥମେ ସାହାଡ଼ା ଗଛକୁ। ଗାନ୍ଧାରୀ କନ୍ୟା ବେଶରେ, ସାହାଡ଼ା ବୃକ୍ଷର ବର ବେଶ। 'କନ୍ୟା ବେଶେ ହୋଇଲା ଯେ ସେ ଦେବୀ ଗାନ୍ଧାରୀ / ମଙ୍ଗଳ ବାଦ୍ୟେ ବରଣ ସୀଉକାର କରି।' ଓଡ଼ିଶାର ଜନ ସମାଜରେ ଏବେ 'ସାହାଡା ବିବାହ' ବିଧି ପ୍ରଚଳିତ।

ଏତଦ୍‌ଭିନ୍ନ ଓଡ଼ିଆ ସମାଜରେ ତୁଳସୀପୂଜା, ନବଜାତ ଶିଶୁର ଜନ୍ମରୁ ଷଷ୍ଠ ଦିବସରେ ଷଠିଦୂଶୀ ପୂଜା, ଅକାମାବଇ ସ୍ନାନ, ଚକୁଳିଆ ପଣ୍ଡା, ସାମୁଦ୍ରିକ ବିଦ୍ୟା, ରାତିରେ ସାପର ନାଁ ଧରିବା ପାଇଁ ନିଷେଧ, କଳିଆ ନାରଦଙ୍କ କଳିମୁଣି - ଏମିତି ନାନାବିଧ ପ୍ରଚଳିତ ଧାରଣା ଓଡ଼ିଆ ସମାଜ ଜୀବନର ଏକ ବିଚିତ୍ର ବିଶ୍ୱକୋଷ ଏଥିରୁ ଗୋଟିଏର ଉଦାହରଣ। 'ଯାତ୍ରା ସମୟ ଭେଟିବ ଯେବେ କାଳସର୍ପ / ଦେଖିଲେ ଅଶୁଭ ପୁଣି ସ୍ୱର୍ଗେ ମହାପାପ / ଯା'ର ନାମ ରାତ୍ରକାଳେ ମୁଖେ ନ ଧରନ୍ତି / ପୁଣି ସେହୁ କାମୋଡ଼ିଲେ ପ୍ରାଣୀ ନ ବର୍ତ୍ତନ୍ତି।' ଏ କଥାଟି ଜନଜୀବନରେ ବହୁଳ ପ୍ରଚଳିତ।

ମହାଭାରତର ପ୍ରତିଟି ଚରିତ୍ରର ଓଡ଼ିଆ ସଂସ୍କରଣ - ଏହା ପରିଲକ୍ଷିତ ସାରଳା ମହାଭାରତରେ। ଭୀମ, କୁଚକ୍ରୀ ଶକୁନୀ, ସତ୍ୟବତୀ ବେଦଗୁରୁବ୍ରହ୍ମା - ଏସବୁ ଚରିତ୍ରର ଗତିବିଧି। ଏଥିରେ ଓଡ଼ିଆ ଚଳଣି - ଚିତ୍ର ଅତି ସ୍ପଷ୍ଟ। ପାଣ୍ଡବମାନଙ୍କ ବନବାସ। ଗଣ୍ଡୁକୀ ନଦୀ ତଟ। ଶାଳଗ୍ରାମ ଶିଳାଗୁଡ଼ିଏ। ଭୀମ ପାଦରେ ଗଡ଼ାଇ ନାଚୁଥିଲା। ନାରାୟଣ ଏଥିରେ ଆହତ। ବାରଣ କଲାରୁ ଭୀମର ଉତ୍ତର; 'ପାଦରେ ଘଷିଲେ ଯାକୁ ଛାଡ଼ିଯାଏ ମଳି।' ଭୀମ ନିଷ୍କପଟ ଗାଉଁଲି ଚରିତ୍ରଟିଏ - ହୁରୁମା, ହୁଣ୍ଡା। ନାହିଁ ତା'ର ଆଗପଛ ବିଚାର, ପଞ୍ଚପତିଙ୍କ ସହ କୁରାଳ ଶାଳରେ ମଧୁଶଯ୍ୟା ରାତ୍ର। ତଳେ ପାଉଁଶ, ଉପରେ ଶୋଇବେ ଦ୍ରୌପଦୀ। ରାଜକନ୍ୟା, ତୁଳୀତଳ୍ପ ଶଯ୍ୟା - ଏଠି ସ୍ୱପ୍ନ। ଦ୍ରୌପଦୀଙ୍କର ଓଡ଼ିଆଣୀ ଝିଅପରି ବାହୁନା, 'ହଂସୁଳୀ ତୁଳୀର ମୁକ୍ତା ରତ୍ନ ଖଟ ଘେରି / ଖଟିଥାନ୍ତି ନିତ୍ୟ ଶତ ଶତ ପରିଚାରୀ / ସୁପାତି ଉପରେ ପୁଣି ଦାସୀ ନେତ ପାରି / ତହିଁ ଉପରେ କର୍ପୂର ଗୁଣ୍ଡୀକ ସିଞ୍ଚାଡ଼ି / ତହିଁ ଉପରେ ପଡ଼ଇ ଶରୀର ମୋହରି / କେମନ୍ତେ ଶୋଇବି ମୁଁ ଗୋ ପାଉଁଶ ଉପର।' ଦ୍ରୌପଦୀଙ୍କ କାନ୍ଦଣା ଶବ୍ଦ, ଭୀମର ନିଦ୍ରାରେ ଆଘାତ, ପ୍ରଚଣ୍ଡ ସମ୍ଭାଷଣ, ଦ୍ରୌପଦୀ ଭୀତ କାତର। ଶୋଇଗଲେ ଚୁପ୍‌ହୋଇ। ଏ ଏକ ସାର୍ଥକ ବର୍ଣ୍ଣନା ଗାଉଁଲି ଘଟଣାରେ।

ସାରଳା ମହାଭାରତରେ ବିବାହ, ବ୍ରତ, ଯୌତୁକ, ସ୍ୱୟମ୍ବର ଆଦି ନାନା ପ୍ରସଙ୍ଗ। ତାହା ଥିଲା ସେବେକା ସମୟର ଜନ-ଜୀବନ କଥା। ଏତଦ୍‌ଭିନ୍ନ ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଆର୍ଯ୍ୟମାନଙ୍କର ସମାଜ ପିତୃ-ପ୍ରଧାନ। ଆର୍ଯ୍ୟମାନେ ଯାଯାବର ଆଉ ସାମରିକ ଜାତି। ସେମାନଙ୍କର ସୁରକ୍ଷା - ଏଥି ପାଇଁ ପିତୃପୁରୁଷମାନଙ୍କ ଆବଶ୍ୟକତା। ଯାଯାବରଙ୍କ ସ୍ଥାନାନ୍ତରିତ ଜୀବନ। ସେମାନଙ୍କର ସାମାଜିକ ଜୀବନ, ନ ଥିଲା ନାରୀର ସ୍ୱାଧୀନତା। ନାରୀ ଥିଲେ ଆଦିମାତା; ମାତ୍ର ମାତୃପ୍ରଧାନ ସମାଜ। ନାରୀ ଜନ୍ମଦାତ୍ରୀ ତଥା ଲାଳୟତ୍ରୀ ଭାବେ ସମ୍ମାନିତା। ସାରଳା ଏଇ ମାତୃପୂଜିତା ସମାଜ କଥା କହିଛନ୍ତି। ଶାପଗ୍ରସ୍ତ ପାଣ୍ଡୁ। ତାଙ୍କ ପତ୍ନୀ କୁନ୍ତୀଙ୍କୁ ଉପଦେଶ ଦେଇଛନ୍ତି, 'ଯତନେ ସେନେହ କରି ପର ରତେ ଇଚ୍ଛା / ସନ୍ତାନ ପାଇଁ ତୋହର ନାହିଁ କି ଗୋ ବାଞ୍ଛା? / ସ୍ୱାମୀକୁ ସଙ୍କୋଚ ଗୋ ନ କର ମାହେଶ୍ୱରୀ / ପୁତ୍ର ଉପୁଜାଇ ମାଗୋ ପୁତ୍ର ଲାଭ ସ୍ୱର୍ଗ ପୁରୀ।' ପିତୃପ୍ରଧାନ ଆର୍ଯ୍ୟସମାଜ, ମାତୃପ୍ରଧାନ ପ୍ରାକ୍ ଆର୍ଯ୍ୟ ସମାଜ। ଏହାରି ସମ୍ପର୍କରେ ସାରଳାଙ୍କ ବର୍ଣ୍ଣନା। ମାତୃପ୍ରଧାନ ସମାଜରେ ସତ୍ୟବତୀ, କୁନ୍ତୀ, ଅମ୍ବିକା, ଅମ୍ବାଳିକା, ନୀଳା, ଶ୍ୟାମଳା, ରତ୍ନାବତୀ ପ୍ରମୁଖ ମହାଭାରତର ନାରୀ ଚରିତ୍ର। ଏମାନେ ସ୍ୱୈରିଣୀ ଆଉ ବହୁ ବଲ୍ଲଭା। ତଥାପି ମାତୃତ୍ୱର ମହିମାରେ ବିମଣ୍ଡିତା।

ଆଦିକବି ସାରଳା ଦାସ ଏ ଜାତିର ପରମପୂଜ୍ୟ ତଥା ବରେଣ୍ୟ। ସାହିତ୍ୟରେ ବିପ୍ଳବ ଆଣିଲେ, ଦେଲେ ନବଦିଗନ୍ତର ସନ୍ଧାନ। ଓଡ଼ିଆ ଜନଜୀବନରେ ସେ ଏକ ସଫଳ ଚିତ୍ରଶିଳ୍ପୀ। ତାଙ୍କର ସୃଷ୍ଟି ସମ୍ଭାର ଓଡ଼ିଆ ସାହିତ୍ୟର ଅମୂଲ୍ୟଗ୍ରନ୍ଥ। ଓଡ଼ିଆ ସମାଜ ଜୀବନ ପାଇଁ ଯୁଗ ଯୁଗର ଅଭୁତ ପ୍ରେରଣା, ପ୍ରାଚୀନ କାବ୍ୟର ଏକ ମହାପ୍ରବାହ। ଏହା କେଉଁଠି ଅଯତ୍ନ ବିନ୍ୟସ୍ତ ରୁକ୍ଷ, ଅନ୍ୟତ୍ର ରୁଦ୍ର, ଭୟଙ୍କର ଅବା ବୀଭତ୍ସ, ବିକଟ। ପୁନଶ୍ଚ କେଉଁଠି କାନ୍ତ କମନୀୟ, କାବ୍ୟୈଶ୍ୱର୍ଯ୍ୟମୟ। ତାହା ପରବର୍ତ୍ତୀ ସାହିତ୍ୟକୁ ବହୁଭାବରେ, ବହୁ ରୂପରେ ପ୍ରଭାବିତ କରିଛି। ସାହିତ୍ୟ, ସମାଜ ପରସ୍ପର ନିବିଡ଼ ଭାବେ ସମ୍ପର୍କିତ - ଏ କଥାଟି ସାରଳା ମହାଭାରତରେ ଅତି ସ୍ପଷ୍ଟ। ଶେଷରେ ସେହି କଥା; ଯାହା ସାରଳା ମହାଭାରତରେ ନାହିଁ, ତାହା ଭାରତ ଖଣ୍ଡରେ ନାହିଁ। ଏ କଥାଟି ଦିବାଲୋକ ପରି ସତ୍ୟ।

# ପିଇବାକୁ ପାଣି ବୁନ୍ଦାଏ ନଥିବ



ଡ.ଚନ୍ଦ୍ରକଳା ନାୟକ
ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର,
ମୋ-୯୪୩୭୯୫୭୬୧୭

ମଣିଷ ମାନଙ୍କ ପରି ଜୀବଜନ୍ତୁଙ୍କ ମଧ୍ୟ ଜଳ ଉପରେ ସମାନ ଅଧିକାର ରହିଛି। ଗଛଲତା ମଧ୍ୟ ଜଳ ଉପରେ ନିର୍ଭରଶୀଳ। ଜଳ ପ୍ରଦୂଷଣ ଓ ଜଳକଷ୍ଟ ଫଳରେ ମଣିଷ ସହ ଜୀବଜନ୍ତୁ ଓ ଗଛଲତାଙ୍କ ଜୀବନ ଏବେ ଦୁର୍ବିସହ ହୋଇ ପଡିଛି। ଏଥିପାଇଁ ଗୁରୁତର ଜୈବ ବିବିଧତା ସଙ୍କଟ ସୃଷ୍ଟି ହୋଇଛି। ପୃଥିବୀରେ ନିୟୁତ ପ୍ରକାର ସଂଖ୍ୟାରେ ସଜୀବ ରହିଥିବା ବେଳେ ଜଳପାଇଁ ପ୍ରତିବର୍ଷ ସେମାନଙ୍କ ମଧ୍ୟରୁ ଅୟୁତ ସଂଖ୍ୟାରେ ଲୋପ ପାଉଛି। ପାଣି ପ୍ରସଙ୍ଗରେ ତିନୋଟି ବଡ ସମସ୍ୟା ହେଉଛି ଭୁତଳ ଜଳ କମିଯିବା, ପାଣିରେ ରସାୟନିକ ଅଂଶ ରହିବା, ନଦୀରେ ନାଳ ନର୍ଦ୍ଦମା ମିଶିବା, ଶିଳ୍ପ ପ୍ରଦୂଷଣ ତଥା ବର୍ଜ୍ୟବସ୍ତୁକୁ ନଦୀକୁ ଛଡାଯିବା।

ଜଳ ଉପରେ ସମସ୍ତଙ୍କ ସମାନ ଅଧିକାର କେବଳ ପ୍ରଚାର ସର୍ବସ୍ୱ। ଦୁଃଖର କଥା, ପୃଥିବୀରେ ସବୁ ଲୋକମାନେ ସମାନ ପରିମାଣର ଜଳ ବ୍ୟବହାର କରନ୍ତି ନାହିଁ କିମ୍ବା ଆଗକୁ ମଧ୍ୟ ସମାନ ପରିମାଣର ଜଳ ପାଇ ପାରିବେ ନାହିଁ। ଜଣେ ଆମେରିକାରେ ରହୁଥିବା ଲୋକ ଦିନକୁ ଯେତିକି ଜଳ ବ୍ୟବହାର କରୁଛି, ଉଗାଣ୍ଡାରେ ଜଣେ ଲୋକ ସେତିକି ଜଳରେ ୧୦୦ ଦିନ ଚଳୁଛି। ଚାଷ ଜମିକୁ ଜଳ ମିଳୁ ନଥିବା ଅଭିଯୋଗ ନିତିଦିନିଆ ଘଟଣା ହୋଇଥିବା ବେଳେ କେତେକ କ୍ଷେତ୍ରରେ ଚାଷଜମିରେ ଆବଶ୍ୟକ ଠାରୁ ଅଧିକ ଜଳ ବ୍ୟବହାର ହୁଏ। ଏ ପ୍ରକାର ଅଧିକ ବ୍ୟବହାର ଫଳରେ ମାଟି ତଳେ ଥିବା ଲବଣ ଉପରକୁ ଉଠି ଆସି ମାଟିକୁ ଲବଣାକ୍ତ କରି ପକାଏ। ଏହି ଅଧିକ ଜଳ ଉଗାଣ୍ଡା ପରି ଦେଶ ଭାଗରୁ ଖର୍ଚ୍ଚ ହୋଇଥାଏ। ସବୁଜ ବିପ୍ଳବ ଓ ଶିଳ୍ପ ବିପ୍ଳବର ଦ୍ୱାହି ଦେଇ ଭୂତଳ ଜଳର ଅବାଧ ବ୍ୟବହାର କରାଯାଉଛି। ବିନା ଦ୍ୱିଧାରେ ଧନୀଦେଶ ଗୁଡିକ ଲକ୍ଷ ଲକ୍ଷ ସଂଖ୍ୟାରେ ଗଭୀର କୂପ ଖୋଳି ଭୂତଳ ଜଳକୁ ଅପବ୍ୟବହାର କରି ଚାଲିଛନ୍ତି। ବଡ ବଡ କଳକାରଖାନା ମାଲିକ ମାନେ ଦେଶର ଜନସ୍ୱାର୍ଥ ବିରୋଧରେ ପିଇବା ପାଣିକୁ ଚୋରି କରି ନିଜର କାରଖାନା ଚଳାନ୍ତି। କାରଖାନା ମାଲିକ ମାନେ ପାଣି ବ୍ୟବହାର କ୍ଷେତ୍ରରେ ରିସାଇକ୍ଲିଙ୍ଗ ବ୍ୟବସ୍ଥା ନକରି ଗରୀବଙ୍କ ଦୁଃଖ ବଢାଇବାରେ ଲାଗିଛନ୍ତି।

ଚିନ୍ତାର ବିଷୟ ଏହି କି, ଯେତିକି ମଧୁର ଜଳ ରହିଛି, ତାହା ପିଇବା ଅବସ୍ଥାରେ ନାହିଁ। କଳକାରଖାନା, ଖଣି ଠାରୁ ନର୍ଦ୍ଦମାର ଆବର୍ଜନା, ବର୍ଜ୍ୟବସ୍ତୁ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ରସାୟନିକ ସାର, କୀଟନାଶକ, ଭାରୀ ଧାତୁ, ଅମ୍ଳ ବୃଷ୍ଟି, ପୋଷାକର ବୃଦ୍ଧି, ତେଜଷ୍କ୍ରିୟ ଉପାଦାନ, ଡିଟରଜେଣ୍ଟ ତେଲ ଓ ବିଭିନ୍ନ ରୋଗ ସୃଷ୍ଟିକାରୀ ଅଣୁଜୀବ ମାନଙ୍କ ପ୍ରଭାବରେ ସେତକ ଜଳ ବି ଦୂଷିତ ହେବାକୁ ବସିଛି। ମାଟି ତଳେ ଥିବା ଜଳର ଶୁଦ୍ଧତା ଉପରେ ଆମର ବଡ ଭରସା ଥିଲା। କିନ୍ତୁ ସେ ଧାରଣା ବି ଆଜି ଭୁଲ ପ୍ରମାଣିତ ହୋଇଛି। ଆମ ଦେଶରେ ଓଡିଶା ସମେତ ଆନ୍ଧ୍ରପ୍ରଦେଶ, ଗୁଜୁରାଟ, ରାଜସ୍ଥାନ, ତାମିଲନାଡୁ, ଉତ୍ତରପ୍ରଦେଶ, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ବିହାର, ଦିଲ୍ଲୀ ଇତ୍ୟାଦି ୧୩ ଟି ରାଜ୍ୟରେ ଭୂତଳ ଜଳ ଫ୍ଲୋରାଇଡ ଦ୍ୱାରା ପ୍ରଦୂଷିତ। ଫ୍ଲୋରାଇଡ ପ୍ରଦୂଷଣ ଭଳି କେତେକ ରାଜ୍ୟର ଭୂତଳ ଜଳରେ ମାରାତ୍ମକ ଆର୍ସେନିକ, ଲୌହ ସଲଫାଇଡ ଓ ଲବଣ ମିଶି ରହିଛି। ଆମ ରାଜ୍ୟରେ ଫ୍ଲୋରାଇଡ ମିଶାକ୍ତ ଜିଲ୍ଲା ମଧ୍ୟରେ ପୁରୀ, କଟକ ଏବଂ ବାଲେଶ୍ୱର ଆଦି ଅନ୍ତର୍ଭୁକ୍ତ। ଏହି ପ୍ରଦୂଷଣକୁ ରୋକିବା ନିମନ୍ତେ ଗଭୀର ଅନୁଶୀଳନ ଜରୁରୀ।

ପୃଥିବୀରେ ୧୦ ନିୟୁତରୁ ଅଧିକ ଜାତିର ଜୀବଜନ୍ତୁ ଓ ଉଦ୍ଭିଦ ରହିଥିବାର ଅନୁମାନ କରାଯାଏ। ସେମାନଙ୍କ ମଧ୍ୟରୁ ପ୍ରାୟ ୨୦ ପ୍ରତିଶତ ଅର୍ଥାତ ୮ ଲକ୍ଷ ପ୍ରକାରର କୀଟପତଙ୍ଗ, ୩ ଲକ୍ଷରୁ ଅଧିକ ଜାତିର ଗଛଲତା, ସାଢେ ୩ ଲକ୍ଷରୁ ଅଧିକ ଜୀବାଣୁ ଭୂତାଣୁ ତଥା ଅଧ ଲକ୍ଷ ଜାତିର ମେରୁଦଣ୍ଡି ସଜୀବଙ୍କ ବିଷୟରେ ଆମେ ପରିଚିତ। ଆମର ପରିଚିତ ଓ ଅପରିଚିତ ସବୁରି ସଜୀବ ଶରୀରର ବିଭିନ୍ନ ରସାୟନିକ ପ୍ରକ୍ରିୟା ସଂପାଦନ ତଥା ଶରୀରରୁ ଆବର୍ଜନା ନିଷ୍କାସନ କେବଳ ଜଳ ପାଇଁ ସମ୍ଭବ ହୋଇଥାଏ। ଏସବୁ କାର୍ଯ୍ୟ ନିମନ୍ତେ ଶରୀରରେ ୫୦ ପ୍ରତିଶତରୁ ୯୦ ପ୍ରତିଶତ ଜଳ ରହିବା ନିହାତି ଆବଶ୍ୟକ। ସେଥିପାଇଁ ଜୀବଜଗତ ତିଷ୍ଟି ରହି ପାରିଛି। ଦୁଃଖର କଥା , ଜଳଗ୍ରହ ପୃଥିବୀରେ ଆମ ପାଇଁ ଯଥେଷ୍ଟ ଜଳର ବ୍ୟବସ୍ଥା ନାହିଁ। ପୃଥିବୀରେ ସମୁଦାୟ ଜଳରାଶିର ୯୭ ପ୍ରତିଶତ ଲୁଣିଆ ଜଳ ରୂପରେ ମହାସାଗରରେ ଓ ୨ ପ୍ରତିଶତ ଜଳ ମେରୁ ଅଂଚଳରେ ବରଫ ରୂପେ ବ୍ୟବହାର ଅନୁପଯୋଗୀ। ଅବଶିଷ୍ଟ ୧ ପ୍ରତିଶତ ମଧୁର ଜଳ ମଧ୍ୟରୁ ୦.୭ ପ୍ରତିଶତ ଭୂମି ତଳେ, ୦.୦୦୧ ପ୍ରତିଶତ ଜଳୀୟ ବାଷ୍ପ ରୂପେ ବାୟୁ ମଣ୍ଡଳରେ ରହିଛି। ଆମର ବ୍ୟବହାର ପାଇଁ ଲକ୍ଷେ ଭାଗରୁ ମାତ୍ର ୧୦ ଭାଗ ଜଳ ରହିଛି। ଅର୍ଥାତ ସମୁଦାୟ ଜଳ ରାଶିକୁ ଯଦି ଗୋଟିଏ ବାଲଟି ଧରାଯାଏ, ଆମ ପାଇଁ ଉପଯୋଗୀ ଜଳର ପରିମାଣ ମାତ୍ର ଏକ ଚାମଚ କହିଲେ ବେଶି ହେବ। ପରିସଖ୍ୟାନ ଅନୁସାରେ ଆମ ଦ୍ୱାରା ବ୍ୟବହାର ହେଉଥିବା ଜଳର ପରିମାଣ ଆଖିବୁଜା ଭାବେ ବୃଦ୍ଧି ପାଇଛି। ଯଦି ଏପରି ବ୍ୟବହାର ଚାଲେ, ତେବେ ୨୦୩୦ ବେଳକୁ ମଧୁର ଜଳର ଆବଶ୍ୟକ ପରିମାଣ, ଏହାର ଗଚ୍ଛିତ ପରିମାଣକୁ ଅତିକ୍ରମ କରିବା ଆଶ୍ଚର୍ଯ୍ୟ ଜନକ ହେବ ନାହିଁ। ଜଣେ ଲୋକର ପିଇବା, ଗାଡ଼ଧୋଇବା, ସଫା, ରାନ୍ଧିବା, ଧୂଆଧୋଇ ପାଇଁ ୫୦ ଲିଟର ପାଣି ଆବଶ୍ୟକ। କିନ୍ତୁ ୫୫ ଟି ଦେଶରେ ସେତିକି ପାଣି ଯୋଗାଇବା ସମ୍ଭବ ହେଉନାହିଁ। ଏବେ ଦେଶରେ ଏବଂ ବିଶ୍ୱରେ କୋଟି କୋଟି ଲୋକ ପିଇବା ପାଣି ପାଇବାରୁ ବଂଚିତ। ୨୦୫୦ ବେଳକୁ ପୃଥିବୀରେ ଏହି ସଂଖ୍ୟା ୪୦୦ କୋଟିରେ ପହଂଚିବ। କେବଳ ସେତିକି ନୁହେଁ, ସମଗ୍ର ପୃଥବୀରେ ଦୂଷିତ ଜଳ ଓ ଜଳ ଜନିତ ରୋଗରୁ ପ୍ରତିବର୍ଷ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ମୃତ୍ୟୁ ବରଣ କରନ୍ତି ବୋଲି ଜଣା ପଡିଛି।

ଭୂତଳ ଜଳ ନିର୍ଦ୍ଦେଶାଳୟ ତରଫରୁ କେନ୍ଦ୍ରିୟ ଭୂତଳ ବୋର୍ଡର ସହାୟତାରେ ଗତ ୨୦୦୯ ରେ ସମଗ୍ର ରାଜ୍ୟରେ ଭୂତଳ ଜଳ ଉପରେ ହୋଇଥିବା ସର୍ଭେ କରାଯାଇ ଥିଲା। ସେଥିରେ ଭୂତଳ ଜଳ ଅପବ୍ୟବହାର କ୍ଷେତ୍ରରେ ଯାଜପୁର ଜିଲ୍ଲା ଆଗରେ ରହିଥିଲା। ଶିଳ୍ପ କ୍ଷେତ୍ରରେ ବିପୁଳ ପରିମାଣର ଭୂତଳ ଜଳ ବ୍ୟବହାର ଏହାର ପ୍ରମୁଖ କାରଣ ହୋଇଥିଲେ ମଧ୍ୟ ଶିଳ୍ପ ପ୍ରଗତିର ଦ୍ୱାହି ଦେଇ ଏଭଳି ଗୁରୁତର ପ୍ରସଙ୍ଗକୁ ଆଖି ବୁଜି ଦିଆ ଯାଇଛି। ଶେଷ ଦଶବର୍ଷ ମଧ୍ୟରେ ରାଜ୍ୟରେ ହାରାହାରି ପ୍ରତିବର୍ଷ .୦୩ ମିଟର ଭୂତଳ ଜଳସ୍ତର କମିଯିବା ଅତ୍ୟନ୍ତ ଉଦବେଗଜନକ। ଆମ ରାଜ୍ୟରେ ୫୬ ଭାଗ ଲୋକ ଜୀବାଣୁ ଯୁକ୍ତ ଅପରିଷ୍କାର ପାଣି ପିଉଛନ୍ତି। ଯାହା କି ପାନୀୟ ପାଇଁ ଅନୁପଯୁକ୍ତ। ମହାନଦୀ, ବ୍ରାହ୍ମଣୀ, ଦୟା ପରି ନଦୀ ଗୁଡିକ ବିପଦ ଜନକ ଭାବେ ପ୍ରଦୂଷିତ। ଯାଜପୁରର ସୁକିନ୍ଦାର କେତେକ ଅଂଚଳରେ ପାଣିରେ ସାଧାରଣ ମାନରୁ ୧୪ ଗୁଣରୁ ଅଧିକ କ୍ରୋମିୟମ ରହିଛି। ଏଥିନେଇ ଏନ.ଜି.ଟିରେ କେସ ବି ଚାଲିଛି। ଦଶରଥପୁର ପରି ବ୍ଲକରେ ଅତ୍ୟନ୍ତ ଖରାପ ପାଣି ବାହାରୁ ଥିବାରୁ ଏବେ ୯୦ ଟି ଟ୍ୟୁବ୍‌ୱେଲକୁ ସିଲ କରାଯାଇଛି।

ସ୍ୱାସ୍ଥ୍ୟରକ୍ଷା, ପର୍ଯ୍ୟାବରଣର ସନ୍ତୁଳନ, ମାନବ ସମାଜ ତଥା ସର୍ବୋପରି ଜୀବ ଜଗତର କଲ୍ୟାଣ ଗୋଟିଏ ଜନମଙ୍ଗଳ ରାଷ୍ଟ୍ରର ପ୍ରାଥମିକତା। ଏଥିପାଇଁ ସର୍ବପ୍ରଥମେ ଜଳ ସମ୍ପଦର ସୁରକ୍ଷା , ସୁବିନିଯୋଗ ଓ ସୁପରିଚାଳନାକୁ ସର୍ବାଧିକ ଗୁରୁତ୍ୱ ଦେବା ପ୍ରତ୍ୟେକ ସରକାର ଓ ନାଗରିକଙ୍କ ପ୍ରଥମ କର୍ତ୍ତବ୍ୟ ହେବା ଉଚିତ। ଜଳ ବିହୁନେ ସୃଷ୍ଟି ନାଶ। ବର୍ତ୍ତମାନ ବିଶ୍ୱ ଜଳ ସଙ୍କଟ ଆଡକୁ ମୁହାଁଇଛି। ସେଥିପାଇଁ କଳକାରଖାନାର ଅତ୍ୟଧିକ ଭୂତଳ ଓ ନଦୀ ଜଳ ବ୍ୟବହାର, ଜଳକୁ ପ୍ରଦୂଷିତ କରିବାର ପାଶବିକ କାର୍ଯ୍ୟଧାରାକୁ ସମ୍ମିଳିତ ବିରୋଧର ଆବଶ୍ୟକତା ରହିଛି। ବଞ୍ଚିବା ପାଇଁ ଜଳ ନିହାତି ଜରୋରୀ। ଆଗକୁ ଜଳ ସଂକଟ ସାରା ବିଶ୍ୱରେ ଏକ ମୁଖ୍ୟ ସମସ୍ୟା ହେବାକୁ ଯାଉଛି। ଦ୍ରୁତ ଗତିରେ ଗଢି ଉଠୁଥିବା କଳ କାରଖାନା, ସହରୀକରଣ, ଜୀବନଶୈଳୀର ପରିବର୍ତ୍ତନ, ଜନସଂଖ୍ୟାର ବୃଦ୍ଧି, ଜଳର ଦୁରୁପଯୋଗ ଉଭୟ ପରିବେଶ ଓ ଜଳସଂପଦକୁ କ୍ଷୟ କରୁଛି। ସମୟର ଏ ଦୁର୍ଯୋଗ ଏବେ ଦ୍ୱାରଦେଶରେ। ପାଣି ଥିବ, କିନ୍ତୁ ପିଇବା ଉପଯୋଗୀ ବୁନ୍ଦାଏ ନଥିବ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy   E-mail : sambadkalikanews@gmail.com   City Office : Qtr No.-4R-12, Unit-IX (Flat), Bhubaneswar, Pin-751022   ସମ୍ପାଦକ : ଜୟାଶୀଷ ରାୟ

32 YEARS
# ସମ୍ବାଦ କଳିକା
ଭୁବନେଶ୍ୱର, ୧୦ ଅଗଷ୍ଟ ୨୦୨୬ ସୋମବାର





## ଚାଷୀଙ୍କ ଜମିକୁ ମାଡ଼ିଯାଇ ରାସ୍ତା ନିର୍ମାଣ ଅଭିଯୋଗ

**ଖପ୍ରାଖୋଲ, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଖପ୍ରାଖୋଲ ବ୍ଲକର କପସିପାଳି ଠାରୁ ଭାୟା ଗୁଣ୍ଡୁରୁପାଲି ହରିଶଙ୍କରକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ନିର୍ମାଣଧୀନ ରାସ୍ତା କାମକୁ ନେଇ ସୃଷ୍ଟି ହୋଇଛି ବଡ଼ ବିବାଦ। ନିୟମକୁ ଜାଣିଶୁଣି ଜଳାଞ୍ଜଳି ଦିଆଯାଇଥିବା ଏବଂ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁ ଗରିବ ଚାଷୀଙ୍କ ଜୀବିକା କ୍ଷତିଗ୍ରସ୍ତ ହେଉଥିବା ଅଭିଯୋଗ ହୋଇଛି। ରାସ୍ତା ନିର୍ମାଣ ବେଳେ ପ୍ରାୟ ପାଞ୍ଚ ଫୁଟ୍‌ରୁ ଅଧିକ ଚାଷଜମି ମାଡ଼ିଯାଇ ରାସ୍ତା ତିଆରି କରାଯାଉଥିବା ନେଇ ସ୍ଥାନୀୟ ଚାଷୀ ବିଦ୍ୟା ବାଗ ଗଭୀର ଅସନ୍ତୋଷ ପ୍ରକାଶ କରିଥିବାବେଳେ ବିଭାଗୀୟ ଯନ୍ତ୍ରୀ, ତଥା ଉପଜିଲ୍ଲାପାଳ ସୁନୀଲ



କୁମାର ମେହେରଙ୍କୁ ଅଭିଯୋଗ କରିଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଅଞ୍ଚଳର ଉନ୍ନତି ପାଇଁ ହେଉଥିବା ଏହି ରାସ୍ତା କାମରେ ପ୍ରଶାସନିକ ସ୍ତରରେ ସଠିକ୍ କିମ୍ବା ମାପଚୁପ କରାଯାଇନାହିଁ। ଫଳରେ ଠିକାଦାର ଓ ଯନ୍ତ୍ରୀଙ୍କ ମନମାନି ଯୋଗୁ ରାସ୍ତାଟି ଚାଷୀମାନଙ୍କ ବ୍ୟକ୍ତିଗତ ଜମି ଭିତରକୁ ପଶିଆସିଛି। ଏପରିକି ବର୍ଷସାରା କଷ୍ଟକରି ଫସଲ ଅମଳ କରୁଥିବା ଚାଷୀଙ୍କ ଜମି ନଷ୍ଟ ହେବା ସହିତ ଜମିର ପରିମାଣ ମଧ୍ୟ କମିଯାଉଛି। ଜମି ହରାଇ ଭାଙ୍ଗି ପଡ଼ିଥିବା ଜଣେ କ୍ଷତିଗ୍ରସ୍ତ ଚାଷୀ ଅଭିଯୋଗ କରି କହିଛନ୍ତି, 'ଏହି ଜମି ହିଁ ଆମ ପରିବାର ଚଳିବାର ଏକମାତ୍ର ମାଧ୍ୟମ। ବିନା ନୋଟିସ୍ ଏବଂ ବିନା କ୍ଷତିପୂରଣରେ ଆମ ଜମି ଉପରେ ଜୋରଜବରଦସ୍ତି ରାସ୍ତା ନିର୍ମାଣ କରାଯାଉଛି। ଏ ବିଷୟରେ ପ୍ରଶାସନକୁ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ।' ଚାଷୀଙ୍କ କହିବା କଥା, ରାସ୍ତା ନିର୍ମାଣ ହେବା ଆବଶ୍ୟକ, କିନ୍ତୁ ତାହା ନିର୍ଦ୍ଧାରିତ ସୀମା ଭିତରେ ରହିବା ଦରକାର। ଏଭଳି ବେଆଇନ୍ ଭାବେ ଜମି ଦଖଲ କରାଗଲେ ସେମାନେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବେ। ତେଣୁ ଜିଲ୍ଲା ପ୍ରଶାସନ ଏବଂ ସମ୍ପୃକ୍ତ ବିଭାଗୀୟ ଯନ୍ତ୍ରୀ ଏହି ଘଟଣାର ତଦନ୍ତ କରି ଉଚିତ୍ ପଦକ୍ଷେପ ଗ୍ରହଣ କରନ୍ତୁ ଏବଂ କ୍ଷତିଗ୍ରସ୍ତ ଚାଷୀଙ୍କୁ ଯଥାଶୀଘ୍ର ନ୍ୟାୟ ଦିଅନ୍ତୁ ବୋଲି ଦାବି ହେଉଛି।

## ଷ୍ଟ୍ରିଟ୍ ଲାଇଟ୍ ଅଚଳ:ଅନ୍ଧାରରେ ଭିଆଇପି ରାସ୍ତା

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

କୋର୍ଟ ଛକରୁ ଏସ୍‌ପି ଅଫିସ୍ ଛକକୁ ସଂଯୋଗ କରୁଥିବା ଭିଆଇପି ରାସ୍ତାରେ ଦୀର୍ଘ ଦିନ ଧରି ଷ୍ଟ୍ରିଟ୍ ଲାଇଟ୍ ଅଚଳ ରହିଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିଶେଷ କରି ଓପନ୍ ଜିମ୍ ନିକଟବର୍ତ୍ତୀ ଅଞ୍ଚଳ ସନ୍ଧ୍ୟା ପରେ ସମ୍ପୂର୍ଣ୍ଣ ଅନ୍ଧାରରେ ରହୁଥିବାରୁ ଲୋକଙ୍କ ସୁରକ୍ଷାକୁ ନେଇ ଚିନ୍ତା ବଢ଼ିଛି। ପ୍ରତିଦିନ ସନ୍ଧ୍ୟାରେ ଏହି ରାସ୍ତାରେ ସନ୍ଧ୍ୟା ଭ୍ରମଣ, ଦୌଡ଼ିବାକୁ କିମ୍ବା ଓପନ୍ ଜିମ୍‌ରେ ବ୍ୟାୟାମ କରିବାକୁ ଆସୁଥିବା ବହୁ ଲୋକ ଅନ୍ଧାର ଯୋଗୁ ଅସୁରକ୍ଷିତ ମନେ କରୁଛନ୍ତି। ରାସ୍ତାର ଉଭୟ ପାର୍ଶ୍ୱରେ ଘଞ୍ଚ ଗଛ ଥିବାରୁ ଆଲୋକ ନଥିବା ସମୟରେ ସାପ ବାହାରିବାର ଆଶଙ୍କା ମଧ୍ୟ ରହିଛି। ବର୍ଷା ଋତୁରେ ଏପରି ବିପଦ ଆହୁରି ବଢ଼ିଯାଉଥିବାରୁ ମହିଳା, ବୃଦ୍ଧ ଓ ଶିଶୁମାନେ ସନ୍ଧ୍ୟା ପରେ ଏହି ରାସ୍ତା ବ୍ୟବହାର କରିବାକୁ ଭୟ କରୁଛନ୍ତି। ଏଠାକୁ ଦୈନିକ ଆସୁଥିବା ସହରବାସୀଙ୍କ କହିବାନୁଯାୟୀ, ସନ୍ଧ୍ୟା ହେଲେ ସମଗ୍ର ଅଞ୍ଚଳ ଘନ ଅନ୍ଧାରରେ ରହୁଛି। କେବଳ ଦୂରରୁ ଆସୁଥିବା ଅଳ୍ପ କିଛି ଆଲୋକ ଛଡ଼ା ରାସ୍ତା, ବସିବା ବେଞ୍ଚ ଓ ଗଛଘେରା ସ୍ଥାନଗୁଡ଼ିକ ସମ୍ପୂର୍ଣ୍ଣ ଅନ୍ଧକାରରେ ରହୁଛି। ଏହି ରାସ୍ତା ଦେଇ ପ୍ରତିଦିନ ହସ୍ପିଟାଲ୍‌କୁ ଯାଉଥିବା ରୋଗୀ, ସେମାନଙ୍କ ପରିବାର, ସ୍ଥାନୀୟ ବାସିନ୍ଦା ଓ ନିୟମିତ ଶତାଧିକ ଲୋକ ଯିବାଆସିବା କରୁଥିବାରୁ ଏଠାରେ ଯଥେଷ୍ଟ ଆଲୋକ ବ୍ୟବସ୍ଥା ଅତ୍ୟନ୍ତ ଆବଶ୍ୟକ। ଏହି ସମସ୍ୟାକୁ ନେଇ ସୋସିଆଲ୍ ମିଡ଼ିଆରେ ମଧ୍ୟ ଅନେକ ବ୍ୟକ୍ତି ବ୍ରହ୍ମପୁର ମହାନଗର ନିଗମ ନିକଟରେ ଅଭିଯୋଗ କରିଛନ୍ତି। ରାତିରେ ଅନ୍ଧାରରେ ରହୁଥିବା ରାସ୍ତାର ଫଟୋ ସେୟାର କରି ଶୀଘ୍ର ଷ୍ଟ୍ରିଟ୍ ଲାଇଟ୍ ମରାମତି କରିବାକୁ ଦାବି କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ ବ୍ରହ୍ମପୁରରେ ନାଗରିକ ସୁରକ୍ଷା, ସିସିଟିଭି ସର୍ଭିଲାନ୍ସ ଏବଂ ଏଆଇ ଆଧାରିତ ଟ୍ରାଫିକ୍ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ପ୍ରଶାସନ ଗୁରୁତ୍ୱ ଦେଉଥିବା ବେଳେ ସାଧାରଣ ଷ୍ଟ୍ରିଟ୍ ଲାଇଟ୍‌ର ରକ୍ଷଣା ବେକ୍ଷଣରେ ଏପରି ଅବହେଳା ସହରବାସୀ ପ୍ରଶ୍ନ କରିଛନ୍ତି। କେବଳ ଏହି ଗୋଟିଏ ଅଞ୍ଚଳ ନୁହେଁ, ସହରର ଅଧିକାଂଶ ଅଞ୍ଚଳରେ ବର୍ତ୍ତମାନ ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି। ସନ୍ଧ୍ୟାରେ ଷ୍ଟ୍ରିଟ୍ ଲାଇଟ୍‌ଗୁଡ଼ିକ ବନ୍ଦ ରହୁଛି। ଘରୋଇ ସଂସ୍ଥାକୁ ଏଗୁଡ଼ିକର ରକ୍ଷଣାବେକ୍ଷଣ ଦାୟିତ୍ୱ ଦିଆଯାଇଥିଲେ ମଧ୍ୟ ସଂସ୍ଥାଗୁଡ଼ିକ ଏଥିରେ ଅବହେଳା କରୁଥିବା ନେଇ ଅଭିଯୋଗ ଆସୁଛି। ବ୍ରହ୍ମପୁର ମହାନଗର ନିଗମ ତରଫରୁ ନିୟମିତ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏପରିକି ଘରୋଇ ସଂସ୍ଥାକୁ ମଧ୍ୟ ତାଗିଦ୍ କରାଯାଉନାହିଁ।



## ଆର୍‌ଏସ୍‌ପି ପରିସରରେ ଭାରୀଯାନ ପାର୍କିଂ ପାଇଁ ଦାବି

**ରାଉରକେଲା, ନ୍ୟୁଜ୍**

ରାଉରକେଲା ଇସ୍ପାତ କାରଖାନା ପରିସରରେ ଥିବା ଏନ୍‌ଏସ୍‌ପିସି ଏଲ୍‌ରୁ ନିର୍ଗତ ବର୍ଜ୍ୟ ବସ୍ତୁ, ଫ୍ଲାଇ ଆଶ୍ ଆଦିକୁ କାରଖାନାରୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଏନ୍‌ଏସ୍‌ପିସିଏଲ୍ ପକ୍ଷରୁ ନିୟୋଜିତ ବଡ ବଡ ଟ୍ରକ୍ ଗୁଡିକ ବିଶ୍ରା ଛକ-ବନ୍ଧମୁଣ୍ଡା ରାସ୍ତା ଉପରେ ଘଣ୍ଟା ଘଣ୍ଟା ଧରି ଠିଆ ହୋଇ ରହୁଥିବାରୁ ସର୍ବସାଧାରଣଙ୍କ ଯାତାୟାତରେ ବାଧା ଉପୁଜିଥିବା ନେଇ ଅଞ୍ଚଳବାସୀଙ୍କ ଠାରୁ ଅଭିଯୋଗ ପାଇବା ପରେ ରଘୁନାଥପଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ଅନୁଧ୍ୟାନ କରି ଅଭିଯୋଗର ସତ୍ୟତା ପାଇବା ପରେ କାରଖାନାରୁ ମାଲ୍ ପରିବହନ ପାଇଁ ନିୟୋଜିତ ଥିବା ସମସ୍ତ ଛୋଟ ବଡ଼ ଟ୍ରକ୍ ଏବଂ ଅନ୍ୟାନ୍ୟ ଭାରୀଯାନ ସବୁକୁ କାରଖାନା ପରିସର ଭିତରେ ପାର୍କିଂ ସ୍ଥଳରେ ରଖିବା ପାଇଁ ମାଲ ପରିବହନକାରୀ ସଂସ୍ଥା ମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶନାମା ଜାରି କରିବା ପାଇଁ ରଘୁନାଥପଲ୍ଲୀ ବିଧାୟକ ଶ୍ରୀ ତନ୍ତୀ ଏନ୍‌ଏସ୍‌ପିସି ଏଲ୍‌ର ମହାପ୍ରବନ୍ଧକଙ୍କୁ ଚିଠି ଲେଖିଛନ୍ତି।

## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଉପେନ୍ଦ୍ରନାଥ ବେହୁରିଆଙ୍କ ଦେହାନ୍ତ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

କେହି ରହିନାହିଁ, ରହିବ ବି ନାହିଁ, ଏଇ ଭବ ରଂଗ ଭୂମିତଳେ, ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡିବେ କାଳବଳେ। ଯାଜପୁର ଜିଲ୍ଲାର ଚୋରଦା ଗ୍ରାମ ବ୍ୟାସନଗର ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ଉପେନ୍ଦ୍ରନାଥ ବେହୁରିଆଙ୍କର (୮୮) ବର୍ଷ



ବୟସରେ ଦେହାନ୍ତ ହୋଇଛି। ଶୁକ୍ରବାର ସକାଳ ୧୧ ଘଟିକା ସମୟରେ ଭୁବନେଶ୍ୱର ସ୍ଥିତ ବଡପୁଅଙ୍କ ବାସଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଏହି ଖବର ପ୍ରଚାର ହେବାପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ସ୍ୱର୍ଗତ ବେହୁରିଆ ଜଣେ ଛାତ୍ର ବତ୍ସଳ ଅମାୟିକ ଓ ମେଳାପୀ ମଣିଷ ଥିଲେ। ଅବସର ପରେ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ନିଜକୁ ସାମିଲ୍ କରିଥିଲେ। ସେ ବହୁ ବର୍ଷ ଧରି ଚୋରଦା ଠାରେ ଥିବା ବରିଷ୍ଠ ନାଗରିକ ମଞ୍ଚର ସଭାପତି ଭାବେ କାର୍ଯ୍ୟ ତୁଲାଇଥିଲେ। ତାଙ୍କ ମର ଶରୀରକୁ ବ୍ୟାସନଗର ସ୍ଥିତ ବସଭାବନକୁ ଅଣାଯାଇଥିଲା। ସେଠାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଥିଲେ। ପରେ ତାଙ୍କର କର୍ମସ୍ଥଳ ବ୍ୟାସନଗର ହାଇସ୍କୁଲ ଓ ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟାଳୟକୁ ଏକ ଶୋଭାଯାତ୍ରାରେ ନିଆଯାଇଥଲା। ହାଇସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀ ଛାତ୍ରଙ୍କ ସହ ପୁରାତନ ଛାତ୍ରମାନେ ଶେଷ ଦର୍ଶନ କରି ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ବ୍ୟାସନଗର ହାଇସ୍କୁଲ ହେଡମାଷ୍ଟର ଗୋପୀନାଥ ସେନାପତି, ନିଖିଳ ରଞ୍ଜନ ନାୟକ, ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ଚନ୍ଦ୍ରମଣି ସାମଲ, ପୌରାଧ୍ୟକ୍ଷ ସୁବାଷ ଚନ୍ଦ୍ର ବଳ, କାଉନସିଲର ମଣୀନ୍ଦ୍ର ସାହୁ, ସିଦ୍ଧାର୍ଥ ସାମଲ, ଚୋରଦା ଗ୍ରାମ୍ୟ କମିଟି ପୂର୍ବତନ ସଭାପତି ଗଦାଧର ମହାନ୍ତି, ପୂର୍ବତନ ସମ୍ପାଦକ ସନ୍ତୋଷ କୁମାର ମହାନ୍ତି, ଗ୍ରାମ୍ୟ କମିଟି ସମ୍ପାଦକ ରବିନାରାୟଣ ପୁହାଣ, ଆଇନଜୀବୀ ଲୋକନାଥ ରାଉତ, ଡାକ୍ତର ବିଶ୍ୱଜିତ ନାୟକ, ପୁରାତନ ଛାତ୍ର ଦେବୀ ପ୍ରସନ୍ନ ସାମଲ, ବିଶ୍ୱଜିତ ଦାସ ସାମନ୍ତ, ହେମନ୍ତ ମହାନ୍ତି, ଦାମୋଦର ନନ୍ଦ, ବିବେକାନନ୍ଦ ସାହୁ, ଓମ୍ପ୍ରକାଶ ଶର୍ମା, ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ସହ ବୋହୂ ବ୍ୟକ୍ତି ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶେଷରେ ସ୍ୱର୍ଗତ ବେହୁରିଆଙ୍କ ଜନ୍ମସ୍ଥାନ ଯାଜପୁର ଜିଲ୍ଲା ସିଂହପୁର ହାଟସାହି ସ୍ଥିତ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ କରାଯାଇଥିଲା। ବଡପୁଅ ଇଂ ବିଜ୍ଞାନ ବେହୁରିଆ ମୁଖାଗ୍ନି ଦେଇଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ସାନପୁଅ ଇଂ ବିଶ୍ୱଭୂଷଣ ବେହୁରିଆ, ପୁତ୍ରବଧୂ ଓ ନାତିନାତୁଣୀ ପରିବାର ବନ୍ଧୁବର୍ଗ ଉପସ୍ଥିତ ଥିଲେ।

## ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବ କାର୍ଯ୍ୟକ୍ରମ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ଅଧୀନସ୍ଥ ମେରା ଯୁଭା ଭାରତ, ସୁବର୍ଣ୍ଣପୁର ପକ୍ଷରୁ ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ସୋନପୁରର ସମ୍ମିଳନୀ କକ୍ଷରେ "ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବ" ଶୀର୍ଷକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ମେରା ଯୁଭା ଭାରତର ଜିଲ୍ଲା ଯୁବ ଅଧିକାରୀ ପ୍ରଶନ୍ନ ମେହେରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବପିଢ଼ିଙ୍କୁ ନିଶାମୁକ୍ତ ସମାଜ ଗଠନରେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ। ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ଦିଗନ୍ତ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଶାମୁକ୍ତ ଓ ସୁସ୍ଥ ସମାଜ




ଗଠନ ପାଇଁ ଯୁବମାନଙ୍କୁ ପ୍ରେରିତ କରିଥିଲେ। ଏହାସହ ଏନ୍‌ଏସ୍‌ଏସ୍ DPO ଧିରେନ୍ କୁମାର ମିଶ୍ର ମଧ୍ୟ ନିଜର ମତାମତ ରଖି ଯୁବମାନଙ୍କୁ ନିଶାମୁକ୍ତ ଜୀବନଶୈଳୀ ଅବଲମ୍ବନ ନକରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କବିତା, ବକ୍ତୃତା, ସଙ୍ଗୀତ, ଚିତ୍ରାଙ୍କନ, ସ୍ଲୋଗାନୟ, ନୃତ୍ୟ, ନାଟକ ଓ ଭିଡିଓ ନିର୍ମାଣ ସମେତ ମୋଟ୍ ୮ଟି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତିଯୋଗିତାର ବିଚାରକ ଭାବେ କଳାକାର ପ୍ରଦ୍ୟୁମ୍ନ ସାହୁ, ନାଟ୍ୟଶ୍ରୀ ଗଦାଧର ବାରିକ, ଶିକ୍ଷାବିତ୍ ଗତିକୃଷ୍ଣ ମିଶ୍ର, ପିନାକୀ ମିଶ୍ର, ଗୀତିକାର ନୂର୍ ବେଗମ୍ ଓ ପ୍ଲାବନ ମହାପାତ୍ର ଓ ଅନ୍ୟମାନେ ମଧ୍ୟ ଦାୟିତ୍ୱ ସମ୍ପାଦନ କରିଥିଲେ। କବିତା ପ୍ରତିଯୋଗିତାରେ ଅଂଶୁମାନ ପଣ୍ଡା ପ୍ରଥମ, ଅଦ୍ୟାଶା ସାହୁ ଦ୍ୱିତୀୟ ଏବଂ ପ୍ରିୟଙ୍କା ରାଣୀ ତ୍ରିପାଠୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବକ୍ତୃତା ପ୍ରତିଯୋଗିତାରେ ସଙ୍ଗୀତା ପାଣିଗ୍ରାହୀ ପ୍ରଥମ, ପ୍ରିୟଙ୍କା ମିଶ୍ର ଦ୍ୱିତୀୟ ଓ ବିଶ୍ୱରୂପା ସାହୁ ତୃତୀୟ ସ୍ଥାନ ହାସଲ କରିଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାରେ ମନୋରଞ୍ଜନ ସାହୁ ପ୍ରଥମ, ସମୀକ୍ଷା ସାହୁ ଦ୍ୱିତୀୟ ଏବଂ ବିନୀତ କର୍ମ୍ମ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସ୍ଲୋଗାନ୍ ପ୍ରତିଯୋଗିତାରେ ଅଭିଲିପ୍ସା ଶତପଥୀ ପ୍ରଥମ, ଅମନ କୁମାର ସୁନା ଦ୍ୱିତୀୟ ଓ ଯଶୋଷିକ ପଟେଲ୍ ତୃତୀୟ ସ୍ଥାନ ହାସଲ କରିଥିଲେ। ଜିଲ୍ଲାର ରାଷ୍ଟ୍ରୀୟ ସ୍ୱେଚ୍ଛାସେବୀ ଶମ୍ଭୁରାଜ କର୍ଣ୍ଣ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱେଚ୍ଛାସେବୀ ତଥା ପ୍ରକୃତି ବନ୍ଧୁ ଡ. ହୃଷୀକେଶ ଦେହେରୀ ସହଯୋଗ କରିଥିଲେ। ଶେଷରେ ଅଫିସ ପରିଚାଳକ ତଥା ପ୍ରକୃତି ବନ୍ଧୁ କୃପାସିନ୍ଧୁ ସା ସମସ୍ତଙ୍କୁ ସହୃଦୟ ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମର ସମାପ୍ତି ଘୋଷଣା କରିଥିଲେ।

## ସଂସ୍କୃତ ମହାବିଦ୍ୟାଳୟରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ

**କବିସୂର୍ଯ୍ୟନଗର, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଡଃ. ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟର ଶ୍ରେଣୀ ପ୍ରକୋଷ୍ଠରେ ନବାଗତ ଛାତ୍ର ଓ ଛାତ୍ରୀ ମାନଙ୍କର ଏକ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅଧ୍ୟକ୍ଷଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ମହାବିଦ୍ୟାଳୟର ଛାତ୍ର ବତ୍ସଳ ତଥା ଦର୍ଶନ ବିଭାଗର ବରିଷ୍ଠ ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ ମୁଖ୍ୟବକ୍ତା ରୂପେ ମଞ୍ଚାସୀନ ଥିଲେ। ସେ କହିଥିଲେ ଯେ, ଛାତ୍ର ଓ ଛାତ୍ରୀମାନେ ହେଉଛନ୍ତି ଏ ଦେଶର ଭବିଷ୍ୟତ ଏବଂ ସଂସ୍କୃତ ଭାଷା ହେଉଛି ଆମ ସଂସ୍କୃତିର ଆତ୍ମା। ଆତ୍ମା ଯେପରି ଶୁଦ୍ଧ – ବୁଦ୍ଧ ଓ ଅମ୍ଳାନ, ସେପରି ଆମେ ଆମ ଚରିତ୍ରକୁ ପବିତ୍ର ରଖିବା ସହ ଏହି ମହାବିଦ୍ୟାଳୟ ତଥା ଆମ ଦେଶର ଟେକ ରଖିବା ଏବଂ ନିଶା ଦ୍ରବ୍ୟ ଠାରୁ ଦୂରରେ ରହିବା। ଏହାପରେ ଉପଶାସ୍ତ୍ରୀ ଏବଂ ଶାସ୍ତ୍ରୀ ପ୍ରଥମ ବର୍ଷୀୟ ଛାତ୍ର ଓ ଛାତ୍ରୀମାନଙ୍କୁ ମହାବିଦ୍ୟାଳୟ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଅର୍ପଣ କରାଯାଇଥିଲା। ଏହି ଉତ୍ସବରେ ଦ୍ୱିତୀୟ ଓ ତୃତୀୟ ବର୍ଷର ବିଦ୍ୟାର୍ଥୀମାନେ ନିଜ ନିଜର ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ତାହା ସହ ଅତିଥି ମାନଙ୍କ ହସ୍ତରୁ ଗୀତା ପୁସ୍ତକ ଓ ପେନ୍ ଗ୍ରହଣ କରିଥିଲେ। ଉକ୍ତ ସଭାକୁ ଅଧ୍ୟାପକ ଚିତ୍ତରଞ୍ଜନ ମିଶ୍ର ସଞ୍ଚାଳନା କରିଥିବା ବେଳେ ଅଧ୍ୟାପିକା ସୌଭାଗ୍ୟ ମଞ୍ଜରୀ ନାଥ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ଅଧ୍ୟାପକ ନରସିଂହ ପାଢ଼ୀ, ରୁନି ପାଣିଗ୍ରାହୀ, ଗ୍ରନ୍ଥାଗାରିକା ସୁଇଟି ସ୍ୱାଇଁ, କିରାଣୀ ଧରିତ୍ରୀ ପ୍ରଧାନ, ସୀତାପତି ମହାରଣା, ବାବୁଲା ମଣ୍ଡଳ ଓ ଛାତ୍ରଛାତ୍ରୀମାନେ ସହଯୋଗର ହାତ ବଢାଇଥିଲେ।

## ରାସ୍ତା ଶୋଚନୀୟ, ଯାଇପାରୁନି ଆମ୍ବୁଲାନ୍ସ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ବ୍ଲକ କପାଳେଶ୍ୱର ପଞ୍ଚାୟତ ଅନ୍ତର୍ଗତ ଗରାପୁର ରାସ୍ତା ଅତି ଶୋଚନୀୟ ହୋଇପଡିଛି। ଏନେଇ ଶତାଧିକ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଭେଟି ତୁରନ୍ତ ରାସ୍ତା ମରାମତି କରିବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ପାପୁନିଛକ ଠାରୁ ଗ୍ରାମ ଭିତର ପର୍ଯ୍ୟନ୍ତ ରାସ୍ତାଟି ସମ୍ପୂର୍ଣ୍ଣ ନଷ୍ଟ ହେଉଥିବାରୁ ରାସ୍ତା ଉପରେ ଆଣ୍ଠୁଏ ଲେଖା କାଦୁଅ ସହିତ ବଡ ବଡ ଖାଲଖମା ଉର୍ଦ୍ଧ୍ୱ ହୋଇଛି। ଯାହାଫଳରେ ଗ୍ରାମର ବରିଷ୍ଠ ବ୍ୟକ୍ତି ସ୍କୁଲ୍ ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହେବାସହ ଗ୍ରାମ ଭିତରକୁ ସ୍କୁଲ୍ ଗାଡି, ଆମ୍ବୁଲାନ୍ସ, ଅଗ୍ନିଶମ ଗାଡି ଯାତାୟାତ କରିପାରୁନାହିଁ। ରୋଗୀମାନଙ୍କୁ କାନ୍ଧରେ ନେଇ ଯିବାକୁ ପଡୁଛି। ତୁରନ୍ତ



ଏହି ରାସ୍ତାକୁ ମରାମତି କରିବା ପାଇଁ ଶତାଧିକ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

## ଧର୍ମଶାଳା ବ୍ଲକରେ ୬୩୫ ଜଣଙ୍କୁ ଭତ୍ତା ବଣ୍ଟନ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ବ୍ଲକ ପ୍ରଶାସନ ପକ୍ଷରୁ ଧର୍ମଶାଳା ଷ୍ଟାଡିୟମ୍ ପରିସରରେ ୮୦ ବର୍ଷରୁ ଉର୍ଦ୍ଧ୍ୱ ୬୩୫ଜଣ ହିତାଧିକାରୀଙ୍କୁ ୩୫୦୦ ଟଙ୍କା ଲେଖାଏଁ ଭତ୍ତା ବଣ୍ଟନ କରାଯାଇଛି। ଧର୍ମଶାଳା ବିଡିଓ ଜ୍ୟୋତ୍ରୀମୟ କରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇ ବର୍ଦ୍ଧିତ ଭତ୍ତା ବଣ୍ଟନ କରିଥିଲେ ଓ ଜୀବିକା ମିଶନ ଓ ମିଶନ ଶକ୍ତି ପକ୍ଷରୁ ମହିଳାଙ୍କୁ କୃଷି ଯନ୍ତ୍ରପାତି ବଣ୍ଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁଚିସ୍ମିତା ଦାସ, ଉପାଧ୍ୟକ୍ଷା ବିଶ୍ୱ ବିଜୟିନୀ ମିଶ୍ର, ବ୍ଲକ ଶିକ୍ଷା ଅଧିକାରୀ ଅଭୟ କୁମାର ବେହେରା ଯୋଗଦେଇଥିଲେ। ସଭାରେ ବହୁ ବିଭାଗୀୟ କର୍ମଚାରୀ ଓ ଦଳୀୟ କର୍ମୀ ଉପସ୍ଥିତ ରହି ଭତ୍ତା ବଣ୍ଟନରେ ସହଯୋଗ କରିଥିଲେ।



## ପଞ୍ଚାୟତବାସୀଙ୍କ ମୌଳିକ ସମସ୍ୟା ସମାଧାନ ନେଇ ଦାବିପତ୍ର ପ୍ରଦାନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ଅଳେଇକଣା, ଚଣ୍ଡିଆଗଡି, ମାଣିକପାଟଣା, ସିଂଘିରି, ନରେନ୍ଦ୍ରପୁର, ପତ୍ରପୁର, ସଇରା, ବାଟିପଡା, ନୂଆପଡା, ସାନମଙ୍ଗଳ ଆଦି ଦଶଟି ପଞ୍ଚାୟତର ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ଦାବି ନେଇ "ଦଶ ପଞ୍ଚାୟତ ବିକାଶ ପରିଷଦ" ପକ୍ଷରୁ ପରିଷଦର ସଭାପତି ଆଳିର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ତଥା ବିଧାୟକ ପ୍ରାର୍ଥୀ ବ୍ରଜସୁନ୍ଦର ଭୂୟାଁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ଭେଟି ୫ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବି ପତ୍ରରେ ଉପଯୁକ୍ତ ଭିତ୍ତିଭୂମିର ଅଭାବ, ବିଜୁଳି ବିଭାଗର ଉଦାସୀନତା ଯୋଗୁ ବିଜୁଳି ଯୋଗାଣରେ ବ୍ୟାପକ ଅନିୟମିତତା ଓ ଘନଘନ ବିଜୁଳି କାଟ୍ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ। ଏହାର ପ୍ରତିକାର ପାଇଁ ଅଞ୍ଚଳରେ ଉପଭୋକ୍ତା ମାନଙ୍କୁ ୨୪ ଘଣ୍ଟିଆ ବିଜୁଳି ଯୋଗାଣ, ବ୍ରାହ୍ମଣୀ ନଦୀ କୂଳରେ ଆବଶ୍ୟକତା ଅନୁଯାୟୀ କୁମ୍ଭୀର ଆକ୍ରମଣରୁ ରକ୍ଷା ପାଇବା ପାଇଁ ବାରିକେଡ୍ ନିର୍ମାଣ, ମେଘା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରିତ ଢଙ୍ଗରେ ସମ୍ପୂର୍ଣ୍ଣ କରିବା, ରମ୍ଭିଳା ସ୍ଲୁଇସ୍ ଗେଟ୍‌ର ପୁନଃ ନିର୍ମାଣ କରି ଆଳି ଭେଜରୁ ବର୍ଷା ଓ ବଢିପାଣିର ନିଷ୍କାସନ ବ୍ୟବସ୍ଥା କରିବା, ବର୍ତ୍ତମାନର ସ୍ଲୁଇସ୍ ଗେଟ୍‌ର ନିର୍ମାଣ ଜନିତ ତ୍ରୁଟି ଯୋଗୁ ଏହା ଅକାମୀ ହୋଇପଡିଛି। ଯାହାଫଳରେ ଭେଡାରୁ ପାଣି ନିଷ୍କାସିତ ହୋଇପାରୁନାହିଁ। ଅଞ୍ଚଳର ପଞ୍ଚାୟତ ରାସ୍ତା, ପଞ୍ଚାୟତ ସମିତି ଅଧିନସ୍ଥ ରାସ୍ତା ଏବଂ ବିଭିନ୍ନ ସରକାରୀ ବିଭାଗ ଅଧିନ ରାସ୍ତା ଗୁଡିକ ଦୀର୍ଘଦିନ ମରାମତି ଅଭାବରୁ ଯାତାୟାତ ଅକାମୀ ହୋଇପଡିବାରୁ ସେଗୁଡିକର ପୁନଃ ନିର୍ମାଣ କରାଯିବା ଆଦି ଦାବିଗୁଡିକ ରହିଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଅତିରିକ୍ତ ନବକ୍ରିଷ୍ଣ ଜେନା, ଦଶ ପଞ୍ଚାୟତ ବିକାଶ ପରିଷଦର ସଭାପତି ଓ ସଭ୍ୟ ମାନଙ୍କ ସହିତ ଆଲୋଚନା କରି ତୁରନ୍ତ ଏହି ସମସ୍ୟା ଗୁଡିକ ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।




## ସ୍ତନ୍ୟପାନର ଗୁରୁତ୍ୱ ଓ ଆବଶ୍ୟକତା ଉପରେ ଆଲୋକପାତ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ଆଲୁମିନିୟମ୍, ଲପଙ୍ଗା, ସିଏଚ୍‌ସି ଲଇଡା, ମହିଳା ଓ ଶିଶୁ ବିକାଶ, ରେଙ୍ଗାଲି, ପିସିଆଇ ଇଣ୍ଡିଆର ମିଳିତ ଆନୁକୁଲ୍ୟରେ ରେଙ୍ଗାଲି ବ୍ଲକର ପାଞ୍ଚ ଗୋଟି ପଞ୍ଚାୟତରେ ଯଥା ଲପଙ୍ଗା, ବୋମାଲେଇ, କତରବଗା, ଜଙ୍ଗଲା, ଗିଟାମୁରାର ବିଭିନ୍ନ ଅଙ୍ଗନୱାଡ଼ି କେନ୍ଦ୍ର ଠାରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ଅଗଷ୍ଟ ୧ ତାରିଖ ଠାରୁ ୭ ଅଗଷ୍ଟ ପର୍ଯ୍ୟନ୍ତ ପାଳନ କରାଯାଇଥିଲା। ଏଥିରେ ସ୍ତନ୍ୟପାନର ଗୁରୁତ୍ୱ ଓ ଆବଶ୍ୟକ ଉପରେ ଆଲୋଚନା କରାଯାଇଥିଲା। ଶିଶୁର ଯତ୍ନ ଓ ସ୍ତନ୍ୟପାନର ବିଭିନ୍ନ ପ୍ରଣାଳୀ ଉପରେ ଲୋକମାନେଙ୍କୁ ସଚେତନତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିଶୁ ପାଇଁ କଙ୍ଗାରୁ ଯତ୍ନର ଆବଶ୍ୟକ ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶର ସିଡିପିଓ ସୁଶ୍ରୀ ଜମୁନା ଅଡ଼ା, କତରବଗା ସୁପରଭାଇଜର ବିନୋଦିନୀ ଅଇଣ୍ଡି, କତରବଗା ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଦୀପ୍ତ କୁମାର ମିଶ୍ର, ଉକ୍ତ କାର୍ଯ୍ୟକ୍ରମଟିକୁ କତରବଗା ପିଏଚ୍‌ସିର ଡାକ୍ତର ସୁଭଦ୍ରା ଦାସ, ଆଦିତ୍ୟ ଆଲୁମିନିୟମର ହେଲଥ କେୟାର ଡାକ୍ତର ଦେବସ୍ମିତା ସେନାପତି, ଉପପ୍ରବନ୍ଧକ ମନୋରଞ୍ଜନ ବେହେରା ଉପସ୍ଥିତ ରହି ଉପସ୍ଥିତ ସେଚେତନତ ବାର୍ତ୍ତା ଦେଇଥିଲେ। ସଚେତନ ମାଧ୍ୟମରେ ଉପସ୍ଥିତ ମହିଳାମାନଙ୍କ ପାଇଁ ଏକ କୁଇଜ୍ ପ୍ରତିଯୋଗିତା ମୂଳକ କାର୍ଯ୍ୟକ୍ରମ କରାଯାଇ, ବିଜେତାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟଟି ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ମୁଖ୍ୟ ରବି ନିଓ୍ୱସଙ୍କ ତତ୍ତ୍ୱାବଧାନରେ କରାଯାଇଥିଲା। ସ୍ଥାନୀୟ ଅଧିବାସୀ ଏଭଳି ମହତ୍ କାର୍ଯ୍ୟକୁ ପ୍ରଶଂସା କରିବା ସହିତ ଆଦିତ୍ୟ ଆଲୁମିନିୟମ, ଲପଙ୍ଗାକୁ ସାଧୁବାଦ ଜ୍ଞାପନ କରିଥିଲେ।

## ଶ୍ରୀଜଗନ୍ନାଥ ଓ ଭାଗବତ ମହାତ୍ମ୍ୟ ଉପରେ ଆଲୋଚନା

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର ପୌରପାଳିକା ଓଟିଏମ୍ କଲୋନୀ ସତ୍ୟନାରାୟଣ ପଡ଼ିଆସ୍ଥିତ ବାବାବୈକୁଣ୍ଠନାଥ ବ୍ରହ୍ମଚାରୀ ଆଶ୍ରମରେ ଗତମାସ ୩୦ ତାରିଖରୁ ଆରମ୍ଭ ହୋଇ ୭ଦିନ ଧରି ଚାଲିଥିବା ଆଧ୍ୟାତ୍ମିକ ଉତ୍ସବ ଶ୍ରୀମଦ୍ ଭାଗବତ ସପ୍ତାହ, ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଚୌଦ୍ୱାର ସଦ୍‌ଗୁରୁ ବାବା ବୈକୁଣ୍ଠନାଥ ଭାଗବତ ପ୍ରଚାର ସମିତି ଆନୁକୁଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରତିଦିନ ଭାଗବତ ପୂଜା, ଆଳତି, ଭାଗବତ ପଠନ, ଗାଦି ପୂଜନ ଆଦି ବହୁବିଧ କାର୍ଯ୍ୟକ୍ରମ ରୀତିନୀତ ସହକାରେ ସମ୍ପନ୍ନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ରହ୍ମଚାରୀ ବାବା ସତ୍ୟାନନ୍ଦ ଦାସ ମହାରାଜ ଧାରାବାହିକ ପ୍ରବାଚକ ଭାବେ ସାତଦିନ ବ୍ୟାପି ଜଗନ୍ନାଥ ସଂସ୍କୃତି ଓ ଭାଗବତ କଥାମୃତ ଉପରେ ପ୍ରବଚନ ପ୍ରଦାନ କରିଥିଲେ। ପ୍ରତି ସନ୍ଧ୍ୟାରେ ଅନୁଷ୍ଠିତ ପ୍ରବଚନ କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ସଂଖ୍ୟାରେ ପୁରୁଷ ଓ ମହିଳା ଶ୍ରଦ୍ଧାଳୁ ଯୋଗଦେଇ ପ୍ରବଚନ ଶ୍ରବଣ କରିବା ସହିତ ଜଗନ୍ନାଥଙ୍କ ପୂଜାର୍ଚ୍ଚନା ଓ ଭଜନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବ୍ରହ୍ମଚାରୀ ବାବା ସତ୍ୟାନନ୍ଦ ଦାସ ମହାରାଜ, ସିଦ୍ଧଗିରି ଆଶ୍ରମ ବାବାଜୀ ବିଶ୍ୱନାଥ ଦାସ, କେନ୍ଦୁଝର ସିଦ୍ଧବଟ ସନ୍ଥ ମୁନିବାବା, ସାରଳାପୀଠ ଜଗନ୍ନାଥ ପଞ୍ଚରାତ୍ର ସଭାପତି ବିଷ୍ଣୁ ଚରଣ ସ୍ୱାଇଁ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲକ୍ଷ୍ମୀ ବିଳାସିନୀ ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଜଗନ୍ନାଥ ଓ ଭାଗବତ ମହାତ୍ମ୍ୟ ଉପରେ ଅଲୋଚନା କରିଥିଲେ। ଏହି ଅବସରରେ ବାବା ବୈକୁଣ୍ଠନାଥ ଆଶ୍ରମରେ ନବ ନିର୍ମିତ ଭଣ୍ଡାର ଗୃହ ଉଦ୍‌ଘାଟିତ ହୋଇଥିଲା। ଆୟୋଜକ କମିଟିର ସନ୍ତୋଷ କୁମାର ଧର, ଶୁଭେନ୍ଦୁ ସାମଲ, ଦିବ୍ୟଜ୍ୟୋତି ପାଣି, ଅଜୟ କୁମାର ସାହୁ, ବିମଳ କୁମାର ବେଉରା, ଭାସ୍କର ରାଉତରାୟ, ବିଭୁତି ଦାସ, ରାଜକିଶୋର ସାମନ୍ତ, ରାଜୁ ପ୍ରଧାନ, ବିଜୟ ଅରିସଲ, ସଚ୍ଚିଦାନନ୍ଦ ପାଲ, ମାନସ ବେହେରା ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

## ମା' ପେଣ୍ଡ୍ରାଣୀ:ଭକ୍ତି ଓ ବିଶ୍ୱାସର ଅଧିଷ୍ଠାତ୍ରୀ ଦେବୀ

**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**

ମା' ବୋଲି ଅନ୍ତରରୁ ଥରେ ଡାକିଲେ ସେ ନିଜ ସନ୍ତାନର ଦୁଃଖକଷ୍ଟ ଦୂର କରିଦିଅନ୍ତି। ଯୁଗ ଯୁଗ ଧରି ଏହି ବିଶ୍ୱାସ ଭକ୍ତମାନଙ୍କ ମନରେ ଅଟୁଟ ରହିଆସିଛି। ଭକ୍ତଙ୍କ ଆସ୍ଥା ଓ ଶ୍ରଦ୍ଧାର ପ୍ରତୀକ ଭାବେ ଆଦିଶକ୍ତି ବିଭିନ୍ନ ରୂପରେ ଧରାପୃଷ୍ଠରେ ଆବିର୍ଭୂତ ହୋଇଥାନ୍ତି। ସେହି ଆଦିଶକ୍ତିଙ୍କ ଏକ ପୂଜନୀୟ ରୂପ ହେଉଛନ୍ତି ମା' ପେଣ୍ଡ୍ରାଣୀ। ନବରଙ୍ଗପୁର ଜିଲ୍ଲାର ଉମରକୋଟ ସହରର ଅଧିଷ୍ଠାତ୍ରୀ ଦେବୀ ଭାବେ ସେ ବିରାଜମାନ। କେବଳ ସ୍ଥାନୀୟ ଅଞ୍ଚଳ ନୁହେଁ, ରାଜ୍ୟ ବାହାରେ ମଧ୍ୟ ମା'ଙ୍କ ମହିମା ଓ ଅଲୌକିକ କୃପାର ପ୍ରଚାର ରହିଛି। ଲୋକକଥା ଅନୁସାରେ ମା'ଙ୍କ ଜନ୍ମ ବର୍ତ୍ତମାନର ଛତିଶଗଡ଼ ରାଜ୍ୟର ବିଶ୍ରାମପୁର ଅଞ୍ଚଳ ଅନ୍ତର୍ଗତ ପେଣ୍ଡରାଗଣ୍ଡ ଗ୍ରାମରେ ହୋଇଥିଲା। ତାଙ୍କ ମାତାଙ୍କ ନାମ ମୁତଙ୍ଗଇ ଓ ପିତାଙ୍କ ନାମ ବୁଇଁ ଗଣ୍ଡା ବୋଲି



କୁହାଯାଏ। ବିବାହ ପରେ ମଧ୍ୟ ମା' ନିଜ ସ୍ୱାମୀଙ୍କ ସହ ବାପଘରେ ରହୁଥିଲେ। କିନ୍ତୁ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ତାଙ୍କ ଭାଇମାନେ ନିଜ ଜାମାତାଙ୍କୁ ହତ୍ୟା କରି ଏକ ଜମିରେ ସମାଧି ଦେଇଥିଲେ। ସ୍ୱାମୀଙ୍କ ବିୟୋଗ ସହିନପାରି ମା' ମଧ୍ୟ ସେହି ସ୍ଥାନରେ ଆତ୍ମାହୁତି ଦେଇ ସତୀ ହୋଇଥିଲେ। ପରେ ସେ ନିଜ ପିତାମାତାଙ୍କୁ ସ୍ୱପ୍ନାଦେଶ ଦେଇ କହିଥିଲେ ଯେ ସେ ପେଣ୍ଡରା ବୃକ୍ଷ ତଳେ ପୁନର୍ବାର ପ୍ରକଟ ହେବେ ଏବଂ ସେଠାରେ ତାଙ୍କ ପୂଜା କରାଯାଉ। ସେହି ଦିନଠାରୁ ସେ 'ମା' ପେଣ୍ଡ୍ରାଣୀ' ନାମରେ ପୂଜା ପାଇବା ଆରମ୍ଭ କରିଥିଲେ। ସମୟକ୍ରମେ ମା'ଙ୍କ ପୂଜା ନବରଙ୍ଗପୁର ଜିଲ୍ଲାର ଉମରକୋଟ ବ୍ଲକ ଅନ୍ତର୍ଗତ ପୂଜାରୀ ଭରଣ୍ଡୀ ଗ୍ରାମରେ ଆରମ୍ଭ ହୋଇଥିଲା। ଆଉ ଏକ ଲୋକକଥା ଅନୁସାରେ, ବହୁ ବର୍ଷ ପୂର୍ବେ ଜୟପୁରର ରାଜା ଉମରକୋଟ ଗସ୍ତରେ ଆସିଥିବା ବେଳେ ତାଙ୍କର ପ୍ରିୟ ଅଶ୍ୱ ହଜିଯାଇଥିଲା। ରାଜା ମା'ଙ୍କ ମହିମା ପରୀକ୍ଷା କରିବା ପାଇଁ ମନରେ ସଂକଳ୍ପ କରିଥିଲେ ଯେ, ଯଦି ତାଙ୍କ ଅଶ୍ୱ ମିଳିଯାଏ, ତେବେ ସେ ଉମରକୋଟରେ ମା'ଙ୍କ ନାମରେ ଏକ ମନ୍ଦିର ନିର୍ମାଣ କରାଇବେ। ପରଦିନ ଅଶ୍ୱଟି ଆସି ରାଜାଙ୍କ ଶିବିର ନିକଟରେ ପହଞ୍ଚିଥିଲା। ଏହାପରେ ରାଜା ନିଜ ସଂକଳ୍ପ ପୂରଣ କରି ଉମରକୋଟରେ ମା' ପେଣ୍ଡ୍ରାଣୀଙ୍କ ମନ୍ଦିର ନିର୍ମାଣ କରାଇଥିଲେ। ସେହିଦିନ ଠାରୁ ମା'ଙ୍କ ମହିମା ଦୂରଦୂରାନ୍ତରେ ପ୍ରସାରିତ ହୋଇଆସିଛି। ବର୍ତ୍ତମାନ ମା' ପେଣ୍ଡ୍ରାଣୀ ନବନିର୍ମିତ ମନ୍ଦିରରେ ପୂଜା ପାଉଛନ୍ତି। ରବିବାର ମା'ଙ୍କର ବିଶେଷ ପୂଜା ବାର ହୋଇଥିବାରୁ ଏହି ଦିନ ଦୂରଦୂରାନ୍ତରୁ ହଜାର ହଜାର ଭକ୍ତ ଦର୍ଶନ ପାଇଁ ଆସିଥାନ୍ତି। ମା'ଙ୍କ ନିକଟରେ ମନାସି ଅନେକ ଭକ୍ତଙ୍କ ମନସ୍କାମନା ପୂରଣ ହୋଇଥିବାର ବିଶ୍ୱାସ ରହିଛି। ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ଭାବେ ମା' ପେଣ୍ଡ୍ରାଣୀଙ୍କର ସ୍ୱତନ୍ତ୍ର ସ୍ଥାନ ରହିଛି। ଉମରକୋଟରେ ରଥଯାତ୍ରା ସମୟରେ ମା'ଙ୍କ ବିମାନ ରଥାରୂଢ଼ ନହେବା ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥଙ୍କ ରଥ ଗଡ଼ିନଥାଏ ବୋଲି ପରମ୍ପରା ରହିଛି। ସେହିପରି ବାହୁଡ଼ା ଯାତ୍ରା ପରବର୍ତ୍ତୀ ସୋମବାର ଦିନ ମା' ପେଣ୍ଡ୍ରାଣୀଙ୍କ ବାର୍ଷିକ ଯାତ୍ରା ମହାଆଡ଼ମ୍ବରରେ ପାଳନ କରାଯାଏ। ଏହି ଅବସରରେ ହଜାର ହଜାର ଭକ୍ତଙ୍କ ସମାଗମରେ ସମଗ୍ର ଉମରକୋଟ ଭକ୍ତିମୟ ପରିବେଶରେ ମୁଖରିତ ହୋଇଉଠେ। ସ୍ଥାନୀୟ ଲୋକଙ୍କ ବିଶ୍ୱାସ ଅନୁଯାୟୀ, ମା'ଙ୍କ କୃପାରେ ତାଙ୍କ ପୀଠରେ କେହି ଭୋକିଲା ରୁହନ୍ତିନାହିଁ। ଯେଉଁମାନେ ମା'ଙ୍କ ଆଶ୍ରୟ ଗ୍ରହଣ କରି ଉମରକୋଟ ମାଟିରେ ବସବାସ କରିଛନ୍ତି, ସେମାନେ ସୁଖ, ଶାନ୍ତି ଓ ସମୃଦ୍ଧି ଲାଭ କରିଥାନ୍ତି ବୋଲି ଅଗଣିତ ଭକ୍ତଙ୍କ ବିଶ୍ୱାସ। ତେଣୁ ମା' ପେଣ୍ଡ୍ରାଣୀ ଆଜି ମଧ୍ୟ ଭକ୍ତି, ବିଶ୍ୱାସ ଓ ଆସ୍ଥାର ଅନନ୍ୟ ପ୍ରତୀକ ଭାବେ ଅସଂଖ୍ୟ ଭକ୍ତଙ୍କ ହୃଦୟରେ ବିରାଜମାନ।

## ପ୍ରଶାସନିକ ଅବହେଳାରୁ ଭାଙ୍ଗିଲା ଶ୍ମଶାନ ଘାଟ:ଲୋକେ ହଟହଟା



**କୁଚିଣ୍ଡା, ନ୍ୟୁଜ୍ ବ୍ୟୁରୋ**

ବାଉରୀଗୋଡ଼ା ଗ୍ରାମପଞ୍ଚାୟତର ସ୍ଥାନୀୟ ଶ୍ମଶାନ ଘାଟଟି ଦୀର୍ଘଦିନ ହେବ ସମ୍ପୂର୍ଣ୍ଣ ଜରାଜୀର୍ଣ୍ଣ ଓ ଶୋଚନୀୟ ଅବସ୍ଥାରେ ପଡ଼ିରହିଛି। ମୃତକଙ୍କ ଶେଷକୃତ୍ୟ ସମ୍ପାଦନ ପାଇଁ ଆସୁଥିବା ଶୋକସନ୍ତପ୍ତ ପରିବାର ଓ ଗ୍ରାମବାସୀଙ୍କ ପାଇଁ ଏହା ଏବେ ଚରମ ଯନ୍ତ୍ରଣାର କାରଣ ପାଲଟିଛି। ସୂଚନାଯୋଗ୍ୟ ଯେ, ଶ୍ମଶାନକୁ ଯିବା ପାଇଁ କୌଣସି ପକ୍କା ରାସ୍ତା ନଥିବାରୁ ବର୍ଷା ଦିନେ କାଦୁଅ ଓ ପାଣି ଭିତରେ ଶବ ବୋହିନେବାରେ ସ୍ଥାନୀୟ ଲୋକଙ୍କୁ ନାକେଦମ୍ ହେବାକୁ ପଡୁଛି। ଏହା ସହିତ ଶବଦାହ ପାଇଁ କାଠ ସଜାଡ଼ି ରଖିବାକୁ ବ୍ୟବହୃତ ହେଉଥିବା ଲୁହା ଫ୍ରେମ୍ ଓ ଗ୍ରିଲ୍‌କୁ ଦୁର୍ବୃତ୍ତମାନେ ଚୋରି କରି ନେଇଛନ୍ତି, ଯାହାଫଳରେ ଶବ ସଂସ୍କାର କରିବାରେ ଗୁରୁତର ସମସ୍ୟା ଉପୁଜୁଛି। ଶ୍ମଶାନ ଗୃହର ତଳ ଭାଗ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ନଷ୍ଟ ହୋଇଯାଇଥିବା ବେଳେ ପାଖ ଦେଇ ପ୍ରବାହିତ ନାଳର ପାଣି ଶ୍ମଶାନର ମୂଳଦୁଆକୁ ଧୋଇ ନେଉଛି। ମାଟି ଧସିଯାଉଥିବାରୁ ଗୃହଟି ଯେକୌଣସି ସମୟରେ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିବାର ଆଶଙ୍କା ରହିଛି। ଜଣେ ମୃତ ବ୍ୟକ୍ତିଙ୍କୁ ଶେଷ ସମ୍ମାନ ଦେବା ପାଇଁ ମଧ୍ୟ ସ୍ଥାନୀୟ ଲୋକଙ୍କୁ ଏଭଳି ଅଭାବନୀୟ ଦୁର୍ଦ୍ଦଶାର ସାମ୍ନା କରିବାକୁ ପଡୁଛି। ଏହି ବିଷୟରେ ଜିଲ୍ଲା ପ୍ରଶାସନ, ସ୍ଥାନୀୟ ବିଡିଓ ଏବଂ ପଞ୍ଚାୟତ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ଶ୍ମଶାନର ପୁନରୁଦ୍ଧାର, ପକ୍କା ରାସ୍ତା ନିର୍ମାଣ ଏବଂ ଶବଦାହ ପାଇଁ ଆବଶ୍ୟକୀୟ ଲୁହା ସରଞ୍ଜାମର ପୁନଃ ବ୍ୟବସ୍ଥା କରିବାକୁ ବାଉରୀଗୋଡ଼ା ଗ୍ରାମବାସୀଙ୍କ ପକ୍ଷରୁ ଦୃଢ଼ ଦାବି କରାଯାଇଛି।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୦ ଅଗଷ୍ଟ, ସୋମବାର, ୨୦୨୬


# ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ୍ ପାଇଁ ଭାରତୀୟ ଦଳରେ ବଡ଼ ପରିବର୍ତ୍ତନ



**ନୂଆଦିଲ୍ଲୀ**

ଭାରତୀୟ ଦଳକୁ ଶ୍ରୀଲଙ୍କା ବିପକ୍ଷ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ପୂର୍ବରୁ ଏକ ବଡ଼ ଝଟ୍‌କା ଲାଗିଛି। ବାମହାତୀ ବ୍ୟାଟ୍ସମ୍ୟାନ ସାଇ ସୁଦର୍ଶନ ଆହତ ସମସ୍ୟା କାରଣରୁ ସମ୍ପୂର୍ଣ୍ଣ ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି। ଚୟନ କମିଟି ତାଙ୍କ ସ୍ଥାନରେ ସରଫରାଜ ଖାନଙ୍କୁ ଭାରତୀୟ ଟେଷ୍ଟ ଦଳରେ ସାମିଲ କରିଛି।

ସାଇ ସୁଦର୍ଶନ ବର୍ତ୍ତମାନ ବେଙ୍ଗାଲୁରୁସ୍ଥିତ ବିସିସିଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସରେ ଅଛନ୍ତି ଏବଂ ଡାହାଣ ଗୋଡ଼ର ବୁଢ଼ା ଆଙ୍ଗୁଠିରେ ହୋଇଥିବା ଷ୍ଟ୍ରେସ ରିଆକ୍ସନ ଆହତ ସମସ୍ୟାରୁ ମୁକୁଳିବା ପାଇଁ ଚେଷ୍ଟା କରୁଛନ୍ତି। ବିସିସିଆଇ ଅନୁଯାୟୀ, ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଭଲ ସୁଧାର ଆସୁଛି ଏବଂ ସେ ଫିଟନେସ ହାସଲ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପ୍ରଗତି କରିଛନ୍ତି। ତଥାପି ମେଡିକାଲ ଟିମ୍ ତାଙ୍କ ସ୍ଥିତି ଉପରେ କ୍ରମାଗତ ନଜର ରଖିଛି।

ସାଇ ସୁଦର୍ଶନଙ୍କ ସ୍ଥାନରେ ସରଫରାଜ ଖାନଙ୍କୁ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ପାଇଁ ଭାରତୀୟ ଦଳରେ ସାମିଲ କରାଯାଇଛି। ସରଫରାଜ ଖୁବ୍ ଶୀଘ୍ର କୋଲମ୍ବୋରେ ଭାରତୀୟ ଦଳ ସହ ଯୋଗଦେବେ। ଏହାପରେ ଦଳ ପ୍ରଥମ ଟେଷ୍ଟ ପାଇଁ ଗାଲେ ଅଭିମୁଖେ ଯାତ୍ରା କରିବ। ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ସିରିଜ୍‌ର ପ୍ରଥମ ଟେଷ୍ଟ ୧୫ ଅଗଷ୍ଟ ୨୦୨୬ରୁ ଗାଲେଠାରେ ଖେଳାଯିବ। ସରଫରାଜଙ୍କ ପାଇଁ ଦଳକୁ ପ୍ରତ୍ୟାବର୍ତ୍ତନ କରିବାର ଏହା ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ। ସେ ଘରୋଇ କ୍ରିକେଟ୍‌ରେ କ୍ରମାଗତ ଭାବେ ଭଲ ପ୍ରଦର୍ଶନ କରିଆସୁଛନ୍ତି ଏବଂ ପୂର୍ବରୁ ମଧ୍ୟ ଟେଷ୍ଟ ଦଳ ସହ ରହିସାରିଛନ୍ତି।

# କମନୱେଲ୍‌ଥ ଚାମ୍ପିଅନମାନଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

**ନୂଆଦିଲ୍ଲୀ**

ଗ୍ଲାସ୍‌ଗୋ କମନୱେଲ୍‌ଥ ଗେମ୍ସ ୨୦୨୬ରେ ତ୍ରିରଙ୍ଗା ଉଡ଼ାଇ ଫେରିଥିବା ଭାରତୀୟ ଦଳକୁ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜ ଦିଲ୍ଲୀସ୍ଥିତ ବାସଭବନରେ ଭବ୍ୟ ସ୍ୱାଗତ କରିଛନ୍ତି। ଏହି ଅବସରରେ ପିଏମ୍ ମୋଦି ଦେଶର ପଦକ ବିଜେତାମାନଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ସେମାନଙ୍କ ଅନୁଭୂତି ଶୁଣିଥିଲେ ଏବଂ ସେମାନଙ୍କ ଚମତ୍କାର ପ୍ରଦର୍ଶନର ପ୍ରଶଂସା କରି ସାରା ଦେଶ ପକ୍ଷରୁ ଶୁଭେଚ୍ଛା ଜଣାଇଥିଲେ। ଏହା ବ୍ୟତୀତ ସେ ସୋସିଆଲ ମିଡିଆରେ ଏକ ଭିଡିଓ ମଧ୍ୟ ସେୟାର କରିଛନ୍ତି, ଯାହା ଖୁବ୍ ଦ୍ରୁତ ଗତିରେ ଭାଇରାଲ ହେବାରେ ଲାଗିଛି।



ଆଥଲେଟ୍‌ମାନଙ୍କ ସହ ହୋଇଥିବା ଏହି ବିଶେଷ ସାକ୍ଷାତ୍‌କାରର ଏକ ଝଲକ୍ ପ୍ରଧାନମନ୍ତ୍ରୀ ନିଜ ସୋସିଆଲ ମିଡିଆରେ ସେୟାର କରି କରିଛନ୍ତି। ପ୍ରଧାନମନ୍ତ୍ରୀ ସେୟାର କରିଥିବା ଏହି ଭିଡିଓରେ ସେ ସ୍ୱର୍ଣ୍ଣ ପଦକ ବିଜେତା ବକ୍ସର ସାକ୍ଷୀ ଚୌଧୁରୀଙ୍କ ସମେତ ଅନ୍ୟ କେତେକ ଚାମ୍ପିଅନମାନଙ୍କ ସହ ଏକ ଆନନ୍ଦଦାୟକ ପରିବେଶରେ କଥାବାର୍ତ୍ତା କରୁଥିବାର ଦେଖାଯାଉଛନ୍ତି। ଭିଡିଓରେ ସାକ୍ଷୀ ଚୌଧୁରୀ ପିଏମ୍ ମୋଦିଙ୍କ ସରଳତାର ପ୍ରଶଂସା କରି କହିଛନ୍ତି, 'ପ୍ରଧାନମନ୍ତ୍ରୀ ଜୀଙ୍କୁ ଭେଟି ଆମେ ଅତ୍ୟନ୍ତ ଆନନ୍ଦିତ, ସେ ବହୁତ ନମ୍ର ଅଟନ୍ତି।'

କଥାବାର୍ତ୍ତା ସମୟରେ ଯେତେବେଳେ ଖେଳାଳିମାନେ ପ୍ରଧାନମନ୍ତ୍ରୀଙ୍କୁ କିଛି କହିବା ପାଇଁ ଅନୁରୋଧ କରିଥିଲେ, ସେତେବେଳେ ପିଏମ ମୋଦୀ ଦେଶରେ କ୍ରୀଡ଼ା ସଂସ୍କୃତିକୁ ପ୍ରୋତ୍ସାହନ ଦେଉଥିବା ତାଙ୍କର ପ୍ରସିଦ୍ଧ ବାର୍ତ୍ତାକୁ ଦୋହରାଇ କହିଥିଲେ, 'ଯିଏ ଖେଳିବ, ସିଏ ଚମକିବ!' ଏହାପରେ ସେ ଖେଳାଳିମାନଙ୍କ ଉତ୍ସାହ ବଢ଼ାଇବା ସହ 'ଭାରତ ମାତା କୀ ଜୟ'ର ନାରା ମଧ୍ୟ ଦେଇଥିଲେ।

କହି ରଖୁଛୁ ଯେ, ଗ୍ଲାସଗୋ କମନୱେଲଥ ଗେମ୍ସ ୨୦୨୬ରେ ଭାରତୀୟ ଆଥଲେଟ୍‌ମାନେ ଚମତ୍କାର ପ୍ରଦର୍ଶନ କରି ମୋଟ ୩୯ଟି ପଦକ ନିଜ ନାମରେ କରିଛନ୍ତି। ଏଥିରେ ୧୩ଟି ସ୍ୱର୍ଣ୍ଣ, ୧୭ଟି ରୌପ୍ୟ ଓ ୯ଟି କାଂସ୍ୟ ପଦକ ସାମିଲ ରହିଛି । ଏହି ବିଜୟ ସହ ଭାରତୀୟ ଶିବିରର ମନୋବଳ ଦୃଢ଼ ରହିଛି ଏବଂ ପ୍ରଧାନମନ୍ତ୍ରୀଙ୍କ ସହ ହୋଇଥିବା ଏହି ସାକ୍ଷାତକାର ଆଥଲେଟ୍‌ମାନଙ୍କ ଉତ୍ସାହକୁ ଆହୁରି ଦ୍ୱିଗୁଣିତ କରିଦେଇଛି।

କମନୱେଲ୍‌ଥ ଗେମ୍ସ ୨୦୨୬ ରେ ଭାରତୀୟ ମୁଷ୍ଟିଯୋଦ୍ଧାମାନଙ୍କ ପ୍ରଦର୍ଶନ ସବୁଠାରୁ ଅଧିକ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା। ରିଙ୍ଗକୁ ଓହ୍ଲାଇଥିବା ଭାରତର ସମସ୍ତ ୧୦ ଜଣଯାକ ମୁଷ୍ଟିଯୋଦ୍ଧା ପଦକ ଜିତି ଇତିହାସ ରଚିଥିଲେ। ବକ୍ସିଂ ଦଳ ୧୦୦ ପ୍ରତିଶତ ସଫଳତା ହାର ହାସଲ କରି ଦେଶକୁ ୭ଟି ସ୍ୱର୍ଣ୍ଣ ଏବଂ ୩ଟି ରୌପ୍ୟ ପଦକ ଦେଇଛନ୍ତି। ସାକ୍ଷୀ ଚୌଧୁରୀଙ୍କ ସମେତ ଅନ୍ୟ ମୁଷ୍ଟିଯୋଦ୍ଧାମାନେ ଭାରତର ପଦକ ତାଲିକାକୁ ମଜବୁତ କରିବାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

# ଚୀନ୍ ଖେଳାଳିଙ୍କୁ ହରାଇ ପ୍ରଥମ ବିଡବ୍ଲ୍ୟୁଏଫ ଟାଇଟଲ୍ ଜିତିଲେ ଅସ୍ମିତା

**ସିଓଲ**

ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ଅସ୍ମିତା ଚାଲିହା ନିଜର ପ୍ରଥମ ବିଡବ୍ଲ୍ୟୁଏଫ୍ ଟୁର୍ ମୁକୁଟ ରବିବାର କରାୟତ୍ତ କରିଛନ୍ତି। ଏଠାରେ ଚାଲିଥିବା କୋରିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ମହିଳା ଏକକ ଫାଇନାଲ୍‌ରେ ଏହି ୨୬ ବର୍ଷୀୟା ଗୁଆହାଟୀ ତରୁଣୀ ୧୪-୨୧, ୨୧-୧୪, ୨୧-୧୪ରେ ଚୀନ୍‌ର ହାଁ କ୍ୱିଆନ୍ ଜି'ଙ୍କୁ ମାତ୍ ଦେଇଥିଲେ। ପ୍ରଥମ ଗେମ୍ ହାରିବା ପରେ ସଫଳ ପ୍ରତ୍ୟାବର୍ତ୍ତନ କରି ପରବର୍ତ୍ତୀ ଦୁଇ ଗେମ୍‌କୁ ଜିତି ଟ୍ରଫି ନିଶ୍ଚିତ କରିଥିଲେ। ଚତୁର୍ଥ ମାନ୍ୟତାପ୍ରାପ୍ତ ଚାଇନିଜ୍ ଖେଳାଳିଙ୍କ ବିପକ୍ଷ ଏହି ଫାଇନାଲ୍ ମ୍ୟାଚ୍ ଜିତିବାକୁ ବିଶ୍ୱର ୫୦ ନମ୍ବର ଅସ୍ମିତାଙ୍କୁ ୫୩ ମିନିଟ୍ ଲାଗିଥିଲା। ଆହତ ଯୋଗୁଁ ୩ ମାସର ବିଶ୍ରାମ ପରେ ମେ ମାସରେ ଫେରିଥିବା ଅସ୍ମିତା, ଚାଇନା ଓ ମାଲେସିଅ ମାଷ୍ଟର୍ସର କ୍ୱାର୍ଟର ଫାଇନାଲ୍‌ରେ ପହଞ୍ଚିଥିଲେ।



# ବାରବାଟୀରେ ଜମିବ ଓଡ଼ିଶା ଟି-୨୦ ଲିଗ୍



**କଟକ, ନ୍ୟୁଜ୍ ବ୍ୟୁରୋ**

ଟି-୨୦ କ୍ରିକେଟ୍ ଲିଗ୍‌ର ଲୋକପ୍ରିୟତା ବିଗତ କିଛି ଦିନ ହେବ ବହୁତ ବଢ଼ିଯାଇଛି। ବିସିସିଆଇ ପ୍ରତି ବର୍ଷ ଆୟୋଜନ କରୁଥିବା ଆଇପିଏଲ୍ ଆଜି ବିଶ୍ୱର ସବୁଠାରୁ ବଡ଼ ଟି-୨୦ ଲିଗ୍ ପାଲଟିଛି। ଅନ୍ୟପଟେ ଭାରତର ରାଜ୍ୟ କ୍ରିକେଟ୍ ଆସୋସିଏସନଗୁଡ଼ିକ ମଧ୍ୟ କ୍ରମାଗତ ଭାବେ ନିଜ ନିଜର ଲିଗ୍ ଆୟୋଜନ କରୁଛନ୍ତି। ଏଥିରେ ତାମିଲନାଡୁ ପ୍ରିମିୟର ଲିଗ୍, ୟୁପି ଲିଗ୍ ଏବଂ ଦିଲ୍ଲୀ ପ୍ରିମିୟର ଲିଗ୍ ଭଳି ଅନେକ ଟି-୨୦ ଲିଗ୍ ସାମିଲ ଅଛନ୍ତି। ବର୍ତ୍ତମାନ ଏହି କ୍ରମରେ ଓଡ଼ିଶା ଟି-୨୦ ଲିଗ୍ ମଧ୍ୟ ସାମିଲ ହୋଇଛି। ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ନିଜସ୍ୱ ଟି-୨୦ ଲିଗ୍ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଛି। ଏହି ଲିଗ୍‌ର ସମସ୍ତ ମ୍ୟାଚ୍ କଟକର ବାରବାଟୀ ଷ୍ଟାଡିୟମରେ ଖେଳାଯିବ। ଓଡ଼ିଶା ଟି-୨୦ ଲିଗ୍‌ର ଶୁଭାରମ୍ଭ ସେପ୍ଟେମ୍ବର ୧୮ ତାରିଖରୁ ହେବ। ଏହି ଲିଗ୍‌ର ମୂଳ ଉଦ୍ଦେଶ୍ୟ ହେଉଛି ସ୍ଥାନୀୟ ଖେଳାଳିମାନଙ୍କୁ ଅଧିକ ସୁଯୋଗ ଦେବା। ଯାହାଦ୍ୱାରା ସେମାନେ ଏକ ବଡ଼ ମଞ୍ଚରେ ନିଜ ପ୍ରତିଭା ପ୍ରଦର୍ଶନ କରିପାରିବେ। ଏହି ଲିଗ୍ ଓଡ଼ିଶାର ଆଞ୍ଚଳିକ କ୍ରିକେଟ୍ ପରମ୍ପରାକୁ ମଧ୍ୟ ପ୍ରୋତ୍ସାହିତ କରିବ। ଏଥିରେ ଭାଗ ନେଉଥିବା ଦଳଗୁଡ଼ିକ କଟକ, ଭୁବନେଶ୍ୱର, କେନ୍ଦୁଝର ଓ ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳର ପ୍ରତିନିଧିତ୍ୱ କରିବେ। ଏହାଦ୍ୱାରା ଆଞ୍ଚଳିକ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବ। ଯାହା ଖେଳାଳି ଏବଂ ଦର୍ଶକ ଉଭୟଙ୍କ ମନରେ ଅଧିକ ଉତ୍ସାହ ଭରିଦେବ। ଯୁବ ଖେଳାଳିମାନଙ୍କୁ ନିଜ କ୍ରୀଡ଼ା ପ୍ରତିଭା ଦେଖାଇବାର ଏକ ବୃହତ୍ ମଞ୍ଚ ମିଳିବା ସହ ସାରା ଦେଶର ଦର୍ଶକ ମଧ୍ୟ ଏହି ମ୍ୟାଚ୍‌ଗୁଡ଼ିକୁ ଉପଭୋଗ କରିପାରିବେ। ଓଡ଼ିଶା କ୍ରିକେଟ୍ ଆସୋସିଏସନର ସମ୍ପାଦକ ସଞ୍ଜୟ ବେହେରା ଏହି ଟୁର୍ଣ୍ଣାମେଣ୍ଟକୁ ନେଇ ଖୁସି ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ, ଏହି ଲିଗ୍ ଖେଳାଳିମାନଙ୍କ ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଯୁବ ଖେଳାଳିମାନେ ରାଜ୍ୟର ଶ୍ରେଷ୍ଠ ପ୍ରତିଭାମାନଙ୍କ ବିପକ୍ଷରେ ଖେଳି ଅଭିଜ୍ଞତା ହାସଲ କରିବେ ଏବଂ ଆଗାମୀ ଦିନରେ ଉଚ୍ଚ ସ୍ତରୀୟ କ୍ରିକେଟ୍ ପାଇଁ ନିଜକୁ ପ୍ରସ୍ତୁତ କରିପାରିବେ। ଓସିଏ ଖେଳାଳିମାନଙ୍କୁ ଏକ ଉନ୍ନତ ମଞ୍ଚ ପ୍ରଦାନ କରିବା ଏବଂ ଦର୍ଶକମାନଙ୍କୁ ମନୋରଞ୍ଜନପୂର୍ଣ୍ଣ କ୍ରିକେଟ୍ ଯୋଗାଇଦେବା ପାଇଁ ପ୍ରତିବଦ୍ଧ। ପ୍ରତ୍ୟେକ ଦଳ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବେ ବୋଲି ସେ ଆଶା ବ୍ୟକ୍ତ କରିବା ସହ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଏବଂ ପ୍ରଶଂସକମାନେ ଉତ୍ସାହର ସହ ଏହି ଲିଗ୍‌କୁ ସମର୍ଥନ କରିବେ ବୋଲି ନିବେଦନ କରିଛନ୍ତି। ଏହି ସିଜନରେ ଅଭିଜ୍ଞ ଘରୋଇ ଖେଳାଳି ଏବଂ ପ୍ରତିଭାବାନ ଯୁବ ଖେଳାଳି ଉଭୟ ଏକାଠି ଖେଳିବେ। ଏହାଦ୍ୱାରା ଓଡ଼ିଶାର କ୍ରିକେଟ୍ ଭିତ୍ତିଭୂମି ଓ ବ୍ୟବସ୍ଥା ଅଧିକ ମଜବୁତ ହେବା ସହ ଖେଳାଳିମାନଙ୍କ ପାଇଁ ଆଗକୁ ବଢ଼ିବାର ନୂଆ ରାସ୍ତା ଖୋଲିଯିବ। ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ କେବଳ ରୋମାଞ୍ଚକର ମ୍ୟାଚ୍‌ର ପ୍ରତିଶ୍ରୁତି ଦେଉନାହିଁ, ବରଂ ରାଜ୍ୟ କ୍ରିକେଟ୍‌କୁ ଏକ ନୂଆ ଦିଗ ଓ ଶକ୍ତି ମଧ୍ୟ ପ୍ରଦାନ କରିବ। କ୍ରିକେଟ୍ ପ୍ରେମୀମାନେ ସେପ୍ଟେମ୍ବର ୧୮ ତାରିଖରୁ ଆରମ୍ଭ ହେବାକୁ ଥିବା ଏହି ଆୟୋଜନକୁ ଚାତକ ଭଳି ଅପେକ୍ଷା କରିଛନ୍ତି।

# ଖେଳାଳିଙ୍କ ଆହତ ସମସ୍ୟାକୁ ନେଇ ବଡ଼ ବୟାନ ଦେଲେ ଭିଭିଏସ୍ ଲକ୍ଷ୍ମଣ

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ୍ ଖେଳାଳିମାନଙ୍କର କ୍ରମାଗତ ଆହତ ସମସ୍ୟା ମଧ୍ୟରେ ବିସିସିଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସ (ସିଓଇ)ର ମୁଖ୍ୟ ଭିଭିଏସ୍ ଲକ୍ଷ୍ମଣ ଏକ ବଡ଼ ବୟାନ ଦେଇଛନ୍ତି। ଲକ୍ଷ୍ମଣ ସ୍ପଷ୍ଟ କରିଛନ୍ତି ଯେ ବେଙ୍ଗାଲୁରୁସ୍ଥିତ ସିଓଇର ଭୂମିକା କେବଳ ଆହତ ଖେଳାଳିମାନଙ୍କୁ ଫିଟ୍ କରିବା ମଧ୍ୟରେ ସୀମିତ ନୁହେଁ, ବରଂ ଖେଳାଳିମାନଙ୍କ ଫିଟନେସ୍ ଏବଂ ଆହତ ସମସ୍ୟାର ପ୍ରତିରୋଧ ପାଇଁ ଏକ ଉନ୍ନତ ମନିଟରିଂ ସିଷ୍ଟମ ପ୍ରସ୍ତୁତ କରିବା ମଧ୍ୟ ଏହାର ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଅଟେ। କୋଚିଂ ଷ୍ଟାଫ୍, ଚୟନ କମିଟି ଏବଂ ସିଓଇ ମଧ୍ୟରେ ସମନ୍ୱୟର ଅଭାବକୁ ନେଇ ପ୍ରଶ୍ନ ଉଠୁଥିବା ବେଳେ ବିସିସିଆଇ ସମ୍ପାଦକ ଦେବାଜିତ ସାଇକିଆ କେନ୍ଦ୍ର ପରିଦର୍ଶନ କରିଛନ୍ତି ଏବଂ ହେଡ୍ ଅଫ୍ କ୍ରିକେଟ୍ ଭି.ଭି.ଏସ. ଲକ୍ଷ୍ମଣଙ୍କ ସହ ଖେଳାଳିମାନଙ୍କ ରିହାବିଲିଟେସନ ପରିଚାଳନାର ସମୀକ୍ଷା କରିଛନ୍ତି। ଏହି ବୈଠକ ପରେ ପୂର୍ବତନ ଭାରତୀୟ କ୍ରିକେଟ ଜିଗ୍ଗଜ ଭି.ଭି.ଏସ. ଲକ୍ଷ୍ମଣ ଏକ ସାମ୍ବାଦିକ ସମ୍ମିଳନୀ କରି କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସ୍ଥିତି ସ୍ପଷ୍ଟ କରିଛନ୍ତି। ଲକ୍ଷ୍ମଣ ସ୍ପଷ୍ଟ କରିଛନ୍ତି ଯେ ସିଓଇର କାମ କେବଳ ଆହତ ଖେଳାଳିମାନଙ୍କ ଚିକିତ୍ସା କରିବା ନୁହେଁ, ବରଂ ଭାରତୀୟ କ୍ରିକେଟର ପାଇପଲାଇନ (ଭବିଷ୍ୟତର ଖେଳାଳି ପ୍ରସ୍ତୁତ କରିବା ପ୍ରକ୍ରିୟା)କୁ ମଧ୍ୟ ମଜବୁତ କରି ରଖିବା। ସେ କହିଛନ୍ତି ଯେ 'ସିଓଇ କେବଳ ଏକ ରିହାବ୍ ସେଣ୍ଟର ନୁହେଁ। ଖେଳାଳିମାନଙ୍କୁ ଉତ୍କର୍ଷତା ହାସଲ କରିବାରେ ସାହାଯ୍ୟ କରିବା ପାଇଁ ଏହାର ବଡ଼ ଭୂମିକା ରହିଛି। ଆଘାତ ପାଇବା ଯେକୌଣସି ଖେଳାଳିଙ୍କ କ୍ୟାରିୟରର ଏକ ଅଂଶ, ତେଣୁ ଏକ ସଠିକ୍ ମନିଟରିଂ ସିଷ୍ଟମ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।'

ଲକ୍ଷ୍ମଣ ଟିମ୍ ମ୍ୟାନେଜମେଣ୍ଟ ଏବଂ ସିଓଇ ମଧ୍ୟରେ କୌଣସି ପ୍ରକାରର ମତଭେଦ ଥିବା ଖବରକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ସେ କହିଛନ୍ତି ଯେ ଉଭୟ, ପୁରୁଷ ଓ ମହିଳା ଟିମ୍ ମ୍ୟାନେଜମେଣ୍ଟ, ସ୍ପୋର୍ଟସ ସାଇନ୍ସ ଟିମ୍ ଏବଂ ଚୟନ କମିଟି ମଧ୍ୟରେ ବହୁତ ଚମତ୍କାର ସମନ୍ୱୟ ରହିଛି। ସେ ସ୍ପଷ୍ଟ କରିଛନ୍ତି ଯେ କେହି କାହାକୁ 'ବଳିର ବୋଦା' କରିବାକୁ ଚେଷ୍ଟା କରୁନାହାନ୍ତି, ବରଂ ସମସ୍ୟାର ମୂଳ କାରଣ ଖୋଜିବା ଦିଗରେ କାମ କରାଯାଉଛି।'

# ବିଶ୍ୱ ୨୦ ବର୍ଷରୁ କମ୍ ଦୌଡ଼କୁଦ

## ବସନ୍ତଙ୍କୁ ଐତିହାସିକ ହାଇଜମ୍ପ ରୌପ୍ୟ, ଲଙ୍ଗ୍‌ଜମ୍ପ୍‌ରେ ଶାହନୱାଜଙ୍କୁ କାଂସ୍ୟ

**ଓରେଗନ୍ (ଆମେରିକା)**

ଚଳିତ ବିଶ୍ୱ ୨୦ ବର୍ଷରୁ କମ୍ ଦୌଡ଼କୁଦ ହାଇଜମ୍ପ୍‌ରେ ଭାରତୀୟ ଖେଳାଳି ବସନ୍ତ କୁମାର ମେଘୱାଲଙ୍କୁ ଐତିହାସିକ ରୌପ୍ୟ ପଦକ ମିଳିଛି। ଫଳରେ ବସନ୍ତ ପ୍ରଥମ ଭାରତୀୟ ଭାବେ ବିଶ୍ୱ ୨୦ ବର୍ଷରୁ କମ୍ ଦୌଡ଼କୁଦ ପ୍ରତିଯୋଗିତାର ହାଇଜମ୍ପ୍‌ରେ ପ୍ରଥମ ପଦକ ଜିତିବାରେ ଗୌରବ ଅର୍ଜନ କରିଛନ୍ତି। ୧୯ ବର୍ଷୀୟ ବସନ୍ତ ବ୍ୟକ୍ତିଗତ ଶ୍ରେଷ୍ଠ ଜମ୍ପ୍ ୨.୨୧ ମିଟର ସହ ଦ୍ୱିତୀୟ ସ୍ଥାନରେ ରହିଥିଲା ବେଳେ ଅଲ୍‌ଜେରିଆର ୟୁନେସ ଆୟାଚି ସ୍ୱର୍ଣ୍ଣ ଓ ଗ୍ରେଟ୍ ବ୍ରିଟେନ୍‌ର ଓଟିସ୍ ପୁଲେ କାଂସ୍ୟ ଜିତିଥିଲେ। ବସନ୍ତ ପୂର୍ବତନ ଭାରତର ମହିଳା ହାଇଜମ୍ପ୍ ରେକର୍ଡଧାରୀ ସାହାନା କୁମାରୀଙ୍କଠୁ ପ୍ରଶିକ୍ଷଣ ନେଉଛନ୍ତି। ତାଙ୍କ ପ୍ରଶିକ୍ଷଣରେ ବସନ୍ତ ପୂର୍ବ ବ୍ୟକ୍ତିଗତ ଶ୍ରେଷ୍ଠ ଜମ୍ପ୍‌ଠୁ ୧୦ ସେଣ୍ଟିମିଟର ଅଧିକ ଜମ୍ପ୍ କରିବାରେ ସଫଳ ହୋଇଛନ୍ତି।

ଲଙ୍ଗ୍‌ଜମ୍ପ୍‌ରେ ଶାହନୱାଜ ଖାନ୍ କାଂସ୍ୟ ଯୋଡ଼ି ଦେଶ ପାଇଁ ଆଉ ଏକ ସ୍ମରଣୀୟ ମୁହୂର୍ତ୍ତ ଆଣିଛନ୍ତି। ଫଳରେ ଚଳିତ ପ୍ରତିଯୋଗିତାରେ ଭାରତର ପଦକ ସଂଖ୍ୟା ୩ (୨ ରୌପ୍ୟ, ୧ କାଂସ୍ୟ)ରେ ପହଞ୍ଚିଛି। ପୂର୍ବରୁ ଜାଭ୍‌ଲିନ୍‌ରେ ଆଶିଷ ଯାଦବ ରୌପ୍ୟ ପଦକ ଜିତିଥିଲେ। ଲଙ୍ଗ୍‌ଜମ୍ପ୍ ଫାଇନାଲ୍‌ରେ ୧୮ ବର୍ଷୀୟ ଶାହନୱାଜ ୭.୮୪ ମିଟର ଡେଇଁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଫାଇନାଲ୍‌ରେ ପହଞ୍ଚିଥିବା ଆଉ ଜଣେ ଭାରତୀୟ ଆରସି ଜିତିନ ଅର୍ଜୁନାନ୍ (୭.୫୯ ମିଟର) ଅଷ୍ଟମ ସ୍ଥାନରେ ରହିଥିଲେ। ଇଟାଲିର ଡାନିଏଲ ଏଞ୍ଜୋଲି (୭.୯୭ ମିଟର) ଓ ଅଷ୍ଟ୍ରେଲିଆର ମାସୁନ ମ୍ୟାକ୍‌ଗ୍ରଡର (୭.୯୬ ମିଟର) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ଜିତିଥିଲେ।

# ଥୋରିଆପଡ଼ା ପୂର୍ତ୍ତ ବିଭାଗ ରାସ୍ତା ପାଲଟିଛି ମରଣଯନ୍ତା



**କଟକ, ନ୍ୟୁଜ୍ ବ୍ୟୁରୋ**

ରାସ୍ତା ପାଲଟିଛି ମରଣଯନ୍ତା। ଏ ହେଉଛି କଟକ ସଦର ଅନ୍ତର୍ଗତ ଜଗତସିଂହପୁର ପୂର୍ତ୍ତ ବିଭାଜନ ଅଧିନସ୍ଥ ସୋମପୁର ଫୁଲରା ଭାୟା ଥୋରିଆପଡ଼ା ରାସ୍ତା। ଏବେ ମରଣଯନ୍ତା ପାଲଟିଛି। ଯାହା ଫଳରେ ଲୋକମାନେ ପ୍ରତିଦିନ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ରାସ୍ତାସାରା ଖାଲଖମା ସହିତ ବିପଦପୂର୍ଣ୍ଣ ଗର୍ତ୍ତମାନ ସୃଷ୍ଟି ହେବା ଫଳରେ ପ୍ରତ୍ୟହ ରାସ୍ତାରେ ଛୋଟବଡ଼ ଦୁର୍ଘଟଣା ମାନ ଘଟିଚାଲିଛି। ଖାଲି ସେତିକି ନୁହେଁ, ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ସ୍କୁଲ ଓ କଲେଜକୁ ଯାଉଥିବା ଛାତ୍ରଛାତ୍ରୀ ମାନେ ମଧ୍ୟ ଛୋଟ ବଡ଼ ଦୁର୍ଘଟଣାରେ ପଡୁଛନ୍ତି। ଉକ୍ତ ବ୍ୟସ୍ତ ବହୁଳ ରାସ୍ତା ପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ବିଭାଗୀୟ ଅଧିକାରୀମାନଙ୍କ ନିକଟରେ ଜନସାଧାରଣଙ୍କ ପକ୍ଷରୁ ଦାବି କରିଛନ୍ତି। ଅନ୍ୟଥା ଲୋକମାନେ ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ଅଞ୍ଚଳବାସୀ।

# ନିଶାମୁକ୍ତ ଧର୍ମଶାଳା ପାଇଁ ପଦଯାତ୍ରା

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ସ୍ୱାଭିମାନ ମଞ୍ଚର ଆବିର୍ଭାବ ପାଇଁ ସମସ୍ତଙ୍କ ନିଦ ହଜିଗଲାଣି। ଜାରକା ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଭୁରଞ୍ଜନ ସାମଲ (ବାବୁରାମ)ଙ୍କ ଉଦ୍ୟମରେ ଗଠିତ ଏହି ନୂତନ ସ୍ୱାଭିମାନ ମଞ୍ଚ ତା'ର ଦବ୍‌ଦବା ଦେଖାଇଛି। ପ୍ରବଳବର୍ଷା ସତ୍ତ୍ୱେ ଏହି ମଞ୍ଚ ପକ୍ଷରୁ ଧର୍ମଶାଳା ଅଞ୍ଚଳରେ ଯୁବପିଢ଼ିଙ୍କ ମଧ୍ୟରେ ବ୍ୟାପୁଥିବା ନିଶା ପ୍ରସାରକୁ ବନ୍ଦ କରିବା ପାଇଁ ଧର୍ମଶାଳା ବ୍ଲକ୍ ନିକଟରୁ ଏକ ପଦଯାତ୍ରା ବାହାରିଥିଲା। ନିଶା ବିରୁଦ୍ଧରେ ସମସ୍ତେ ଏକାଠି ହେବା ପାଇଁ ମଞ୍ଚର ସଭାପତି ସମସ୍ତ ଜନସାଧାରଣ ଓ ଯୁବ ବର୍ଗଙ୍କୁ ଆହ୍ୱାନ ଦେଇଥିଲେ। ପଦଯାତ୍ରା ଜାରକା ବଜ଼ାର ପରିକ୍ରମାକରି ଶାନ୍ତି ବଜାର ପର୍ଯ୍ୟନ୍ତ ଯାଇଥିଲା। ବର୍ଷାରେ ଭିଜିଭିଜି ଶହଶହ ଯୁବକ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ।

# ଶେଷ ଓଭରରେ ସିରାଜଙ୍କ କ୍ରମାଗତ ୩ ଛକା : ଶ୍ରୀଲଙ୍କାକୁ ୬ ୱିକେଟରେ ହରାଇଲା ଭାରତ

**କଲମ୍ବୋ**

କଲମ୍ବୋର ନନ୍‌ଡିସ୍କ୍ରିପ୍ଟସ୍ କ୍ରିକେଟ୍ କ୍ଲବ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ତିନି ଦିନିଆ ୱାର୍ମ-ଅପ୍ ମ୍ୟାଚ୍‌ରେ ଟିମ୍ ଇଣ୍ଡିଆ, ଶ୍ରୀଲଙ୍କା ଇଲେଭେନ୍ ବିପକ୍ଷରେ ୬ ୱିକେଟ୍‌ରେ ପରାସ୍ତ କରିଛି। ମ୍ୟାଚ୍‌ର ଶେଷ ଭାଗ କୌଣସି ବଲିଉଡ୍ ଥ୍ରିଲର ଫିଲ୍ମଠାରୁ କମ୍ ନଥିଲା। ଭାରତକୁ ଜିତିବା ପାଇଁ ଶେଷ ଓଭରରେ ୧୬ ରନ୍‌ର ଆବଶ୍ୟକତା ରହିଥିଲା।

ମହମ୍ମଦ ସିରାଜ ଶେଷ ଓଭରରେ ଶ୍ରୀଲଙ୍କାର ବୋଲରଙ୍କ ଉପରେ ସାମାନ୍ୟତମ ଦୟା ଦେଖାଇ ନଥିଲେ। ସେ କ୍ରମାଗତ ୩ଟି ଛକା ମାରି ଦଳକୁ ବିଜୟୀ କରାଇଥିଲେ। ଯେହେତୁ ଏହା ଏକ ଅଭ୍ୟାସ ମ୍ୟାଚ୍ ଥିଲା, ତେଣୁ ବିଜୟ ପରେ ମଧ୍ୟ ଶେଷ ଓଭରର ସମସ୍ତ ଛଅଟିଯାକ ବଲ୍ ପକାଯାଇଥିଲା। ତେବେ ପ୍ରଶଂସକ ଏବଂ ଟିମ୍ ମ୍ୟାନେଜମେଣ୍ଟ ପାଇଁ ସବୁଠାରୁ ବଡ଼ ଆଶ୍ୱସ୍ତିର ଖବର ଥିଲା ଅଧିନାୟକ ଶୁବମନ ଗିଲ୍‌ଙ୍କ ମଇଦାନକୁ ପ୍ରତ୍ୟାବର୍ତ୍ତନ।



ଅଙ୍ଗୁଳି ଜନିତ ଆହତ ସମସ୍ୟା କାରଣରୁ ପ୍ରାରମ୍ଭିକ ଦୁଇ ଦିନ ବାହାରେ ରହିବା ପରେ ଗିଲ୍ ଦ୍ୱିତୀୟ ଇନିଂସରେ ଯଶସ୍ୱୀ ଜୈସୱାଲଙ୍କ ସହ ଓପନିଂ କରିବାକୁ ମଇଦାନକୁ ଓହ୍ଲାଇଥିଲେ। ଉଭୟ ପ୍ରଥମ ୱିକେଟ୍ ପାଇଁ ୧୦୦ ରନ୍‌ର ଏକ ମଜବୁତ ପାର୍ଟନରସିପ୍ କରିଥିଲେ। ଯଶସ୍ୱୀ ୪୬ଟି ବଲ୍‌ରେ ୬୧ ରନ୍ ସଂଗ୍ରହ କରି ରିଟାୟାର୍ଡ ହର୍ଟ ହୋଇ ଫେରିଥିଲେ। ଅନ୍ୟପଟେ ଗିଲ୍ ଅର୍ଦ୍ଧଶତକରୁ ବଞ୍ଚିତ ହୋଇ ୪୪ ରନ୍ କରି ଆଉଟ୍ ହୋଇଥିଲେ, କିନ୍ତୁ ତାଙ୍କ ଫିଟନେସ୍‌କୁ ନେଇ ବର୍ତ୍ତମାନ ସମସ୍ତ ଚିନ୍ତା ଦୂର ହୋଇଯାଇଛି।

ଭାରତୀୟ ଦଳ ପାଇଁ ଏହି ୱାର୍ମ-ଅପ୍ ମ୍ୟାଚ୍ ସବୁ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି। ଶ୍ରୀଲଙ୍କା ଇଲେଭେନ୍ ନିଜର ପ୍ରଥମ ଇନିଂସ ୩୬୩/୮ର ଏକ ବିଶାଳ ସ୍କୋରରେ ଘୋଷଣା କରିଥିଲା। ଯେଉଁଥିରେ ନିଶାନ ମଦୁଷ୍କା (୬୬), ରବିନ୍ଦୁ ରସନ୍ତା (୭୧) ଓ ସୋନାଲ ଦିନୁଶା (୫୨) ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ।

ଏହାର ଜବାବରେ ଭାରତ ଦେବଦତ୍ତ ପଡ଼ିକ୍କଲଙ୍କ ଅପରାଜିତ ୧୪୨ ରନ୍‌ର ଚମତ୍କାର ଶତକୀୟ ଇନିଂସ ଏବଂ ରବୀନ୍ଦ୍ର ଜାଡେଜାଙ୍କ ଗୁରୁତ୍ୱପୂର୍ଣ୍ଣ ୬୩ ରନ୍ ସହାୟତାରେ ନିଜର ପ୍ରଥମ ଇନିଂସ ୩୫୭/୬ ରେ ଘୋଷଣା କରିଥିଲା। ଯାହାଫଳରେ ଶ୍ରୀଲଙ୍କାକୁ ପ୍ରଥମ ଇନିଂସ ଆଧାରରେ ୬ ରନ୍‌ର ସାମାନ୍ୟ ଅଗ୍ରଣୀ ମିଳିଥିଲା। ବୋଲିଂରେ ଭାରତ ପକ୍ଷରୁ ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ ଓ ମାନବ ସୁଥାର ୨ଟି ଲେଖାଏଁ ୱିକେଟ୍ ନେବାରେ ସଫଳ ହୋଇଥିଲେ।

ଦ୍ୱିତୀୟ ଇନିଂସରେ ଶ୍ରୀଲଙ୍କା ଇଲେଭେନ୍ ମଦୁଷ୍କାଙ୍କ ୬୩ ରନ୍ ସହାୟତାରେ ୨୦୦/୬ ସ୍କୋର କରି ନିଜର ପାଳି ଘୋଷଣା କରିଥିଲା। ଏହି ଇନିଂସରେ ଭାରତ ପାଇଁ ଗୁରନୁର ବ୍ରାର୍ ଏବଂ ରବୀନ୍ଦ୍ର ଜାଡେଜା ୨ଟି ଲେଖାଏଁ ୱିକେଟ୍ ଅଖତିଆର କରିଥିଲେ। ଏହାପରେ ୪୫ ଓଭରର ସ୍ୱତନ୍ତ୍ର ନିୟମ ଅନୁଯାୟୀ ଭାରତକୁ ଜିତିବା ପାଇଁ ୨୦୭ ରନ୍‌ର ଲକ୍ଷ୍ୟ ମିଳିଥିଲା। ଲକ୍ଷ୍ୟର ପିଛା କରି ଭାରତୀୟ ଦଳ ଅତ୍ୟନ୍ତ ରୋମାଞ୍ଚକର ଶୈଳୀରେ କେବଳ ୪ଟି ୱିକେଟ୍ ହରାଇ ବିଜୟ ହାସଲ କରି ନେଇଥିଲା।

# ଡ.ଚନ୍ଦ୍ରକଳା ନାୟକଙ୍କ ବଦଳି ବାତିଲ ନେଇ ସ୍ୱତନ୍ତ୍ର ନିର୍ଦ୍ଦେଶାନାମା ଜାରି

## ଶିକ୍ଷାନୁଷ୍ଠାନଗୁଡ଼ିକୁ ରାଜନୈତିକ ଚାପରୁ ମୁକ୍ତ ରଖିବା ପାଇଁ ବିଶିଷ୍ଟ ବ୍ୟକ୍ତିଙ୍କ ନିବେଦନ

**ଯାଜପୁର, ନ୍ୟୁଜ୍**

ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆର ମହାପୁରୁଷ ହାଡିଦାସ ମହାବିଦ୍ୟାଳୟର ଅଧ୍ୟାପିକା ଡ. ଚନ୍ଦ୍ରକଳା ନାୟକଙ୍କ ବଦଳି କଟକ ଜିଲ୍ଲାର ନେମାଳ କଲେଜକୁ କରାଯାଇ ଥିଲା। ଛତିଆ କଲେଜର ସବୁଠାରୁ ଅଧିକ ଛାତ୍ରବତ୍ସଳ ଏବଂ ନିଷ୍ଠାପର ଅଧ୍ୟାପିକା ଚନ୍ଦ୍ରକଳାଙ୍କ ବଦଳିକୁ କେହି ଛାତ୍ର ଛାତ୍ରୀ, ଅଭିବାବକମାନେ ସହଜରେ ଗ୍ରହଣକରି ପାରି ନଥିଲେ। କଲେଜର ପ୍ରତ୍ୟେକ କାର୍ଯ୍ୟରେ ତାଙ୍କର ଉଲ୍ଲେଖନୀୟ ଭୂମିକା ଥିଲା। ଆକ୍ରୋଶମୂଳକ ଭାବେ ହୋଇଥିବା ଏଭଳି ବଦଳି ବାତିଲ ପାଇଁ ବହୁ ବିଶିଷ୍ଟ ବ୍ୟକ୍ତି ମୁଖ୍ୟମନ୍ତ୍ରୀ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଛତିଆ କଲେଜରେ ବ୍ୟାପକ ୱାର୍କଲୋଡ ଥିବାବେଳେ କଲେଜର ସବୁଠାରୁ ଭଲ ନିଷ୍ଠାପର ଅଧ୍ୟାପିକାଙ୍କ ବଦଳି ଆଦୌ ବରଦାସ୍ତ ଯୋଗ୍ୟ ନୁହେଁ ବୋଲିମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷାମନ୍ତ୍ରୀଙ୍କୁ ଅବଗତ କରାଯାଇ ଥିଲା। ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ ନମ୍ବର-୦୦୭୧-୨୦୨୬/ ୪୦୫୬୨ ତା୨୪.୦୭.୨୬ରେ ୨୮୬ ଜଣ ଅଧ୍ୟାପକଙ୍କ ସହ ଡ. ଚନ୍ଦ୍ରକଳା ନାୟକଙ୍କ ବଦଳି ହୋଇ ଥିଲା।



ହେଲେ ପରେ ଏହି ଅସନ୍ତୋଷକୁ ଦୃଷ୍ଟିରେ ରଖି ଡ.ଚନ୍ଦ୍ରକଳା ନାୟକଙ୍କ ବଦଳି ବାତିଲ ନେଇ ଉଚ୍ଚ ଶିକ୍ଷା ବିଭାଗର ସ୍ୱତନ୍ତ୍ର ନିର୍ଦ୍ଦେଶ ନମ୍ବର-୪୦୮୦୦ ତା୨୭.୦୭.୨୬ ରେ ସ୍ପଷ୍ଟ କରାଗଲା। ଚନ୍ଦ୍ରକଳାଙ୍କ ଏହି ବଦଳି ନିର୍ଦ୍ଦେଶ ବାତିଲ ପରେ ଛାତ୍ରଛାତ୍ରୀ ଓ ଅଭିବାବକ ମହଲରେ ଆନନ୍ଦ ପ୍ରକାଶ ପାଇବା ସହ ମୁଖ୍ୟମନ୍ତ୍ରୀ ଏବଂ ଉଚ୍ଚଶିକ୍ଷାମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଯାଇଛି। ତେବେ ଅଧ୍ୟାପକ ଏବଂ ଶିକ୍ଷକ ଭଳି ସମ୍ମାନଜନକ କାର୍ଯ୍ୟରେ ଥିବା ବ୍ୟକ୍ତିଙ୍କ ଉପରେ ରାଜନୈତିକ ଚାପ କିମ୍ବା ଆକ୍ରୋଶମୂଳକ କାର୍ଯ୍ୟକୁ ନାପସନ୍ଦ କରାଯାଇଛି। ଶିକ୍ଷାନୁଷ୍ଠାନଗୁଡିକୁ ରାଜନୈତିକ ଚାପରୁ ମୁକ୍ତ ରଖାଯିବାକୁ ସରକାରଙ୍କୁ ବହୁ ବ୍ୟକ୍ତିଙ୍କ ତରଫରୁ ନିବେଦନ କରାଯାଇଛି।

# ୭୨ତମ ରାଜ୍ୟସ୍ତରୀୟ କନିଷ୍ଠ ଦୌଡ଼କୁଦ ପ୍ରତିଯୋଗିତା : କଟକ ଚାମ୍ପିଅନ

**ରାଇରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ରାଇରଙ୍ଗପୁରସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ଗତ ୩ ଦିନ ଧରି ଚାଲିଆସୁଥିବା ୭୨ତମ ରାଜ୍ୟସ୍ତରୀୟ କନିଷ୍ଠ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଏଥିରେ ମୋଟ ୮୦ଟି ପ୍ରତିଯୋଗିତା ହୋଇଥିବା ବେଳେ ଚଳିତ ବର୍ଷ କଟକ ଜିଲ୍ଲାକୁ ଚାମ୍ପିଅନ୍ ଘୋଷିତ ହୋଇଛି।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଇଂ ଗଣେଶ ରାମ ସିଂଖୁଣ୍ଟିଆ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ଚରଣ ହେମ୍ବ୍ରମ, ଲୋକସଭା ସାଂସଦ ନବ ଚରଣ ମାଝୀ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ଅଜିତ କୁମାର, ଅତିରିକ୍ତ ଜିଲ୍ଲାପାଳ, ମୟୂରଭଞ୍ଜ ଦୁଃଖବନ୍ଧୁ ନାୟକ, ରାଇରଙ୍ଗପୁର ଉପଜିଲ୍ଲାପାଳ ଉଗ୍ରସେନ ଓରାମ, ରାଇରଙ୍ଗପୁର ଆରକ୍ଷୀ ଅଧୀକ୍ଷକ ସୁରେଶ ଚନ୍ଦ୍ର ପାତ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଯଦୁନାଥ ଜେନା, ଓଡିଶା ଅଲିମ୍ପିକ ଆସୋସିଏସନର ସଭାପତି ସମୀର କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଅଲମ୍ପିଆଡ଼ ଏବଂ ଅର୍ଜୁନ ପୁରସ୍କାର ପ୍ରାପ୍ତ ଦୂତୀ ଚାନ୍ଦ ଯୋଗ ଦେଇଥିଲେ। ମଧ୍ୟରେ ବିଭିନ୍ନ ବିଭାଗର ଅଧିକାରୀ, ଆଥଲେଟିକ୍ସ ସଂଘର କର୍ମକର୍ତ୍ତା, କ୍ରୀଡ଼ାବିତ୍, ପ୍ରଶିକ୍ଷକ, ଅଭିଭାବକ ଓ ବହୁ ସଂଖ୍ୟକ କ୍ରୀଡ଼ାପ୍ରେମୀ ଉପସ୍ଥିତ ଥିଲେ।



ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା କନିଷ୍ଠ ବର୍ଗର ୬୦୨ ଜଣ କ୍ରୀଡ଼ାବିତ୍ ବିଭିନ୍ନ ଦୌଡ଼, ଲମ୍ଫ ଓ ନିକ୍ଷେପ ଇଭେଣ୍ଟରେ ଅଂଶଗ୍ରହଣ କରି ନିଜର କ୍ରୀଡ଼ା ପ୍ରତିଭା ପ୍ରଦର୍ଶନ କରିଥିଲେ। ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ କରି ରେକର୍ଡ ସୃଷ୍ଟି କରିଥିବା କ୍ରୀଡ଼ାବିତ୍‌ମାନଙ୍କୁ ଉଦଯାପନୀ ଉତ୍ସବରେ ପଦକ, ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ସେମାନଙ୍କ ମଧ୍ୟରେ ବାଳକ-୧୮ରେ ଜ୍ୟାଭଲିନରେ ବାଲେଶ୍ୱରର ସତ୍ୟରଞ୍ଜନ ନାୟକ, ବାଳକ-୨୦ ଜ୍ୟାଭଲିନରେ କଟକର ଶୁଭମ ଦାସ, ବାଳିକା -୧୬ ଲଙ୍ଗଜମ୍ପରେ ଯାଜପୁରର ସମୀକ୍ଷା ସ୍ମରଣିକା, ବାଳିକା -୧୮ ଜ୍ୟାଭଲିନରେ ଯାଜପୁରର ଆଲୋକିକା ସ୍ୱାଇଁ ଅଜୟ ସ୍ୱାଇଁ, ବାଳକ-୨୦ ଲମ୍ବ ଡିଆଁରେ ସୁନ୍ଦରଗଡ଼ର ମହେନ୍ଦ୍ର ହାଁସଦା, ବାଳକ-୧୪ ଟ୍ରାଇଥଲନ-ଏରେ ନବରଙ୍ଗପୁରର ପ୍ରତାପ ମାଝୀ, ବାଳିକା-୧୪ ଟ୍ରାଇଥାଲନ-ବି'ରେ ରାଉରକେଲା ଷ୍ଟିଲପ୍ଲାଣ୍ଟର ବୈଭବି ଏସ, ବାଳକ -୧୪ ଟ୍ରାଇଥଲନ ବି'ରେ କେନ୍ଦୁଝରର ଶ୍ରୀଲାଲ ସିଙ୍କୁ, ବାଳିକା-୧୮, ୩୦୦୦ ମିଟର ୱାକରେ ଝାରସୁଗୁଡାର ଚଞ୍ଚଳ କୁମାରୀ, ବାଳିକା-୧୮, ୧୦୦୦ ମିଟର ଦୌଡ଼ରେ ଭଦ୍ରକର ଶୁନ୍ୟସକ୍ତା ବାରିକ, ବାଳିକା-୧୮, ୧୦୦ ମିଟର ହାର୍ଡଲସ ରେ ଯାଜପୁରର ଦିପ୍ତୀମୟୀ ଦାସ, ବାଳକ-୧୬, ୬୦ ମିଟର ଦୌଡ଼ରେ କେନ୍ଦ୍ରାପଡ଼ାର ଶ୍ରେୟାଶ ମହାନ୍ତି, ବାଳିକା-୧୬, ୬୦ମିଟର ଦୌଡ଼ରେ ଯାଜପୁରର ସମୀକ୍ଷା ସ୍ମରଣିକା, ବାଳକ-୨୦ ସଟପୁଟ ରେ କଟକର ଓଁକାର ପ୍ରସାଦ ନନ୍ଦ ବାଳକ-୧୮ ହେପଥଲାନରେ ମୟୁରଭଞ୍ଜର ବନମାଳୀ ସିଂ, ବାଳକ-୧୮ ଉଚ୍ଚ ଡିଆଁରେ ଜଗତସିଂହପୁରର ସ୍ୱାଧୀନ ବେହେରା ଏବଂ ଗ୍ରୁପ ଚମ୍ପିୟାନ ଭାବେ ଯାଜପୁରର ବାଳିକା ଓ ବାଳକ-୧୪,ବାଳିକା-୧୬, କେନ୍ଦୁଝରର ବାଳକ-୧୬, ଯାଜପୁରର ବାଳିକା-୧୮, କୋରାପୁଟର ବାଳକ-୧୮, କିଟସର ବାଳିକା-୨୦, କଟକର ବାଳକ-୨୦ ଓ ସାମଗ୍ରୀକ ଭାବେ କଟକ ଚମ୍ପିୟାନ ହୋଇଥିବା ବେଳେ ଯାଜପୁର ରନର୍ସଅପ ହୋଇଛି।

ବିଜୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ପୁରସ୍କାର ବିତରଣ ଉତ୍ସବ ପରେ ବିଭିନ୍ନ ଜିଲ୍ଲାରୁ ଆସିଥିବା କ୍ରୀଡ଼ାବିତ୍ ମାନଙ୍କ ସହିତ ଅଲମ୍ପିଆଡ଼ ଦୂତି ଚାନ୍ଦ ଆଦିବାସୀ ଓ ଝୁମର ଗୀତରେ ନାଚିଥିଲେ।



# ଗଙ୍ଗାଧରଙ୍କ କାଳଜୟୀ ସୃଷ୍ଟିରାଜି ଆମ ଓଡ଼ିଆ ଅସ୍ମିତା ଓ ଜାତୀୟ ଚେତନାର ପ୍ରତୀକ : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଅବସରରେ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରିଛନ୍ତି । ଓଡ଼ିଶା ବିଧାନସଭା ପାର୍ଶ୍ୱରେ ଥିବା ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ସ୍ୱଭାବ କବିଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, 'ଓଡ଼ିଆ ସାହିତ୍ୟ ଜଗତର ଅମର ସାଧକ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପବିତ୍ର ଜୟନ୍ତୀ ଅବସରରେ ତାଙ୍କ ପ୍ରତି ମୁଁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଦ୍ୱାରା ରଚିତ 'ତପସ୍ୱିନୀ', 'ଇନ୍ଦୁମତୀ' ଆଦି କବିତା ଓଡ଼ିଆ ସାହିତ୍ୟ ଜଗତକୁ ଋଦ୍ଧିମନ୍ତ କରିଛନ୍ତି । ଗଙ୍ଗାଧରଙ୍କ କାଳଜୟୀ ସୃଷ୍ଟିରାଜି ଆମ ଓଡ଼ିଆ ଅସ୍ମିତା ଓ ଜାତୀୟ ଚେତନାର ପ୍ରତୀକ। ତାଙ୍କର ପ୍ରକୃତିପ୍ରେମୀ ଓ ମାନବବାଦୀ ସାହିତ୍ୟ ଆଜି ବି ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟକୁ ସ୍ପର୍ଶ କରେ। ସ୍ୱଭାବ କବିଙ୍କ ସାହିତ୍ୟ କୃତି ଭବିଷ୍ୟତ ପିଢ଼ି ଓ ଯୁବ ବର୍ଗଙ୍କ ପାଇଁ ମାର୍ଗଦର୍ଶକ', ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଆଜି ସ୍ୱଭାବ କବିଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସମେତ ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଏକାମ୍ର ବିଧାୟକ ବାବୁ ସିଂ, ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ଓଡ଼ିଶା ବିଧାନସଭାର ସଚିବ ସତ୍ୟବ୍ରତ ରାଉତ, ସଂସ୍କୃତି ବିଭାଗର ଶାସନ ସଚିବ ଡ଼. ବିଜୟ କେତନ ଉପାଧ୍ୟାୟ, ଉପ ନିର୍ଦ୍ଦେଶକ ଦେବଯାନୀ ଭୂୟାଁ, ବୁଦ୍ଧିଜୀବୀ, ସମାଜସେବୀ ପ୍ରମୁଖ ଉପସ୍ଥିତ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସ୍ମୃତିଚାରଣ କରିଛନ୍ତି।

# ଶିମିଳିପାଳ ଜାତୀୟ ଉଦ୍ୟାନରେ କଳା ବାଘୁଣୀର ମୃତଦେହ ଉଦ୍ଧାର



**ବାରିପଦା, ନ୍ୟୁଜ ବ୍ୟୁରୋ**
ଶିମିଳିପାଳ ଜାତୀୟ ଉଦ୍ୟାନରେ ଏକ କଳା ବାଘୁଣୀର ମୃତ୍ୟୁ ଘଟିଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ବନଖଣ୍ଡ ଅଧୀନ ଉପରବାରାହାକାମୁଡା (ୟୁବିକେ) ରେଞ୍ଜ ଅନ୍ତର୍ଗତ ଜଟିଆଣି କ୍ୟାମ୍ପର ଦେଓ ନଦୀ ନିକଟରେ (କୋର କ୍ଷେତ୍ର) ପ୍ରାୟ ୫ ବର୍ଷ ବୟସର ଏକ କଳା ବାଘୁଣୀର ମୃତଦେହ ମିଳିଛି । ୬ ତାରିଖ ସନ୍ଧ୍ୟା ପ୍ରାୟ ୫ଟା ସମୟରେ ଜଟିଆନୀ କ୍ୟାମ୍ପର ପାଟ୍ରୋଲିଂ କର୍ମଚାରୀଙ୍କ ଦ୍ୱାରା ଏହି ମୃତଦେହ ଚିହ୍ନଟ ହୋଇଥିଲା। ଘଟଣାସ୍ଥଳକୁ ତୁରନ୍ତ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗେନାନୀ ପରିଦର୍ଶନ କରି ତଦନ୍ତ ଆରମ୍ଭ କରିଥିଲେ। ନ୍ୟାସନାଲ ଟାଇଗର କଞ୍ଜରଭେସନ ଅଥରିଟି (ଏନଟିସିଏ)ର ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜର (ଏସଓପି) ଅନୁଯାୟୀ ମୃତଦେହର ପୋଷ୍ଟମର୍ଟମ ପରୀକ୍ଷା କରାଯାଇଥିଲା। ଡ ଗୋଗିନେନୀଙ୍କ ସହ ଡା ଅଭିଲାଷ ଆଚାର୍ଯ୍ୟ, ଏସଟିଆର ଭେଟେରିନାରୀ ଆସିଷ୍ଟାଣ୍ଟ ସର୍ଜନ (ଭିଏଏସ), ଡା ଜୋଏଲ, ଆସିଷ୍ଟାଣ୍ଟ ଭେଟେରିନାରୀ ସର୍ଜନ (ଏଭିଏସ), ମୋବାଇଲ ଭେଟେରିନାରୀ ୟୁନିଟ-ଶିମିଳିପାଳ ବାୟୋସ୍ଫିୟର ରିଜର୍ଭ (ଏମଭିୟୁ-ଏସବିଆର), ୱାଇଲ୍ଡଲାଇଫ ଟ୍ରଷ୍ଟ ଅଫ ଇଣ୍ଡିଆ (ଡ୍ବିଟିଆଇ), ଡା ପ୍ରୀତିପ୍ରସନ୍ନା ସାହୁ, ଭେଟେରିନାରୀ ଆସିଷ୍ଟାଣ୍ଟ ସର୍ଜନ (ଭିଏଏସ), ଠାକୁରମୁଣ୍ଡା, ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ବିଭାଗ ଓ ସୁଭାନୀ ରଥ, ଆସିଷ୍ଟାଣ୍ଟ ପ୍ରଫେସର, ୱାଇଲ୍ଡଲାଇଫ ଆଣ୍ଡ ବାୟୋଡାଇଭରସିଟି କଞ୍ଜରଭେସନ ବିଭାଗ, ମହାରାଷ୍ଟ୍ର (ଏନଟିସିଏ ମନୋନୀତ ପ୍ରତିନିଧି) ଘଟଣାସ୍ଥଳକୁ ତୁରନ୍ତ ସୁରକ୍ଷିତ କରାଯାଇ ଏନଟିସିଏ ଏସଓପି ଅନୁଯାୟୀ ସମସ୍ତ ଆବଶ୍ୟକୀୟ ଜୈବିକ ନମୁନା ସଂଗ୍ରହ କରାଯାଇଛି। ପ୍ରାଥମିକ ପର୍ଯ୍ୟବେକ୍ଷଣରେ ମୃତଦେହଟି ତାଜା ଥିଲା ଏବଂ କୌଣସି ଆଘାତ ଚିହ୍ନ କିମ୍ବା ସ୍ପଷ୍ଟ କାରଣ ଦେଖାଯାଇ ନଥିଲା। ସଂଗୃହୀତ ନମୁନାଗୁଡ଼ିକୁ ବିସ୍ତୃତ ଲ୍ୟାବୋରେଟରୀ ପରୀକ୍ଷା ପାଇଁ ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ସେଣ୍ଟର ଫର ୱାଇଲ୍ଡଲାଇଫ ହେଲ୍ଥ (ସିଡବ୍ଲୁଏଚ)କୁ ପଠାଯାଇଛି। ଲ୍ୟାବ ରିପୋର୍ଟ ଆସିବା ପରେ ମୃତ୍ୟୁର ସଠିକ୍ କାରଣ ନିର୍ଣ୍ଣୟ ହେବ। ପୋଷ୍ଟମର୍ଟମ ପରୀକ୍ଷା ଶେଷ ହେବା ପରେ ଫିଲ୍ଡ ଡାଇରେକ୍ଟର ଓ କର୍ମଚାରୀଙ୍କ ଉପସ୍ଥିତିରେ ମୃତଦେହକୁ ଦହନ କରି ନଷ୍ଟ କରାଯାଇଛି। ପୋଷ୍ଟମର୍ଟମରୁ ଆରମ୍ଭ କରି ମୃତଦେହକୁ ଭସ୍ମ କରିବା ପର୍ଯ୍ୟନ୍ତ ସମଗ୍ର ପ୍ରକ୍ରିୟା ନିର୍ଦ୍ଧାରିତ ପ୍ରୋଟୋକଲ ଅନୁଯାୟୀ ଭିଡିଓଗ୍ରାଫି ଓ ଫଟୋଗ୍ରାଫି କରାଯାଇଥିବା ସୂଚନା।

## ଟିପିସିଓଡିଏଲ୍ ପକ୍ଷରୁ ଭେଣ୍ଡର ସମ୍ମିଳନୀ ଆୟୋଜିତ

# ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜିଳି ଯୋଜନାର କାର୍ଯ୍ୟକାରିତାକୁ ସୁଦୃଢ଼ କରିବ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ନିଜର ସେବାଯୋଗାଣ ଅଞ୍ଚଳଗୁଡ଼ିକରେ ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜିଳି ଯୋଜନାର କାର୍ଯ୍ୟକାରିତାକୁ ସୁଦୃଢ଼ କରିବା ଏବଂ ରୁଫଟପ୍ ସୋଲାର ଆପଣାଇବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଆରଇସିର ତତ୍ତ୍ୱାବଧାନରେ ନିଜର ଅକ୍ଷୟ ଶକ୍ତି ସେଲ୍ ମାଧ୍ୟମରେ ଭୁବନେଶ୍ୱରସ୍ଥିତ ଟିପିସିଓଡିଏଲ୍ ମ୍ୟାନେଜମେଣ୍ଟ ଡେଭେଲପମେଣ୍ଟ ସେଣ୍ଟରରେ ଏକ ଭେଣ୍ଡର ସମ୍ମିଳନୀର ଆୟୋଜନ କରିଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାୟ ୩୦୦ ଜଣ ତାଲିକାଭୁକ୍ତ ଭେଣ୍ଡର ଯୋଗ ଦେଇଥିଲେ, ଯେଉଁଥିରେ ଭର୍ଚୁଆଲ୍ ମାଧ୍ୟମରେ ଯୋଡ଼ି ହୋଇଥିବା ୧୯୦ ଜଣ ପ୍ରତିନିଧି ଅନ୍ତର୍ଭୁକ୍ତ ଥିଲେ। ରୁଫଟପ୍ ସୋଲାର ସିଷ୍ଟମର ସହଜ ଏବଂ ବ୍ୟାପକ ସ୍ତରରେ ପ୍ରସାର ପାଇଁ ଦେଖାଯାଉଥିବା ଆହ୍ୱାନଗୁଡ଼ିକର ସମାଧାନ କରିବା, ସଂସ୍ଥାପନ ପ୍ରକ୍ରିୟାକୁ ସହଜ କରିବା, ଗୁଣବତ୍ତା ମାନ ବଜାୟ ରଖିବା ଏବଂ ସମୟସୀମା ମଧ୍ୟରେ କାର୍ଯ୍ୟ ଶେଷ କରିବା ଉପରେ ଏହି ଆଲୋଚନାଗୁଡ଼ିକ ପର୍ଯ୍ୟବସିତ ଥିଲା। ଏହି ଅଧିବେଶନ ପରିଚାଳନାଗତ ଆହ୍ୱାନଗୁଡ଼ିକର ବ୍ୟାବହାରିକ ସମାଧାନ, ସମନ୍ୱୟରେ ସୁଧାର ଏବଂ ଉପଭୋକ୍ତା ଅନୁଭୂତିରେ ଉନ୍ନତି ଆଣିବା ପାଇଁ ମିଳିତ ଆଲୋଚନାର ଏକ ମଞ୍ଚ ପ୍ରଦାନ କରିଥିଲା। ବର୍ଷା ଦିନ ଚାଲିଥିବାରୁ, ଶ୍ରମିକ ଏବଂ ଉପଭୋକ୍ତାମାନଙ୍କ ସୁରକ୍ଷା ନିଶ୍ଚିତ କରିବା ପାଇଁ ଟିପିସିଓଡିଏଲ୍ ସୁରକ୍ଷା ନିୟମାବଳୀର କଡ଼ାକଡ଼ି ପାଳନ ଏବଂ ନିରାପଦ ସଂସ୍ଥାପନ ପ୍ରକ୍ରିୟା ଉପରେ ଗୁରୁତ୍ୱାରୋପ କରିଥିଲା। ଭାରତ ସରକାରଙ୍କ ସ୍ୱଚ୍ଛ ଶକ୍ତିର ପ୍ରସାର ଲକ୍ଷ୍ୟକୁ ସଫଳ କରିବା ପାଇଁ କାର୍ଯ୍ୟର ଗୁଣବତ୍ତା, ସୁରକ୍ଷା ଏବଂ ସମୟ ଭିତରେ କାମ ଶେଷ କରିବା ଉପରେ ଟିପିସିଓଡିଏଲ୍‌ର ଅଧିକାରୀମାନେ ବିଶେଷ ଗୁରୁତ୍ୱ ଦେଇଥିଲେ। ଏହାସହ, ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜିଳି ଯୋଜନାରେ ଅଧିକରୁ ଅଧିକ ଉପଭୋକ୍ତାଙ୍କୁ ଯୋଡ଼ିବା ପାଇଁ ଟିପିସିଓଡିଏଲ୍ ପକ୍ଷରୁ ଚାଲିଥିବା ବିଭିନ୍ନ ସଚେତନତା ଓ ଜନସମ୍ପର୍କ କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥିତ ପ୍ରତିନିଧିମାନଙ୍କୁ ସୂଚନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମ ସମୟରେ, ଟିପିସିଓଡିଏଲ୍ ର ଚିଫ୍ କମର୍ସିଆଲ୍ ସର୍ଭିସେସ୍, ଆରଇସିର ଅଧିକାରୀ, ଟିପିସିଓଡିଏଲ୍ ଆରଇ ସେଲ୍ ଏବଂ ଅନ୍ୟାନ୍ୟ ବରିଷ୍ଠ କାର୍ଯ୍ୟନିର୍ବାହୀମାନେ ଭେଣ୍ଡରମାନଙ୍କ ସହ ଆଲୋଚନା କରିଥିଲେ ଏବଂ କ୍ଷେତ୍ର ସ୍ତରୀୟ ସମସ୍ୟାର ସମାଧାନ କରିବା ସହ ରୁଫଟପ୍ ସୋଲାର ପ୍ରକଳ୍ପର କାର୍ଯ୍ୟକାରିତାକୁ ଆହୁରି ସୁଦୃଢ଼ କରିବା ପାଇଁ କାର୍ଯ୍ୟକାରୀ ପଦକ୍ଷେପ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଟିପିସିଓଡିଏଲ୍ ର ସିଇଓ ଗଜାନନ ଏସ. କାଲେ କହିଥିଲେ ଯେ, "ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜିଳି ଯୋଜନା ହେଉଛି ଏକ ପରିବର୍ତ୍ତନକାରୀ ପଦକ୍ଷେପ, ଯାହା ସ୍ୱଚ୍ଛ ଶକ୍ତି ଆପଣାଇବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ଉପଭୋକ୍ତାମାନଙ୍କୁ ଶକ୍ତି ଉତ୍ପାଦକ ହେବା ପାଇଁ ସଶକ୍ତ କରୁଛି। ଆମର ତାଲିକାଭୁକ୍ତ ଭେଣ୍ଡରମାନେ ଏହି ଯାତ୍ରାରେ ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ଅଟନ୍ତି ଏବଂ ଗୁଣବତ୍ତା, ସୁରକ୍ଷା ଓ ସମୟାନୁବର୍ତ୍ତିତାରେ ସେମାନଙ୍କର ମନୋନିବେଶ ଏହି ଯୋଜନାର ଲକ୍ଷ୍ୟ ହାସଲ କରିବାରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବ। ନିରନ୍ତର ଆଲୋଚନା ଓ ମିଳିତ ସହଯୋଗ ମାଧ୍ୟମରେ କ୍ଷେତ୍ର ସ୍ତରୀୟ ସମସ୍ୟାର ସମାଧାନ କରିବା, ଉପଭୋକ୍ତାଙ୍କୁ ସହଜ ରୁଫଟପ୍ ସୋଲାର ସେବା ଯୋଗାଇଦେବା ଏବଂ ସୁଦୃଢ଼ ଓ ଶକ୍ତି-ସୁରକ୍ଷିତ ଭବିଷ୍ୟତ ପାଇଁ ଭାରତ ସରକାରଙ୍କ ଲକ୍ଷ୍ୟକୁ ସମର୍ଥନ କରିବା ପାଇଁ ଟିପିସିଓଡିଏଲ୍ ସବୁବେଳେ ପ୍ରତିବଦ୍ଧ।" ଆପସ ସମନ୍ୱୟକୁ ସୁଦୃଢ଼ କରିବା, କ୍ଷେତ୍ର ସ୍ତରର ସମସ୍ୟାଗୁଡ଼ିକର ସମାଧାନ କରିବା ଏବଂ ସୁରକ୍ଷିତ, ଦକ୍ଷ ଓ ଉଚ୍ଚ ଗୁଣବତ୍ତା ବିଶିଷ୍ଟ ରୁଫଟପ୍ ସୋଲାର ସଂସ୍ଥାପନ ନିଶ୍ଚିତ କରିବାର ମିଳିତ ସଂକଳ୍ପ ସହ ଏହି ଭେଣ୍ଡର ସମ୍ମିଳନୀ ଶେଷ ହୋଇଥିଲା। ଏହାସହ, ଓଡ଼ିଶାର ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ବିକାଶ ଆଣିବା ପାଇଁ ୩ ଲକ୍ଷ ରୁଫଟପ୍ ସୋଲାର ସଂସ୍ଥାପନ ଲକ୍ଷ୍ୟକୁ ଶୀଘ୍ର ପୂରଣ କରିବା ଉପରେ ଟିପିସିଓଡିଏଲ୍ ପୁନର୍ବାର ଗୁରୁତ୍ୱାରୋପ କରିଥିଲା, ଯାହା ଓଡ଼ିଶାର ସ୍ୱଚ୍ଛ ଶକ୍ତି ପରିବର୍ତ୍ତନରେ ଯୋଗଦାନ ଦେବ।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## 'ହର୍ ଘର୍ ତ୍ରିରଙ୍ଗା'...

କର୍ତ୍ତବ୍ୟପଥରେ ଆଗେଇ ଚାଲିବାର ଶିକ୍ଷା ଦିଏ।

ଏହି ପବିତ୍ର ଜାତୀୟ ଉତ୍ସବକୁ ସମ୍ପୂର୍ଣ୍ଣ ପରିବେଶ-ଅନୁକୂଳ କରିବା ପାଇଁ ପ୍ଲାଷ୍ଟିକ୍ ପତାକାକୁ ସମ୍ପୂର୍ଣ୍ଣ ବର୍ଜନ କରି କେବଳ କପଡ଼ା ପତାକା ବ୍ୟବହାର କରିବାକୁ ମୁଖ୍ୟମନ୍ତ୍ରୀ ଦୃଢ଼ ଆହ୍ୱାନ ଦେଇଛନ୍ତି।

ଏହି ଅବସରରେ ଏକ ବର୍ଣ୍ଣାଢ୍ୟ ପଦଯାତ୍ରା ଆୟୋଜିତ ହୋଇଥିଲା। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍କାଉଟ୍ସ ଆଣ୍ଡ ଗାଇଡ୍ସ, ଏନ.ସି.ସି. ଏବଂ ଏନ.ଏସ.ଏସ. ର ସ୍ୱେଚ୍ଛାସେବୀମାନେ ହାତରେ ତ୍ରିରଙ୍ଗା ଧରି ଶୃଙ୍ଖଳିତ ଭାବେ ପଦଯାତ୍ରା କରିଥିଲେ। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସାଂସ୍କୃତିକ ଦଳ ନିଜର ପାରମ୍ପରିକ ଲୋକନୃତ୍ୟ ଓ କଳା ପ୍ରଦର୍ଶନ କରିଥିଲେ। ମୁଖ୍ୟମନ୍ତ୍ରୀ, ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ, ବିଶିଷ୍ଟ କ୍ରୀଡ଼ାବିତ୍ ଏବଂ ହଜାର ହଜାର ଛାତ୍ରଛାତ୍ରୀ 'ବନ୍ଦେ ମାତରମ୍' ଓ 'ଭାରତ ମାତା କି ଜୟ' ନାରା ଦେଇ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

ରାଜ୍ୟର 'ଜେନ୍-ଜି' ଓ ଯୁବସମାଜକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜିର ଡିଜିଟାଲ୍ ଯୁଗରେ ଆମ ଯୁବପିଢ଼ିକୁ ବିପଥଗାମୀ କରିବାକୁ କିଛି ବାହ୍ୟ ଶକ୍ତି, ଅଦୃଶ୍ୟ ଶତ୍ରୁ, ସାମାଜିକ ଗଣମାଧ୍ୟମର ଅପବ୍ୟବହାର ଓ ନିଶାଦ୍ରବ୍ୟ ଭଳି କୁପ୍ରଭାବ ସକ୍ରିୟ ରହିଛନ୍ତି। ସେହି ଅଦୃଶ୍ୟ କୁଚକ୍ରୀ ଶକ୍ତି କେବେହେଲେ ନିଜ ଉଦ୍ଦେଶ୍ୟରେ ସଫଳ ହେବେ ନାହିଁ। ସେମାନଙ୍କ ମାୟାଜାଲରେ ନପଡ଼ି ଦେଶଭକ୍ତିକୁ ପ୍ରଥମ ସ୍ଥାନ ଦେବାକୁ ସେ ପରାମର୍ଶ ଦେଇଥିଲେ । ସେ 'ଯୁବଶକ୍ତିର ଏକ ହିଁ ସ୍ୱର ସୁରକ୍ଷିତ ହେବ ଦେଶ ଆମର !' ନାରା ଦେଇଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକଶିତ ଭାରତ -୨୦୪୭' ସଂକଳ୍ପରେ ଓଡ଼ିଶାର ଭୂମିକା ସବୁଠାରୁ ନିର୍ଣ୍ଣାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ରାଜ୍ୟର ଚାଷୀ, ଶ୍ରମିକ, ଯୁବକ ଓ ସ୍ୱାବଲମ୍ବୀ ମହିଳାଙ୍କ ଅବଦାନ ଯୋଗୁଁ ଓଡ଼ିଶା ଦେଶର ଆର୍ଥିକ ଓ ଶିଳ୍ପ ବିକାଶର ପ୍ରମୁଖ ଇଞ୍ଜିନ୍ ପାଲଟିବ। ସ୍ୱାଧୀନତା ଦିବସ ଅବସରରେ ଦେଶର ସୁରକ୍ଷାରେ ନିୟୋଜିତ ବୀର ସୈନିକ ଓ ପୋଲିସ କର୍ମଚାରୀଙ୍କ ପରିବାରବର୍ଗଙ୍କୁ ଗୌରବର ସହ ସମ୍ମାନିତ କରିବାକୁ ସେ ଜନସାଧାରଣଙ୍କୁ ଆହ୍ୱାନ କରିଥିଲେ।

ଏହି ସମାରୋହରେ ମଧ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରମୁଖ ମଞ୍ଚାସୀନ ଥିଲେ।

ଏହା ବ୍ୟତୀତ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି , ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ବିଜେପି ଓଡ଼ିଶାର ରାଜ୍ୟ ସଂଗଠନ ସାଧାରଣ ସମ୍ପାଦକ ମାନସ ମହାନ୍ତି ଏବଂ ବିଜେପି ଓଡ଼ିଶା ରାଜ୍ୟ ପ୍ରଭାରୀ ବିଜୟପାଲ ସିଂହ ତୋମାର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଶୋଭାମଣ୍ଡିତ କରିଥିଲେ।

ଏହି ସମାରୋହରେ ଓଡ଼ିଶାର ଗୌରବ ତଥା ଆନ୍ତର୍ଜାତୀୟ ସ୍ତରର ଅନ୍ତରଙ୍ଗ କ୍ରୀଡ଼ାବିତ୍ ପ୍ରମୋଦ ଭଗତ, ଅନୁପମା ସ୍ୱାଇଁ, ସୁନୀଲ ପ୍ରଧାନ, ରବି କୁମାର ଏବଂ କମଳା କାନ୍ତ ନାୟକ ପ୍ରମୁଖ ଉପସ୍ଥିତ ରହି ଯୁବସମାଜ ମଧ୍ୟରେ ଦେଶପ୍ରେମ ଓ ଉତ୍ସାହ ଭରିଦେଇଥିଲେ।

## ହୀରାକୁଦରେ...

ଡାଇକ୍ ର ୪ଟି ସ୍ଲୁଇସ୍ ଗେଟ୍ ଖୋଲା ରହିଛି ।

ଜଳଭଣ୍ଡାରର ଜଳଧାରଣ କ୍ଷମତା ୬୩୦ ଫୁଟ୍ ରହିଥିବା ବେଳେ ସନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ଜଳ ପତନ ୬୧୩.୮୯ ଫୁଟ୍ ରହିଛି । ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୨ ଲକ୍ଷ ୧୫ ହଜାର ୧୮୬ କ୍ୟୁସେକ୍ ବନ୍ୟାଜଳ ପ୍ରବେଶ କରୁଥିବା ବେଳେ ୧୨ଟି ସ୍ଲୁଇସ୍ ଗେଟ୍, ସ୍ପିଲୱେ, ପାୱାର ଚ୍ୟାନେଲ, ଶିଳ୍ପ ବ୍ୟବହାର ଓ ବିଭିନ୍ନ କେନାଲ ଦେଇ ମୋଟ୍ ୨ ଲକ୍ଷ ୧୫ ହଜାର ୧୮୬ କ୍ୟୁସେକ୍ ବନ୍ୟାଜଳ ନିଷ୍କାସନ ହେଉଛି।

## ତୀର୍ଥଯାତ୍ରୀବାହୀ...

ଅନୁଯାୟୀ, ଗୁଜରାଟର ଭଦୋଦରାରୁ କିଛି ଭକ୍ତ ଏକ ଇକୋ ଭ୍ୟାନରେ ଉଜ୍ଜୈନର ଭଗବାନ ମହାକାଳଙ୍କୁ ଦର୍ଶନ କରିବାକୁ ଆସିଥିଲେ। ଏଠାରୁ ଫେରୁଥିବା ବେଳେ ରବିବାର ଅପରାହ୍ନ ପ୍ରାୟ ୧ଟା ବେଳେ ପଞ୍ଚକଭାସା ଗ୍ରାମ ନିକଟରେ ଉଜ୍ଜୈନ ୪ ଲେନରେ ଭୁଲ ଦିଗରୁ ଆସୁଥିବା ଏକ ଅନିୟନ୍ତ୍ରିତ ଟ୍ରଲି ଭ୍ୟାନକୁ ସମ୍ମୁଖରୁ ଧକ୍କା ଦେଇଥିଲା। ଧକ୍କା ଏତେ ଭୟଙ୍କର ଥିଲା ଯେ ଭ୍ୟାନର ଚକ ଉଡ଼ିଯାଇଥିଲା। ଦୁର୍ଘଟଣା ସମ୍ପର୍କରେ ଖବର ପାଇବା ପରେ ବଦନାୱାର ଥାନା ପ୍ରଭାରୀ ଅମିତ ସିଂହ କୁଶୱା ଏବଂ ତହସିଲଦାର ସୁରେଶ ନଗର ଘଟଣା ସ୍ଥଳରେ ପହଞ୍ଚିଥିଲେ। ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ଭ୍ୟାନରେ ଫସି ରହିଥିବା ମୃତଦେହଗୁଡ଼ିକୁ ବାହାର କରାଯାଇଥିଲା।

## ଆଇଆଇଆରଏଫ୍ ...

ସ୍ତରରେ ଆହୁରି ଉଚ୍ଚ ସ୍ଥାନକୁ ନେବା ପାଇଁ ଏକ ପ୍ରେରଣା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ଚିକିତ୍ସା ଶିକ୍ଷା, ଗବେଷଣା, ଆଧୁନିକ ଭିତ୍ତିଭୂମି ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ଦିଗରେ ନିରନ୍ତର ପ୍ରୟାସରତ ଏବଂ ଏହି ଧାରା ଆଗକୁ ମଧ୍ୟ ଜାରି ରହିବ ବୋଲି ସେ କହିଛନ୍ତି ।

## ଇରାନ ଉପରେ...

କିମ୍ବା ସାମରିକ ସହାୟତା ଉପରେ ନିର୍ଭର କରିବାକୁ ଚାହୁଁନାହିଁ। ଇରାନ ସହ କୂଟନୈତିକ ଆଲୋଚନାରେ ଆମେରିକା କୌଣସି ସମାଧାନରେ ପହଞ୍ଚିପାରୁ ନଥିବା ବେଳେ ଇସ୍ରାଏଲର ସମ୍ଭାବ୍ୟ ଆକ୍ରମଣ ନେଇ ଚର୍ଚ୍ଚା ବଢ଼ିଛି। ଅନ୍ୟପକ୍ଷରେ, ଆମେରିକାର ଜେନେରାଲ୍ ଡାନ୍ କେନ୍ ଯୁଦ୍ଧରୁ ବାହାରିବା ପାଇଁ ବିକଳ୍ପ ରାସ୍ତା ଖୋଜୁଥିବା ଏବଂ କେବଳ ବାୟୁଶକ୍ତି ବ୍ୟବହାର କରି ଇରାନକୁ ପରାସ୍ତ କରିବା ସମ୍ଭବ ନୁହେଁ ବୋଲି ଆକଳନ କରିଥିବା ଦାବି କରାଯାଇଛି।

## ଏଫଡିଆଇ ମଞ୍ଜୁରୀ ...

ବୃଦ୍ଧି କରିବା ପାଇଁ ପୂର୍ବରୁ ଏକ ସଚିବସ୍ତରୀୟ କମିଟି ମଧ୍ୟ ସୁପାରିସ କରିଥିଲା।

ଉଲ୍ଲେଖଯୋଗ୍ୟ, ୨୦୦୦ ଏପ୍ରିଲରୁ ୨୦୨୬ ମାର୍ଚ୍ଚ ମଧ୍ୟରେ ଭାରତକୁ ୧.୧୬ ଟ୍ରିଲିଅନ ବା ଲକ୍ଷ କୋଟି ଡଲାରରୁ ଅଧିକ ଏଫଡିଆଇ ଆସିଛି। ମରିସସ୍, ସିଙ୍ଗାପୁର, ଯୁକ୍ତରାଷ୍ଟ୍ର ଆମେରିକା, ନେଦରଲ୍ୟାଣ୍ଡ୍ସ, ଜାପାନ, ବ୍ରିଟେନ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ସହିତ ଅନ୍ୟ କେତେକ ଦେଶରୁ ଅଧିକ ନିବେଶ ଆସିଛି।

# ଟାଟା ଷ୍ଟିଲ୍ ଏବଂ ଆଦିବାସୀ ମିଳିତ ମଞ୍ଚ ପକ୍ଷରୁ ଅନ୍ତର୍ଜାତୀୟ ବିଶ୍ୱ ଆଦିବାସୀ ଦିବସ ପାଳିତ




**ଯାଜପୁର, ନ୍ୟୁଜ ବ୍ୟୁରୋ**
ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଏବଂ ଆଦିବାସୀ ମିଳିତ ମଞ୍ଚ, ସୁକିନ୍ଦା, କଳିଙ୍ଗନଗର ର ମିଳିତ ଆନୁକୂଲ୍ୟରେ କଳିଙ୍ଗନଗର ନିକଟସ୍ଥ ଜାମପୋସି ନଡ଼ିଆଭଙ୍ଗା ଫୁଟବଲ୍ ପଡ଼ିଆଠାରେ ଅନ୍ତର୍ଜାତୀୟ ବିଶ୍ୱ ଆଦିବାସୀ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଚଳିତ ବର୍ଷର ବିଷୟବସ୍ତୁ "ଆଦିବାସୀ ଧାତ୍ରୀମାନଙ୍କୁ ସମ୍ମାନ: ଜୀବନ ଓ ସୁସ୍ଥତାର ସୁରକ୍ଷା" ଆଧାରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜନଜାତିଙ୍କ ପରିଚୟ, ସଂସ୍କୃତି, ପାରମ୍ପରିକ ଜ୍ଞାନ ଓ ସାଂସ୍କୃତିକ ଐତିହ୍ୟର ଉତ୍ସବ ପାଳନ ପାଇଁ ପ୍ରାୟ ୧୫୦୦ ଆଦିବାସୀ ସମ୍ପ୍ରଦାୟର ଶ୍ରଦ୍ଧାଳୁ ଓ ଜନସାଧାରଣ ଏକତ୍ରିତ ହୋଇଥିଲେ । ଏହି ସମାରୋହରେ ଭୁବନେଶ୍ୱରର ଅବସରପ୍ରାପ୍ତ ଡିଆଇଜି ସ୍ୟାମ ସୁନ୍ଦର ହାଁସଦା, ଟାଟା ଷ୍ଟିଲ୍ କଳିଙ୍ଗନଗରର ଭାଇସ ପ୍ରେସିଡେଣ୍ଟ, ଅପରେସନ୍ସ, ଉତ୍ତମ ସିଂ, ଯାଜପୁର ବିଶେଷ ଉନ୍ନୟନ ପରିଷଦ (ଏସଡ଼ିସି)ର ଅଧ୍ୟକ୍ଷ ରାଜେନ୍ଦ୍ର କାଲୁଣ୍ଡିଆ, ବିଶେଷ ଉନ୍ନୟନ ପରିଷଦର ଉପାଧ୍ୟକ୍ଷା ଦଶମା ଜାରିକା, ଟାଟାଷ୍ଟିଲ୍ କଳିଙ୍ଗନଗର ୱାର୍କର୍ସ ୟୁନିଅନର ସଭାପତି ରବୀନ୍ଦ୍ର କୁମାର ଜାମୁଦା, ଟାଟାଷ୍ଟିଲ୍ କଳିଙ୍ଗନଗରର କର୍ପୋରେଟ୍ ସର୍ଭିସେସ୍ ଚିଫ୍, ରବି ମାରିକ୍ ଏବଂ ନଡ଼ିଆଭଙ୍ଗା ସରପଞ୍ଚ ରଶ୍ମିତା ସାହୁ ପ୍ରମୁଖ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଅତିଥିମାନେ ଆଦିବାସୀ ସମ୍ପ୍ରଦାୟର ପାରମ୍ପରିକ ଜ୍ଞାନ, ସଂସ୍କୃତି, ଭାଷା ଓ ସ୍ୱାଭିମାନର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିବା ସହ ଆଗାମୀ ପିଢ଼ି ପାଇଁ ନିଜର ସାଂସ୍କୃତିକ ଐତିହ୍ୟକୁ ବଜାୟ ରଖିବାରେ କମ୍ୟୁନିଟିର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ସମାରୋହ ପୂର୍ବରୁ ଆଦିବାସୀ ଅଞ୍ଚଳ ଓ ଶିକ୍ଷାନୁଷ୍ଠାନଗୁଡ଼ିକରେ ଚଳଚ୍ଚିତ୍ର ପ୍ରଦର୍ଶନ, କୁଇଜ୍, ପ୍ରବନ୍ଧ ଲିଖନ ଏବଂ ପୋଷ୍ଟର ତିଆରି ଭଳି ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ବିଭିନ୍ନ ଆଦିବାସୀ ଭାଷା କେନ୍ଦ୍ରର ଛାତ୍ରଛାତ୍ରୀ ଓ ଜନଜାତି ଯୁବକଯୁବତୀମାନେ ଏଥିରେ ସକ୍ରିୟ ଭାବେ ଅଂଶଗ୍ରହଣ କରି ଆଦିବାସୀ ସଂସ୍କୃତି ଓ ଐତିହ୍ୟ ବିଷୟରେ ସଚେତନତା ସୃଷ୍ଟି କରିଥିଲେ । କଳିଙ୍ଗନଗର ଏବଂ ଏହାର ଆଖପାଖ ଆଦିବାସୀ ଗ୍ରାମଗୁଡ଼ିକର ଆଦିବାସୀ ଧାତ୍ରୀମାନଙ୍କୁ ମାତୃତ୍ୱ ଓ ସ୍ଥାନୀୟ ଲୋକଙ୍କ ସ୍ୱାସ୍ଥ୍ୟ ସେବାରେ ସେମାନଙ୍କ ଅମୂଲ୍ୟ ଯୋଗଦାନ ଏବଂ ପାରମ୍ପରିକ ଚିକିତ୍ସା ପଦ୍ଧତିର ସଂରକ୍ଷଣ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହା ସହିତ ପ୍ରତିଯୋଗିତାର ବିଜେତା, ପ୍ରତିଭାବାନ ଆଦିବାସୀ ଯୁବକ, 'ଟ୍ରାଇବାଲ୍ ଲିଡରସିପ୍ ପ୍ରୋଗ୍ରାମ୍'ର ପୁରାତନ ଛାତ୍ରଛାତ୍ରୀ ଏବଂ 'ଓଲ୍ ଚିକି' ଓ 'ୱାରାଙ୍ଗ ଚିଟି' ଭାଷା ଶିକ୍ଷା କେନ୍ଦ୍ରର ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ସମାରୋହରେ ପାରମ୍ପରିକ ସଙ୍ଗୀତ, ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଆଦିବାସୀ ସଂସ୍କୃତିର ମନୋରମ ଝଲକ୍ ଦେଖିବାକୁ ମିଳିଥିଲା । ଏହି ଅବସରରେ ମିର୍ଗିଚାରାର ଆଦିବାସୀ ୟୁଥ୍ କ୍ଲବ୍ ପକ୍ଷରୁ ବାଲ୍ୟବିବାହ ଏବଂ ଅନ୍ଧବିଶ୍ୱାସ ବିରୋଧରେ ଏକ ସାମାଜିକ ନାଟକ ପରିବେଷଣ କରାଯାଇଥିଲା, ଯାହାକୁ ଅତିଥି ଓ ଦର୍ଶକମାନେ ବେଶ୍ ପ୍ରଶଂସା କରିଥିଲେ। ଏଥିସହ ପାରମ୍ପରିକ ଆଦିବାସୀ ଖାଦ୍ୟ, ପୋଷାକ ଏବଂ ବାଦ୍ୟଯନ୍ତ୍ରର ପ୍ରଦର୍ଶନୀ ସହ ସଂସ୍କୃତି ଓ ଭାଷାର ସୁରକ୍ଷା ପାଇଁ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

# ଅଗଷ୍ଟ କ୍ରାନ୍ତି ଦିବସ ଜୟନ୍ତୀ ସ୍ୱାଧୀନତା ସଂଗ୍ରାମୀଙ୍କୁ ନମନ କଲେ ଉପମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତା ଓ ଅନ୍ୟମାନେ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଅଗଷ୍ଟ କ୍ରାନ୍ତି ଦିବସରେ ସ୍ୱାଧୀନତା ସଂଗ୍ରାମୀଙ୍କୁ ନମନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ଓ ବିରୋଧୀ ଦଳ ନେତା ଓ ଅନ୍ୟମାନେ ।
ଏନେଇ ସୋସିଆଲ ମିଡିଆ ଏକ୍ସରେ ଏକ ବାର୍ତ୍ତା ସେୟାର କରି ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ କହିଛନ୍ତି ଯେ, ଅଗଷ୍ଟ କ୍ରାନ୍ତି ଦିବସ ଅବସରରେ ମହାନ ସଂଗ୍ରାମୀମାନଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଉଛି । ଦେଶର ସ୍ୱାଧୀନତା ପାଇଁ ବୀର ସଂଗ୍ରାମୀଙ୍କ ତ୍ୟାଗ, ବଳିଦାନ ଏବଂ ଦେଶପ୍ରେମ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ।
ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା କହିଛନ୍ତି ଯେ, ଅଗଷ୍ଟ କ୍ରାନ୍ତି ଦିବସ ଅବସରରେ ସ୍ୱାଧୀନତା ସଂଗ୍ରାମର ମହାନ ସଂଗ୍ରାମୀମାନଙ୍କୁ କୋଟି କୋଟି ପ୍ରଣାମ ଜଣାଉଛି । ସେମାନଙ୍କ ରାଷ୍ଟ୍ରପ୍ରେମ ଏବଂ ମାତୃଭୂମି ପ୍ରତି ସମର୍ପଣ ଭାବ ଚିରକାଳ ପ୍ରେରଣାଦାୟୀ ।
ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ କହିଛନ୍ତି ଯେ, ଅଗଷ୍ଟ କ୍ରାନ୍ତି ଦିବସ ଅବସରରେ ମହାନ ସଂଗ୍ରାମୀମାନଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି। ଦେଶର ସ୍ୱାଧୀନତା ପାଇଁ ବୀର ସଂଗ୍ରାମୀଙ୍କ ତ୍ୟାଗ, ବଳିଦାନ ଏବଂ ଦେଶପ୍ରେମ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ।
ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି ଯେ, ଅଗଷ୍ଟ କ୍ରାନ୍ତି ଦିବସର ଏହି ଅବସରରେ ଆମ ମହାନ ସ୍ୱାଧୀନତା ସଂଗ୍ରାମୀମାନଙ୍କର ଅଦମ୍ୟ ସାହସ ଓ ସଂଗ୍ରାମୀ ଚେତନା ପ୍ରତି ମୋର ବିନମ୍ର ଶ୍ରଦ୍ଧାଞ୍ଜଳି । ଭାରତ ଛାଡ଼ ଆନ୍ଦୋଳନ ଭାରତର ସ୍ୱାଧୀନତା ଯାତ୍ରାର ଏକ ଐତିହାସିକ ଓ ନିର୍ଣ୍ଣାୟକ ମୁହୂର୍ତ୍ତ ଥିଲା। ଏହି ଦିନ ମହାତ୍ମା ଗାନ୍ଧୀ ଭାରତ ଛାଡ଼ର ଦୃଢ଼ ଆହ୍ୱାନ ଦେଇଥିଲେ, ଯାହା ସମଗ୍ର ଦେଶବାସୀଙ୍କୁ ଏକଜୁଟ କରି ବ୍ରିଟିଶ ଔପନିବେଶିକ ଶାସନର ଅବସାନ ପାଇଁ ସଂଗ୍ରାମକୁ ଆହୁରି ତୀବ୍ର କରିଥିଲା।
କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ କହିଛନ୍ତି ଯେ, ଅଗଷ୍ଟ କ୍ରାନ୍ତି ଦିବସ ଅବସରରେ ଭାରତ ଛାଡ଼ ଆନ୍ଦୋଳନର ବୀର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଶତ ଶତ ନମନ। ଦେଶର ସ୍ୱାଧୀନତା ପାଇଁ ସେମାନଙ୍କର ତ୍ୟାଗ ଓ ବଳିଦାନକୁ ରାଷ୍ଟ୍ର ସର୍ବଦା ସ୍ମରଣ କରିବ।

# ରାଜ୍ୟସ୍ତରୀୟ ଜାତୀୟ ହସ୍ତତନ୍ତ ଦିବସ : ଫ୍ୟାଶନ୍ ଶୋ'ରେ ଝଲସିଲା ଓଡ଼ିଶାର ହସ୍ତତନ୍ତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଭୁବନେଶ୍ୱର ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ପାଳିତ ହେଲା ଦ୍ୱାଦଶ ରାଜ୍ୟସ୍ତରୀୟ ଜାତୀୟ ହସ୍ତତନ୍ତ ଦିବସ। ଏହି ସମାରୋହରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଆକର୍ଷଣୀୟ ଫ୍ୟାଶନ୍ ଶୋ' ଆୟୋଜିତ ହୋଇଥିଲା । ଯେଉଁଥିରେ ଝଲସିଥିଲା ଓଡ଼ିଶାର ହସ୍ତତନ୍ତ । ଏହି ର୍ୟାମ୍ପ ଶୋ'ରେ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାଶନ୍ ଟେକ୍ନୋଲୋଜି' (ନିଫ୍ଟ), ଭୁବନେଶ୍ୱର ଏବଂ ଆଦିତ୍ୟ ବିର୍ଲା ଗ୍ରୁପ୍ ଲିଭା ଦ୍ୱାରା ମୋଟ ୪ଟି ପର୍ଯ୍ୟାୟ ପ୍ରଦର୍ଶିତ ହୋଇଥିଲା । ନିଫ୍ଟ ଦ୍ୱାରା ପ୍ରଥମ ୨ଟି ପର୍ଯ୍ୟାୟରେ ଜିଆଇ ଟ୍ୟାଗ୍ ପ୍ରାପ୍ତ ହସ୍ତତନ୍ତ ବସ୍ତ୍ରକୁ ନେଇ ପ୍ରସ୍ତୁତ ପୋଷାକ ପ୍ରଦର୍ଶିତ ହୋଇଥିଲା । ଏଥିସହିତ ଐତିହାସିକ ଧଳାପଥର ପରଦା ଓ ଫ୍ୟାବ୍ରିକ୍‌ରୁ ପ୍ରସ୍ତୁତ ୧୦ଟି ଆଧୁନିକ ପୋଷାକ ଏବଂ ଟସର ଫ୍ୟାବ୍ରିକ୍‌ରୁ ୧୦ଟି ଆକର୍ଷଣୀୟ ପୋଷାକ ସ୍ଥାନ ପାଇଥିଲା। ଆଦିତ୍ୟ ବିର୍ଲା ଗ୍ରୁପ୍ ଲିଭା ଦ୍ୱାରା ଦୁଇଟି ପର୍ଯ୍ୟାୟରେ ପାରମ୍ପରିକ ଶିଳ୍ପକଳା ଓ ସମସାମୟିକ ଫ୍ୟାଶନ୍‌ର ଅପୂର୍ବ ମିଶ୍ରଣ ଦେଖିବାକୁ ମିଳିଥିଲା। ତୃତୀୟ ପର୍ଯ୍ୟାୟରେ ପ୍ରସିଦ୍ଧ ନୂଆପାଟଣା ହସ୍ତତନ୍ତ କ୍ଲଷ୍ଟରର ୧୨ଟି ସୁନ୍ଦର ଶାଢ଼ି ଏବଂ ଚତୁର୍ଥ ପର୍ଯ୍ୟାୟରେ ବରଗଡ଼ ଡବଲ୍ ଇକତ୍‌ର କଳାତ୍ମକତାକୁ ନେଇ ୧୨ଟି ଆଧୁନିକ ପୋଷାକ (୬ଟି ପୁରୁଷ ଓ ୬ଟି ମହିଳା ପୋଷାକ) ପ୍ରଦର୍ଶିତ ହୋଇଥିଲା । କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀ ଓ ଅଂଶଗ୍ରହଣକାରୀ ସଂସ୍ଥାର ଅଧିକାରୀ ଯୋଗ ଦେଇଥିଲେ ।

# ରାଜ୍ୟସ୍ତରୀୟ କ୍ରାନ୍ତି ଦିବସ ପାଳିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଭୁବନେଶ୍ୱରସ୍ଥିତ ଶହୀଦ ସ୍ମାରକୀ ସ୍ୱାଧୀନତା ସଂଗ୍ରାମୀ ସଦନଠାରେ ରବିବାର ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତି, ଓଡ଼ିଶା ଆନୁକୂଲ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ କ୍ରାନ୍ତି ଦିବସ ପାଳନ ସମାରୋହରେ ଆଇନ ତଥା ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଦେଶମାତୃକା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ମହାନ ସ୍ୱାଧୀନତା ସଂଗ୍ରାମୀମାନଙ୍କ ପ୍ରତି ଗଭୀର ଶ୍ରଦ୍ଧା ଓ କୃତଜ୍ଞତା ଜଣାଇଛନ୍ତି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ସ୍ୱାଧୀନତା ଆମ ପାଇଁ କେବଳ ଏକ ଐତିହାସିକ ଉପଲବ୍ଧି ନୁହେଁ,ଏହା ଅସଂଖ୍ୟ ଦେଶପ୍ରେମୀଙ୍କ ତ୍ୟାଗ, ସଂଘର୍ଷ, ତପସ୍ୟା ଓ ବଳିଦାନର ଅମୂଲ୍ୟ ପରିଣତି। ରାଜ୍ୟର ଗର୍ବ, ଗୌରବ ଓ ଅସ୍ମିତାର ପ୍ରତୀକ ଏହି ମହାନ ସଂଗ୍ରାମୀମାନଙ୍କୁ ଉପଯୁକ୍ତ ସମ୍ମାନ ଦେବା ଆମ ସରକାରଙ୍କ ନୈତିକ ଦାୟିତ୍ୱ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ ନେତୃତ୍ୱରେ ଦେଶର ଅନେକ ମହାପୁରୁଷ ଓ ବରପୁତ୍ରଙ୍କ ଅବଦାନକୁ ଲୋକଲୋଚନକୁ ଆଣିବା ସହ ସେମାନଙ୍କୁ ଯଥୋଚିତ ସମ୍ମାନ ଦେବାର ନିରନ୍ତର ପ୍ରୟାସ ହେଉଛି।ଏହା ଆମ ଐତିହ୍ୟକୁ ସମ୍ମାନ ଦେବା ସହ ଆଗାମୀ ପିଢ଼ିକୁ ଦେଶପ୍ରେମ ଓ ତ୍ୟାଗର ମହତ୍ୱ ବୁଝାଇବାର ଏକ ମହତ୍ୱପୂର୍ଣ୍ଣ ପ୍ରୟାସ।

ଭୁବନେଶ୍ୱର, ୧୦ ଅଗଷ୍ଟ, ସୋମବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27



ଭୁବନେଶ୍ୱର : ହାତିଆଶୁଣୀ ପଡ଼ିଆରେ ରାଜ୍ୟର ବରିଷ୍ଠ ନେତୃବୃନ୍ଦଙ୍କ ଉପସ୍ଥିତିରେ ଆୟୋଜିତ ରାଜ୍ୟସ୍ତରୀୟ 'ହର୍ ଘର୍ ତ୍ରିରଙ୍ଗା' କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭାରମ୍ଭ କରିବା ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ। (ଫଟୋ : ସମ୍ବାଦ କଳିକା)

# ଶ୍ରୀମନ୍ଦିରରେ ଚକ୍ରବୁଲା ଏକାଦଶୀ ନୀତି ସମ୍ପନ୍ନ



ପୁରୀ, ୦୯/୦୮ ନ୍ୟୁଜ ବ୍ୟୁରୋ

ରବିବାର ଶ୍ରୀମନ୍ଦିରରେ ଚକ୍ରବୁଲା ତଥା ଚକ୍ରନାରାୟଣ ଏକାଦଶୀ ନୀତି ଅନୁଷ୍ଠିତ ହୋଇଯାଇଛି। ପ୍ରଭୁ ଚକ୍ରନାରାୟଣ ବିମାନରେ ଅଧିଷ୍ଠିତ ହୋଇ ନଗର ପରିକ୍ରମା କରିଛନ୍ତି। ଚକ୍ରନାରାୟଣ ହେଉଛନ୍ତି ମହାପ୍ରଭୁଙ୍କ ସୁଦର୍ଶନ ଚକ୍ର । ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ସରିବା ପରେ ଏହି ନୀତି ସମ୍ପନ୍ନ ହୋଇଥିଲା । ତେବେ ଏକାଦଶୀ ତିଥି ଥିବାରୁ ବଡ଼ଦେଉଳରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ଆଗ କାଳରେ ଶ୍ରୀକ୍ଷେତ୍ରରେ ମହାମାରୀରେ ପଡ଼ି ଲୋକେ ଡହଳବିକଳ ହେଉଥିଲେ। ସାହି ସାହିରେ ମୃତ୍ୟୁ ତାଣ୍ଡବ ରଚୁଥିଲା ମହାମାରୀ। ଏଭଳି ସ୍ଥିତିରେ ମହାପ୍ରଭୁ ତାଙ୍କ ଆୟୁଧ ଚକ୍ରନାରାୟଣଙ୍କୁ ପଠାଇ ନଗରବାସୀଙ୍କୁ ଅଭୟ ପ୍ରଦାନ କରିଥାନ୍ତି । ଚକ୍ରନାରାୟଣଙ୍କ ବିଜେ ଦ୍ୱାରା ଦୁଷ୍ଟ ଶକ୍ତି ନାଶ ଯାଉଥିବା ବିଶ୍ୱାସ ରହିଛି। ଏହି ଅବସରରେ ଶ୍ରୀକ୍ଷେତ୍ରର ପ୍ରସିଦ୍ଧ ଚାରି ଆଶ୍ରମରେ ଠାକୁରେ ବିଜେ ହୋଇ ସ୍ୱତନ୍ତ୍ର ନୀତି ପାଳିତ ହୋଇଥାଏ । ଏହି ବିଧି କାହିଁ କେଉଁ କାଳରୁ ଶ୍ରୀମନ୍ଦିରରେ ପ୍ରଚଳିତ। ରଥଯାତ୍ରା ପରେ ଠାକୁରଙ୍କ ଏହା ହେଉଛି ପ୍ରଥମ ବାହାର ବିଜେ ।

# କିମ୍ସରେ ତୃତୀୟ ବାର୍ଷିକ ନେଫ୍ରୋଲୋଜି ସମ୍ମିଳନୀ




ଭୁବନେଶ୍ୱର, ୦୯/୦୮ ନ୍ୟୁଜ ବ୍ୟୁରୋ

କିଡ଼ନୀ ଚିକିତ୍ସା କ୍ଷେତ୍ରରେ ନୂଆ ଉପଲବ୍ଧି, ଗବେଷଣା ଓ ଆଧୁନିକ ଚିକିତ୍ସା ପଦ୍ଧତି ନେଇ ଆଲୋଚନା ପାଇଁ ଭୁବନେଶ୍ୱର କିମ୍ସ ନେଫ୍ରୋଲୋଜି ବିଭାଗ ପକ୍ଷରୁ ତୃତୀୟ ବାର୍ଷିକ ନେଫ୍ରୋଲୋଜି ସମ୍ମିଳନୀ କେଏନସି ୩.୦ ଆୟୋଜିତ ହୋଇଯାଇଛି। ଏହି ସମ୍ମିଳନୀରେ ଦେଶର ବିଭିନ୍ନ ପ୍ରମୁଖ ଅନୁଷ୍ଠାନରୁ ବିଶିଷ୍ଟ ବିଶେଷଜ୍ଞ, ଅଧ୍ୟାପକ, ଗବେଷକ ଓ ଛାତ୍ରଛାତ୍ରୀ ଯୋଗଦେଇ କିଡ଼ନୀ ଚିକିତ୍ସା କ୍ଷେତ୍ରର ସାମ୍ପ୍ରତିକ ଅଗ୍ରଗତି ଉପରେ ବିସ୍ତୃତ ଆଲୋଚନା କରିଥିଲେ। 'ଆଡ଼ଭାନସେସ ଇନ ନେଫ୍ରୋଲୋଜି ଆଣ୍ଡ କିଡ଼ନୀ କେୟାର' ଶୀର୍ଷକ ବିଷୟବସ୍ତୁ ଉପରେ ଆୟୋଜିତ ଏହି ସମ୍ମିଳନୀରେ ନେଫ୍ରୋଲୋଜି କ୍ଷେତ୍ରରେ ଉଦୀୟମାନ ନୂତନ ପ୍ରଯୁକ୍ତି, ଚିକିତ୍ସା ପଦ୍ଧତି ଓ ଆଧୁନିକ ଉଦ୍ଭାବନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଉଦ୍‌ଘାଟନୀ ଅଭିଭାଷଣ ଦେଇ ଡା. ନିକୁଞ୍ଜ କିଶୋର ରାଉତ କହିଲେ, ନେଫ୍ରୋଲୋଜି ବର୍ତ୍ତମାନ ଏକ ପରିବର୍ତ୍ତନଶୀଳ ପର୍ଯ୍ୟାୟ ଦେଇ ଗତି କରୁଛି। ପାରମ୍ପରିକ ଡାଏଲିସିସ୍ ଓ କିଡ଼ନୀ ପ୍ରତିରୋପଣ ଚିକିତ୍ସାର ସୀମା ଟପି ଏହି କ୍ଷେତ୍ର ଏବେ ପ୍ରିସିଜନ୍ ମେଡିସିନ୍ ଏବଂ ପ୍ରଯୁକ୍ତିନିର୍ଭର ଚିକିତ୍ସା ଆଡ଼କୁ ଅଗ୍ରସର ହେଉଛି। ସେ ଜିନୋମିକ୍ସ, କୃତ୍ରିମ ବୁଦ୍ଧିମତ୍ତା, ନୂତନ ଇମ୍ୟୁନୋଥେରାପି, ନେକ୍ସଟ୍-ଜେନେରେସନ୍ ଡାଏଲିସିସ୍ ପ୍ରଯୁକ୍ତି ସହିତ ଏସଜିଏଲଟି ୨ ଇନହିବିଟର୍ସ, ନନ୍-ଷ୍ଟେରଏଡାଲ୍ ଏମଆରଏ ଓ ଏଚଆଇଏଫ ଇନହିବିଟର୍ସ ଭଳି ନୂତନ ଔଷଧ ବର୍ଗର ଅଗ୍ରଗତି ଚିକିତ୍ସା ପଦ୍ଧତିକୁ କିପରି ନୂଆ ଦିଗ ଦେଉଛି, ସେ ସମ୍ପର୍କରେ ଆଲୋକପାତ କରିଥିଲେ। କେଏନସି ୩.୦ର ସାଇଣ୍ଟିଫିକ କାର୍ଯ୍ୟକ୍ରମରେ ନେଫ୍ରୋପାଥି ଓ ଲୁପସ୍ ନେଫ୍ରାଇଟିସ୍ ଭଳି ଗ୍ଲୋମେରୁଲାର ରୋଗ, ନେଫ୍ରୋଜେନେଟିକ୍ସ, କ୍ରୋନିକ୍ କିଡ଼ନୀ ଡିଜିଜ୍ ପରିଚାଳନାରେ ନୂତନ ପଦକ୍ଷେପ, ଟ୍ରାନ୍ସପ୍ଲାଣ୍ଟ ଇମ୍ୟୁନୋଲୋଜି ଏବଂ ନୂତନ ଚିକିତ୍ସା ପଦ୍ଧତି ଭଳି ବିଭିନ୍ନ ବିଷୟରେ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ବିଶେଷଜ୍ଞଙ୍କ ଅଭିଭାଷଣ, କେସ୍ ଆଧାରିତ ଆଲୋଚନା, ଇଣ୍ଟରଆକ୍ଟିଭ୍ ଏକାଡେମିକ୍ ସେସନ୍ ଏବଂ ହ୍ୟାଣ୍ଡସ୍-ଅନ୍ କର୍ମଶାଳା ମାଧ୍ୟମରେ ଜ୍ଞାନ ଓ ଅନୁଭୂତି ବିନିମୟ ପାଇଁ ଏକ ବ୍ୟାପକ ମଞ୍ଚ ସୃଷ୍ଟି ହୋଇଥିଲା। ଦେଶର ବିଭିନ୍ନ ପ୍ରମୁଖ ଚିକିତ୍ସା ଓ ଗବେଷଣା ପ୍ରତିଷ୍ଠାନରୁ ଖ୍ୟାତନାମା ବିଶେଷଜ୍ଞମାନେ ବକ୍ତା ଓ ଅଧ୍ୟକ୍ଷ ଭାବେ ଯୋଗଦେଇ ଅତ୍ୟାଧୁନିକ ଗବେଷଣା ଓ କ୍ଲିନିକାଲ୍ ଚିକିତ୍ସା ପଦ୍ଧତି ସମ୍ପର୍କରେ ନିଜର ଅଭିଜ୍ଞତା ଓ ମତାମତ ରଖିଥିଲେ। ଉଦ୍‌ଘାଟନୀ ଅଧିବେଶନରେ କିମ୍ସ ପ୍ରତିଷ୍ଠାତାଙ୍କ ପରାମର୍ଶଦାତା ଡା. ଆର. ଏନ୍. ସାମନ୍ତ, ଉପକୁଳପତି ଡା. ସି.ବି.କେ. ମହାନ୍ତି, ଡିନ୍ ଓ କିମ୍ସ ମେଡିକାଲ କଲେଜ ଅଧ୍ୟକ୍ଷ ଡା. ଆର.ସି. ଦାସଙ୍କ ସମେତ ବିଶିଷ୍ଟ ବକ୍ତା, ପ୍ରତିନିଧି ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। କିମ୍ସ ନେଫ୍ରୋଲୋଜି ବିଭାଗ ବରିଷ୍ଠ ପ୍ରଫେସର ଡା. ଅଶ୍ୱିନୀ ପ୍ରସାଦ ପଟ୍ଟନାୟକ ଏବଂ ଡା. ସାଇନ୍ଥିଆ ସଞ୍ଜୀବନୀ ମଧ୍ୟ ସମ୍ମିଳନୀରେ ସକ୍ରିୟ ଭାବେ ଯୋଗଦେଇ ବିଭିନ୍ନ ଏକାଡେମିକ୍ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## 'ମେଟଲ ମିଟ୍ ୨୦୨୬' ପ୍ରତିଯୋଗିତା

# କ୍ୱିଜ୍ ଲଢ଼େଇରେ ସିନିୟର ବର୍ଗରେ ଚାମ୍ପିୟନ୍ ହେଲା ଆଇଆଇଟି ଖଡ଼ଗପୁର




ଭୁବନେଶ୍ୱର,୯।୮ ନ୍ୟୁଜ ବ୍ୟୁରୋ

ଦୈନିକ ଇଂଲିଶ୍ ଖବରକାଗଜ 'ଓଡ଼ିଶା ପୋଷ୍ଟ' ପକ୍ଷରୁ ଭୁବନେଶ୍ୱର ସ୍ଥିତ ସ୍ୱସ୍ତି ପ୍ରିମିୟମ ହୋଟେଲଠାରେ କୁଇଜ୍ ପ୍ରତିଯୋଗିତା 'ମେଟଲ୍ ମିଟ୍-୨୦୨୬'ର ଗ୍ରାଣ୍ଡ ଫାଇନାଲ୍ସ ରବିବାର ଅନୁଷ୍ଠିତ ହୋଇଯାଇଛି। ଜୁନିୟର ବର୍ଗରେ ୟୁନିଟ୍-୮ ଡିଏଭି ପବ୍ଲିକ ସ୍କୁଲ ଏବଂ ସିନିୟର ବର୍ଗରେ ଆଇଆଇଟି ଖଡ଼ଗପୁର ଚାମ୍ପିୟନ ହୋଇଛନ୍ତି। ସେହିପରି ଜୁନିୟର ବର୍ଗରେ ମଦର୍ସ ପବ୍ଲିକ ସ୍କୁଲ ପ୍ରଥମ ରନର୍ସଅପ୍ ଓ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ଦ୍ୱିତୀୟ ରନର୍ସଅପ୍ ହୋଇଛନ୍ତି। ଅନୁରୂପ ଭାବେ ସିନିୟର ବର୍ଗରେ ଆଇଆଇଟି ଗୁଆହାଟୀ ପ୍ରଥମ ରନର୍ସଅପ୍ ଏବଂ ଏନ୍‌ଏଲୟୁଓ ଦ୍ୱିତୀୟ ରନର୍ସଅପ ହୋଇଛନ୍ତି। ଉଭୟ ବର୍ଗର ଚାମ୍ପିୟନଙ୍କୁ ୧ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ରାଶି ପ୍ରଦାନ କରାଯାଇଛି। ସେହିପରି ପ୍ରଥମ ରନର୍ସଅପ୍‌ଙ୍କୁ ୫୦ହଜାର ଓ ଦ୍ୱିତୀୟ ରନର୍ସଅପ୍‌ଙ୍କୁ ୨୫ହଜାର ଟଙ୍କା ଲେଖାଏ ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଚଳିତ ଥର ଥିଲା 'ମେଟଲ ମିଟ୍'ର ଦଶମ ସଂସ୍କରଣ। ଶନିବାର ଓ ରବିବାର ଦୁଇଦିନ ଧରି ଅନୁଷ୍ଠିତ କୁଇଜ୍ ପ୍ରତିଯୋଗିତାରେ ଏଥର ମଧ୍ୟ ରାଜ୍ୟ ବାହାରୁ ବିଶେଷକରି ପୂର୍ବାଞ୍ଚଳ ଜୋନ୍‌ରୁ ଅଂଶଗ୍ରହଣକାରୀମାନେ ସାମିଲ ହୋଇଥିଲେ। ଏଥିରେ ଜୁନିୟର ଓ ସିନିୟରଙ୍କୁ ମିଶାଇ ମୋଟ ୮୦ଟି ଦଳ ଭାଗ ନେଇଥିଲେ। ଜୁନିୟରରେ ରାଜ୍ୟ ଭିତରୁ ୩୯ଟି ଟିମ୍ ସାମିଲ ହୋଇଥିବାବେଳେ ସିନିୟର ବର୍ଗରେ ରାଜ୍ୟ ଓ ରାଜ୍ୟ ବାହାରକୁ ମିଶାଇ ୪୧ଟି ଦଳ ଅଂଶଗ୍ରହଣ କରିଥିଲେ। ଶନିବାର ଅନୁଷ୍ଠିତ ପ୍ରିଲିମ୍ସରେ ଉଭୟ ବର୍ଗରୁ ୮ଟି ଲେଖାଏ ଟିମ୍ ଗ୍ରାଣ୍ଡ ଫାଇନାଲ୍ସକୁ ଉନ୍ନୀତ ହୋଇଥିଲେ। ରବିବାର ଅପରାହ୍ନରୁ ପ୍ରଥମେ ଜୁନିୟର ବର୍ଗର ଗ୍ରାଣ୍ଡ ଫାଇନାଲ୍ସ ଆରମ୍ଭ ହୋଇଥିଲା। କୁଇଜ ମାଷ୍ଟର ଅଜୟ ପୁନିଆ ଉଭୟ ବର୍ଗର ୮ଟି ଦଳର ଅଂଶଗ୍ରହଣକାରୀଙ୍କ ପାଇଁ ୫ଟି ପର୍ଯ୍ୟାୟରେ ବିଭିନ୍ନ ବିଷୟବସ୍ତୁ ଉପରେ ଆଧାରିତ ପ୍ରଶ୍ନମାନ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥି ମେଟଲ ମିଟ୍‌ର ଆଭିମୁଖ୍ୟ ବିଷୟରେ କହିବା ସହିତ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ସେ କହିଥିଲେ ଯେ, ଏହି କୁଇଜ୍ ଏକ ଦଶନ୍ଧି ପୂରଣ କରିଛି। ଯୁବପିଢ଼ି ମଧ୍ୟରେ କୁଇଜ୍ ପ୍ରତି ଆଗ୍ରହ ଓ ଉତ୍ସୁକତା ବଢ଼ାଇବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ଏହି ପ୍ରୟାସ ଆଜି ଛାତ୍ରଛାତ୍ରଙ୍କର ଏକ ପ୍ରିୟ ମଞ୍ଚରେ ପରିଣତ ହୋଇଛି। 'ଧରିତ୍ରୀ' ଓ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଦ୍ୟାଶା ସତପଥି କହିଥିଲେ ଯେ, ୨୦୧୬ରେ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ଏବେ ଜାତୀୟସ୍ତରରେ ନିଜର ପରିସର ବୃଦ୍ଧି କରି ନୂଆ ଦଶନ୍ଧିରେ ପ୍ରବେଶ କରୁଛି। ପ୍ରତିଯୋଗିତା ପ୍ରତି ମିଳୁଥିବା ବ୍ୟାପକ ସମର୍ଥନ ଓ ଉତ୍ସାହ ଏହାକୁ ଦେଶବ୍ୟାପୀ ଟିମ୍‌ଗୁଡିକ ପାଇଁ ଉନ୍ମୁକ୍ତ କରିବାକୁ ପ୍ରେରଣା ଦେଇଛି। କାର୍ଯ୍ୟକ୍ରମକୁ ମାନ୍‌ସୀ ମିଶ୍ର ଉପସ୍ଥାପନା କରିଥିଲେ।

# ମର୍ମନ୍ତୁଦ ସଡ଼କ ଦୁର୍ଘଟଣା : ଟ୍ରକ୍ ଧକ୍କାରେ ବାପା-ପୁଅ ମୃତ

ବରଗଡ, ୯/୦୮ ନ୍ୟୁଜ ବ୍ୟୁରୋ

ସୋହେଲା ସହର ଦେଇ ଯାଇଥିବା ଜାତୀୟ ରାଜପଥରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ଦୀର୍ଘଦିନ ଧରି ଅସନ୍ତୋଷ ରହିଥିବା ବେଳେ ଘଟିଥିବା ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଅଞ୍ଚଳବାସୀଙ୍କୁ ସ୍ତବ୍ଧ କରିଦେଇଛି। ଟ୍ରକ୍ ଧକ୍କାରେ ଗୋଟିଏ ପରିବାରର ବାପା-ପୁଅଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସୋହେଲାର ରୋଶନ ଅଗ୍ରୱାଲ (୪୮) ଓ ତାଙ୍କ ୧୨ ବର୍ଷୀୟ ପୁଅ ତରୁଣ। ଘଟଣା ପରେ ସୋହେଲାରେ ଉତ୍ତେଜନା ପ୍ରକାଶ ପାଇବା ସହ ସ୍ଥାନୀୟ ଲୋକେ ରାସ୍ତାରୋକ କରିଥିଲେ। ରାତି ପ୍ରାୟ ୧୨ଟା ପର୍ଯ୍ୟନ୍ତ ରାସ୍ତାରୋକ ଚାଲିଥିଲା। ପ୍ରଶାସନ ଓ ପୁଲିସ ଅଧିକାରୀଙ୍କ ହସ୍ତକ୍ଷେପ ଏବଂ ଲିଖିତ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା। ସୂଚନା ଅନୁସାରେ, ରୋଶନ ତାଙ୍କ ପୁଅ ତରୁଣଙ୍କୁ ସାଙ୍ଗରେ ନେଇ ସ୍କୁଟି ଯୋଗେ ଥାନା ଛକ ପଟରୁ ମୁଖ୍ୟ ଛକ ଅଭିମୁଖେ ଯାଉଥିଲେ। ଏହି ସମୟରେ ପଛପଟୁ ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ୍ ସେମାନଙ୍କ ସ୍କୁଟିକୁ ଧକ୍କା ଦେଇଥିଲା। ଦୁର୍ଘଟଣାର ତୀବ୍ରତା ଏତେ ଅଧିକ ଥିଲା ଯେ ଟ୍ରକ୍‌ଟି ସ୍କୁଟିକୁ ଥାନା ଛକରୁ ଡାକବଙ୍ଗଳା ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିବା ଜଣାପଡ଼ିଛି। ଦୁର୍ଘଟଣାରେ ତରୁଣଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା। ଅନ୍ୟପକ୍ଷରେ ଗୁରୁତର ଆହତ ରୋଶନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ପ୍ରଥମେ ସୋହେଲା ଡାକ୍ତରଖାନାକୁ ନେଇଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପରେ ବରଗଡ଼ର ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୦୯/୦୮/୨୦୨୬
୩,୯୨,୪୮୯/- ଟଙ୍କା
ସୁନା:- ଶୂନ୍ୟ
ରୂପା:- ୦୮ ଗ୍ରାମ୍ ୭୦୦ମିଲିଗ୍ରାମ୍

## ଶଙ୍ଖ ଭବନରେ ବିଶ୍ୱ କ୍ରାନ୍ତି ଓ ଆଦିବାସୀ ଦିବସ ପାଳିତ

# ୧୬୯ ଜନଜାତି ଗୋଷ୍ଠୀକୁ ଏସ୍‌ଟି ମାନ୍ୟତା ଦାବି ଦୋହରାଇଲେ ନବୀନ




ଭୁବନେଶ୍ୱର, ୯/୦୮ ନ୍ୟୁଜ ବ୍ୟୁରୋ

ଓଡ଼ିଶାର ୧୬୯ଟି ଜନଜାତି ଗୋଷ୍ଠୀକୁ ଅନୁସୂଚିତ ଜନଜାତି ତାଲିକାରେ ସାମିଲ କରିବା ଦାବି ଦୋହରାଇଛନ୍ତି ବିଜୁ ଜନତା ଦଳ (ବିଜେଡି) ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏହି ଦାବି ହାସଲ ପାଇଁ ବିଜେଡିର ଉଦ୍ୟମ ଜାରି ରହିବ ବୋଲି ସେ କହିଛନ୍ତି। ବିଜେଡି ପକ୍ଷରୁ ରବିବାର ଭୁବନେଶ୍ୱରସ୍ଥିତ ଶଙ୍ଖ ଭବନରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଛି। ଏହି ଅବସରରେ ଅଗଷ୍ଟ କ୍ରାନ୍ତି ଦିବସର ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଥିଲେ ଯେ, 'ଆଦିବାସୀ ଭାଇଭଉଣୀଙ୍କ ଅଧିକାର, ସମ୍ମାନ ଓ ସାଂସ୍କୃତିକ ସୁରକ୍ଷା ପାଇଁ ବିଜେଡି ସବୁବେଳେ ଦୃଢ଼ ଭାବେ ସେମାନଙ୍କ ସହ ରହିଆସିଛି।' ବିଜେଡିକୁ ସେ ଜନଜାତି ସମ୍ପ୍ରଦାୟର 'ଶ୍ରେଷ୍ଠ ବନ୍ଧୁ' ଭାବେ ଅଭିହିତ କରିଥିଲେ। ଶ୍ରୀ ପଟ୍ଟନାୟକ କହିଥିଲେ, 'ବିଜେଡି ସରକାର ସମୟରେ ଜନଜାତି ବର୍ଗର ବିକାଶ ପାଇଁ ଅନେକ ଯୁଗାନ୍ତକାରୀ ପଦକ୍ଷେପ ନିଆଯାଇଥିଲା। ଉଚ୍ଚଶିକ୍ଷା, ଜୀବନଜୀବିକା ଓ ସାମାଜିକ ବିକାଶ ସହ ସେମାନଙ୍କୁ ଯୋଡ଼ିବା ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହୋଇଥିଲା। ପଞ୍ଚାୟତକୁ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଅଧିକାର, ହଜାର ହଜାର ହଷ୍ଟେଲ, ଉଚ୍ଚଶିକ୍ଷା ପାଇଁ 'ଅନ୍ୱେଷା' କାର୍ଯ୍ୟକ୍ରମ ଏବଂ ଜଙ୍ଗଲ ଜମି ଅଧିକାର ଭଳି ପଦକ୍ଷେପ ଆଦିବାସୀଙ୍କ ସଶକ୍ତିକରଣରେ ସହାୟକ ହୋଇଥିଲା ।' ସେହିପରି ଆଦିବାସୀ କଳା, ସଂସ୍କୃତି ଓ ପରମ୍ପରାର ସୁରକ୍ଷା ପାଇଁ ବିଜେଡି ସରକାର ସମୟରେ ଆରମ୍ଭ ହୋଇଥିବା ସ୍ପେଶାଲ ଡେଭଲପମେଣ୍ଟ କାଉନସିଲ ପଦକ୍ଷେପକୁ ଶ୍ରୀ ପଟ୍ଟନାୟକ ଉଲ୍ଲେଖ କରିଥିଲେ। ୨୩ଟି ଜିଲ୍ଲାରେ ଏହି ପରିଷଦ ଆଦିବାସୀଙ୍କୁ ବିକାଶର ସମାନ ଅଂଶୀଦାର କରିବା ସହ ସେମାନଙ୍କ ପବିତ୍ରସ୍ଥଳୀ, କଳା, ହସ୍ତଶିଳ୍ପ, ସଙ୍ଗୀତ ଓ ପରମ୍ପରାର ସୁରକ୍ଷାରେ ସେମାନଙ୍କୁ ଅଗ୍ରଣୀ ହେବାର ସୁଯୋଗ ଦେଇଥିଲା ବୋଲି ସେ କହିଥିଲେ। ଜନଜାତି ସମ୍ପ୍ରଦାୟର ଜ୍ଞାନ ଓ ପାରମ୍ପରିକ ଜ୍ଞାନକୁ ସମ୍ମାନ ଦେବା ସହ ସେମାନଙ୍କ ସଂସ୍କୃତିର ସୁରକ୍ଷା ପାଇଁ ନିଷ୍ଠାର ସହ କାମ କରିବାକୁ ଶ୍ରୀ ପଟ୍ଟନାୟକ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଜନଜାତିଙ୍କୁ ସଶକ୍ତ କରି ସେମାନଙ୍କ ନିଜ ମାଟିରେ ସମ୍ମାନର ସହ ବଞ୍ଚିବାର ସୁଯୋଗ ସୃଷ୍ଟି କରିବା ବିଜେଡି ସରକାର ନୀତିର କେନ୍ଦ୍ରବିନ୍ଦୁ ଥିଲା ବୋଲି ସେ କହିଥିଲେ। ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଦଳର ବହୁ ବରିଷ୍ଠ ନେତା, ନେତୃବୃନ୍ଦ ଓ ଜନଜାତି ବର୍ଗର ପ୍ରତିନିଧିମାନେ ଏଥିରେ ଉପସ୍ଥିତ ଥିଲେ।

## ଜେଲ୍ ସଂସ୍କାର ନେଇ ହାଇକୋର୍ଟଙ୍କ ମାମଲା

# ବିସ୍ତୃତ ରିପୋର୍ଟ ଦାଖଲ ଲାଗି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ

କଟକ, ୦୯/୮ ନ୍ୟୁଜ ବ୍ୟୁରୋ

ଜେଲ୍ ସଂସ୍କାର ନେଇ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ପରେ ଓଡ଼ିଶା ହାଇକୋର୍ଟ ନିଜ ଆଡ଼ୁ ମାମଲା ରୁଜୁ କରିଥିଲେ । ଏଥିରେ ରାଜ୍ୟ ସରକାର ଜବାବ ଦାଖଲ କରି ଜେଲ୍ ସଂସ୍କାର, ମୁକ୍ତାକାଶ ସଂସ୍କାର କେନ୍ଦ୍ରର ପରିଚାଳନା ପାଇଁ ମନିଟରିଂ ବା ନିରୀକ୍ଷଣ କମିଟି ଗଠନ କରାଯାଇଛି ବୋଲି ଅଦାଲତଙ୍କୁ ଅବଗତ କରିଥିଲେ। ଏହି ଜବାବ ପରେ ହାଇକୋର୍ଟ ଏହି କମିଟି କିଭଳି ଭଲ ଭାବେ କାର୍ଯ୍ୟ କରିପାରିବ ସେଥିପାଇଁ ଆବଶ୍ୟକ ଭିତ୍ତିଭୂମି, ମାନବସମ୍ବଳ ଆଦି ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ନିଆଯାଇଥିବା ପଦକ୍ଷେପ ସଂକ୍ରାନ୍ତ ଏକ ବିସ୍ତୃତ ଷ୍ଟାଟସ୍ ରିପୋର୍ଟ ଦାଖଲ ଲାଗି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ବିଚାରପତି ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଜେଲ୍ ସଂସ୍କାର ପାଇଁ ସମସ୍ତ ରାଜ୍ୟ ସରକାର, କେନ୍ଦ୍ର ଶାସିତ ରାଜ୍ୟଗୁଡିକ ପଦକ୍ଷେପ ନେବାକୁ ସୁପ୍ରିମ୍‌କୋର୍ଟ ଗତ ଫେବ୍ରୁୟାରୀ ୨୬ରେ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ହାଇକୋର୍ଟ ରେଜିଷ୍ଟ୍ରାର(ଜୁଡିସିଆଲ୍)ଙ୍କ ପକ୍ଷରୁ ମାମଲା ରୁଜୁ କରାଯାଇଥିଲା । ଗୃହ ବିଭାଗ ଜବାବରେ ଜଣାଇଥିଲା ଯେ, ଜେଲ୍ ସଂସ୍କାର ତଥା ମୁକ୍ତାକାଶ ସଂସ୍କାର କେନ୍ଦ୍ର (ଓପନ୍ କରେକ୍ସନାଲ୍ ଇନ୍‌ଷ୍ଟିଚ୍ୟୁସନ୍‌ସ) ପରିଚାଳନା ପାଇଁ ମନିଟରିଂ କମିଟି ଗଠନ କରାଯାଇଛି ।

# ପିଜି ପ୍ରବେଶର ପ୍ରଥମ ମେଧା ତାଲିକା ପ୍ରକାଶ: ୨୧,୧୨୧ ଛାତ୍ରଛାତ୍ରୀ ମନୋନୀତ

ଭୁବନେଶ୍ୱର, ୯/୦୮ ନ୍ୟୁଜ ବ୍ୟୁରୋ

ପିଜି ପାଠ୍ୟକ୍ରମରେ ପ୍ରଥମ ପର୍ଯ୍ୟାୟ ପ୍ରବେଶ ପାଇଁ ପ୍ରଥମ ଚୟନ ମେଧା ତାଲିକା ପ୍ରକାଶ ପାଇଛି। ଚଳିତ ଶିକ୍ଷାବର୍ଷରେ ପିଜି ପ୍ରବେଶ ପ୍ରକ୍ରିୟାରେ ୧୩୫ଟି ଉଚ୍ଚଶିକ୍ଷା ପ୍ରତିଷ୍ଠାନ (ଏଚ୍‌ଇଆଇ) ଅଂଶଗ୍ରହଣ କରିଛନ୍ତି। ଏଥିରେ ୨୧ଟି ବିଶ୍ୱବିଦ୍ୟାଳୟ ଓ ୧୧୪ଟି କଲେଜ ସାମିଲ ଅଛି। ମୋଟ ୩୨,୫୬୩ଟି ପିଜି ଆସନ ପାଇଁ ନାମଲେଖା ନିମନ୍ତେ ୫୮,୬୧୩ ଜଣ ଆବେଦନକାରୀ ଆବେଦନ କରିଥିଲେ। ସେଥିରୁ ୫୦,୯୦୧ ଜଣ ଯୋଗ୍ୟ ଆବେଦନକାରୀଙ୍କୁ ଚୟନ ପ୍ରକ୍ରିୟା ପାଇଁ ବିଚାରକୁ ନିଆଯାଇଥିଲା। ଆବେଦନକାରୀମାନେ ନିଜ ନିଜ ପସନ୍ଦ ଲକିଂ ପ୍ରକ୍ରିୟା ମଧ୍ୟ ସମାପ୍ତ କରିଥିଲେ। ପ୍ରଥମ ପର୍ଯ୍ୟାୟ ଚୟନରେ ମୋଟ ୨୧,୧୨୧ ଜଣ ଛାତ୍ରଛାତ୍ରୀ ମନୋନୀତ ହୋଇଛନ୍ତି। ଏଥିରେ ୬,୯୧୮ ଜଣ ପୁରୁଷ, ୧୪,୨୦୨ ଜଣ ମହିଳା ଏବଂ ଜଣେ ଟ୍ରାନ୍ସଜେଣ୍ଡର ଆବେଦନକାରୀ ରହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ମନୋନୀତ ଆବେଦନକାରୀଙ୍କ ପାଇଁ ପ୍ରବେଶ ପ୍ରକ୍ରିୟା ସମ୍ପର୍କରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ଯେଉଁ ଆବେଦନକାରୀ 'ଫ୍ରିଜ୍'ବିକଳ୍ପ ବାଛିବେ, ସେମାନଙ୍କୁ ଅନଲାଇନ୍‌ରେ ପ୍ରବେଶ ଫି' ପୈଠ କରିବାକୁ ହେବ। ଏହାପରେ ଇଣ୍ଟିମେସନ୍ ଲେଟର ଡାଉନଲୋଡ୍ କରିବାକୁ ପଡ଼ିବ। ଇଣ୍ଟିମେସନ୍ ଲେଟର ଡାଉନଲୋଡ୍ କରିବା ପରେ ମନୋନୀତ ଛାତ୍ରଛାତ୍ରୀଙ୍କୁ ୧୧ ଅଗଷ୍ଟ ପର୍ଯ୍ୟନ୍ତ ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ମଧ୍ୟରେ ନିର୍ଦ୍ଧାରିତ ଶିକ୍ଷାନୁଷ୍ଠାନରେ ରିପୋର୍ଟ କରି ପ୍ରବେଶ ସମ୍ବନ୍ଧୀୟ ପ୍ରକ୍ରିୟା ସମାପ୍ତ କରିବାକୁ ହେବ। ତେବେ ଛୁଟିଦିନରେ ଏହି ପ୍ରକ୍ରିୟା ଲାଗୁ ହେବ ନାହିଁ। ଅନ୍ୟପକ୍ଷରେ, ଯେଉଁ ମନୋନୀତ ଆବେଦନକାରୀ 'ସ୍ଲାଇଡ୍' କିମ୍ବା 'ଫ୍ଲୋଟ୍' ବିକଳ୍ପ ବାଛିବେ, ସେମାନଙ୍କୁ ମଧ୍ୟ ଅନଲାଇନ୍‌ରେ ପ୍ରବେଶ ଫି' ପୈଠ କରିବାକୁ ପଡ଼ିବ। ତେବେ ଏହି ପର୍ଯ୍ୟାୟରେ ସେମାନଙ୍କୁ ଇଣ୍ଟିମେସନ୍ ଲେଟର ମିଳିବ ନାହିଁ। ଏଥିପାଇଁ ସେମାନଙ୍କୁ ଏବେ ଶିକ୍ଷାନୁଷ୍ଠାନରେ ରିପୋର୍ଟ କରିବାର ମଧ୍ୟ ଆବଶ୍ୟକତା ନାହିଁ। ସେମାନେ ପରବର୍ତ୍ତୀ ଅର୍ଥାତ୍ ଦ୍ୱିତୀୟ ପର୍ଯ୍ୟାୟ ଚୟନ ପ୍ରକ୍ରିୟା ପାଇଁ ଅପେକ୍ଷା କରିବେ। ସୂଚନା ଅନୁସାରେ ୭ ବିଶ୍ୱବିଦ୍ୟାଳୟ ଓ ୮ ସରକାରୀ କଲେଜର ୧୫ ପ୍ରତିଷ୍ଠାନରେ ଶିକ୍ଷାଦାନ ଆରମ୍ଭ ହୋଇଥିବା ଜଣାପଡ଼ିଛି। ସେହିପରି ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ଇଣ୍ଟିଗ୍ରେଟେଡ୍ ଟିଚର ଏଜୁକେସନ୍ ପ୍ରୋଗ୍ରାମ ବା ଆଇଟିଇପି ପାଠ୍ୟକ୍ରମର ପ୍ରଥମ ବର୍ଷ ମଧ୍ୟ ପାଠପଢ଼ା ଆରମ୍ଭ ହୋଇଛି। ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ୭ଟି ବିଶ୍ୱବିଦ୍ୟାଳୟ ଓ ୮ଟି ସରକାରୀ ମହାବିଦ୍ୟାଳୟ ଅର୍ଥାତ୍ ମୋଟ ୧୫ଟି ଉଚ୍ଚଶିକ୍ଷାନୁଷ୍ଠାନରେ ଆଇଟିଇପିର ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହୋଇଛି। ଓଡ଼ିଶାରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଜାତୀୟ ଶିକ୍ଷା ନୀତି-୨୦୨୦ ପ୍ରଣୟନ ପରେ ଇଣ୍ଟିଗ୍ରେଟେଡ୍ ଟିଚର ଏଜୁକେସନ୍ ପ୍ରୋଗ୍ରାମକୁ ଆରମ୍ଭ କରାଯାଇଛି। ପୂର୍ବରୁ ସ୍ନାତକ ଶିକ୍ଷା ପରେ ୨ ବର୍ଷର ବି.ଇଡି ଡିଗ୍ରୀ ହାସଲ କରିବାକୁ ଛାତ୍ରଛାତ୍ରୀଙ୍କୁ ମୋଟ ୫ ବର୍ଷ ସମୟ ଲାଗୁଥିଲା। କିନ୍ତୁ ବର୍ତ୍ତମାନ ଆଇଟିଇପି ଲାଗୁ ହେବା ପରେ ଛାତ୍ରଛାତ୍ରୀମାନେ +୨ ପରେ ସିଧାସଳଖ ଏହି ପାଠ୍ୟକ୍ରମରେ ନାମ ଲେଖାଇପାରିବେ। ଏହାଦ୍ୱାରା ମାତ୍ର ୪ ବର୍ଷ ମଧ୍ୟରେ ସେମାନେ ନିଜର ଶିକ୍ଷକ ଶିକ୍ଷା ପାଠ୍ୟକ୍ରମ ସମାପ୍ତ କରିପାରିବେ। ଇଣ୍ଟିଗ୍ରେଟେଡ୍ ଟିଚର ଏଜୁକେସନ୍ ପ୍ରୋଗ୍ରାମ ପାଇଁ ଛାତ୍ରଛାତ୍ରୀଙ୍କୁ ଏନ୍‌ସିଇଟି ମାଧ୍ୟମରେ ଚୟନ କରାଯାଇଛି। ଶିକ୍ଷକ ଶିକ୍ଷା ପାଠ୍ୟକ୍ରମ ପାଇଁ ଶୈକ୍ଷିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁଯାୟୀ ଆଇଟିଇପିର ପାଠ୍ୟ ଖସଡ଼ା ମଧ୍ୟ ପ୍ରସ୍ତୁତ ହୋଇଛି। ଆଇଟିଇପି ପାଠ୍ୟକ୍ରମରେ ଛାତ୍ରଛାତ୍ରୀମାନେ ଦୁଇଟି ମେଜର ବିଷୟ ସହିତ ମାଇନର ବିଷୟ ମଧ୍ୟ ବାଛିପାରିବେ। ଏଥିସହ ଆଇଟିଇପି ପାଠ୍ୟକ୍ରମକୁ ଅଧିକ ମଲ୍ଟି-ଡିସିପ୍ଲିନାରୀ କରିବା ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି। ଜାତୀୟ ଶିକ୍ଷା ନୀତି-୨୦୨୦ର ଲକ୍ଷ୍ୟ ଅନୁଯାୟୀ ଶିକ୍ଷକ ଶିକ୍ଷାକୁ ଅଧିକ ସମନ୍ୱିତ, ବହୁବିଷୟଭିତ୍ତିକ ଓ ଆଧୁନିକ କରିବା ଦିଗରେ ଏହାକୁ ଏକ ପ୍ରମୁଖ ପଦକ୍ଷେପ ଭାବେ ନିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ ଗୋଟିଏ ପଟେ ପିଜି ପ୍ରବେଶର ପ୍ରଥମ ମେଧା ତାଲିକାରେ ୨୧,୧୨୧ ଜଣ ମନୋନୀତ ହୋଇଥିବା ବେଳେ, ଅନ୍ୟପଟେ ରାଜ୍ୟରେ ୧୫ଟି ଉଚ୍ଚଶିକ୍ଷାନୁଷ୍ଠାନରେ ନୂଆ ଇଣ୍ଟିଗ୍ରେଟେଡ୍ ଟିଚର ଏଜୁକେସନ୍ ପ୍ରୋଗ୍ରାମର ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହୋଇଛି। ଉଭୟ ପଦକ୍ଷେପ ରାଜ୍ୟର ଉଚ୍ଚଶିକ୍ଷା ଓ ଶିକ୍ଷକ ଶିକ୍ଷା ବ୍ୟବସ୍ଥାରେ ନୂଆ ଦିଗ ଖୋଲିବା ଆଶା କରାଯାଉଛି।



## ସଂଗ୍ରହ କରନ୍ତୁ! ସଂଗ୍ରହ କରନ୍ତୁ!

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com




## ସଂଗ୍ରହ କରନ୍ତୁ! ସଂଗ୍ରହ କରନ୍ତୁ!

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com